ବର୍ଷ-୨୬, ସଂଖ୍ୟା-୨୨୯
ଭୁବନେଶ୍ୱର
ଅଗଷ୍ଟ ୨୫, ୨୦୨୬ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 229
Bhubaneswar
August, 25 2026, Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

### ଜେନ୍ ଜିଙ୍କୁ ଧୋକା ଦେଇଛନ୍ତି ସରକାର !

## ସେପ୍ଟେମ୍ବର ୫ରେ ଆନ୍ଦୋଳନ ଡାକରା ଦେଲା ସିଜେପି



ନୂଆଦିଲ୍ଲୀ୨୪।୮(ମହାଭାରତ): ଦିଲ୍ଲୀର ଯନ୍ତରମନ୍ତରରେ ଆନ୍ଦୋଳନ କରି ଦେଶରେ ନୂଆ ସମ୍ଭାବନା ସୃଷ୍ଟି କରିଥିବା କକ୍ରୋଚ ଜନତା ପାର୍ଟି ବା ସିଜେପି ଆଜି ବଡ ଘୋଷଣା କରିଛି । ଦେଶର ଜେନ୍ ଜିଙ୍କୁ କେନ୍ଦ୍ର ସରକାର ଧୋକା ଦେଇଥିବା ଅଭିଯୋଗ କରିଛି ସିଜେପି । ଏଥିପାଇଁ ଦେଶର ଯୁବଗୋଷ୍ଠୀ ସିଜେପି ନେତୃତ୍ୱରେ ପୁଣି ବିକ୍ଷୋଭ ଶୋଭାଯାତ୍ରା କରିବେ । ଆସନ୍ତା ସେପ୍ଟେମ୍ବର ୫ରେ ଇଣ୍ଡିଆ ଗେଟ୍‌ରୁ ଶତାଧିକ ଯୁବକ ଶୋଭାଯାତ୍ରା କରି ଦିଲ୍ଲୀ ପୁଲିସ୍ ମୁଖ୍ୟାଳୟ ଅଭିମୁଖେ ଯିବେ ବୋଲି ଆଜି ସିଜେପି ଘୋଷଣା କରିଛି ।

ସିଜେପି ମୁଖପାତ୍ର ସୌରଭ ଦାସ ଏକ୍ସରେ ପ୍ରସ୍ତାବିତ ଶୋଭାଯାତ୍ରା ସଂପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ରହିବ ଓ ସେମାନେ ଜେନ ଜି, ଯୁବ ବିକ୍ଷୋଭକାରୀ ଓ ପ୍ରାଣ ହରାଇଥିବା ଶିକ୍ଷାର୍ଥୀଙ୍କ ସହ ଏପରି ବିଶ୍ୱାସଘାତକୁ ସହିବେ ନାହିଁ ବୋଲି କହିଛନ୍ତି ।

ଜୁଲାଇ ୨୫ରେ ନରେନ୍ଦ୍ର ମୋଦି ସରକାର ଶିକ୍ଷାର୍ଥୀଙ୍କ ଆନ୍ଦୋଳନ ସମୟରେ ଦେଇଥିବା ପ୍ରତିଶ୍ରୁତି ପୂରଣ କରିବାରେ ଆଦୌ ଗୁରୁତ୍ୱ ଦେଉ ନଥିବା ମଧ୍ୟ ସୌରଭ ଆଶଙ୍କା କରିଛନ୍ତି ।

ସେ କହିଛନ୍ତି, "ଜୁଲାଇ ୨୫ରେ ଦେଶର ଯୁବଗୋଷ୍ଠୀଙ୍କୁ ଭାରତ ସରକାର ଦେଇଥିବା ପ୍ରତିଶ୍ରୁତି ପାଳନ କରିବେ କି ନାହିଁ, ସେନେଇ ଜାତୀୟ କାର୍ଯ୍ୟକାରିଣୀ କମିଟି ସନ୍ଦେହ ପ୍ରକାଶ କରିଛି । ଏଥିପାଇଁ ଇଣ୍ଡିଆ ଗେଟ୍‌ରୁ ଦିଲ୍ଲୀ ପୁଲିସ୍ ମୁଖ୍ୟାଳୟ ଯାଏ ଗୋଟିଏ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରାର କରିବାକୁ ଡାକରା ଦିଆଯାଇଛି । ଏହି ଆନ୍‌ଦୋଳନର ନେତୃତ୍ୱ ପ୍ରାଣ ହରାଇଥିବା ନିଟ୍ ଆଶାୟୀଙ୍କ ପରିବାର ଲୋକ ଓ ଜୁଲାଇ ୨୦ ପୁଲିସ୍ ବର୍ବରତାର ସାମ୍ନା କରିଥିବା ଶିକ୍ଷାର୍ଥୀମାନେ ନେବେ ।" ପରୀକ୍ଷାରେ ଅନିୟମିତତା ଓ ନିଟ୍ ୟୁଜି ପ୍ରଶ୍ନ ଲିକ୍ ଘଟଣାରେ ସିଜେପି ଜୁନ ୨୦ରୁ ଯନ୍ତରମନ୍ତରରେ ଆନ୍ଦୋଳନ ଆରମ୍ଭ କରିଥିଲା । ଧୀରେଧୀରେ ଏହା ପୂରା ଦେଶରେ ତୀବ୍ର ହୋଇଥିଲା । ଜୁଲାଇ ୨୦ରେ ସିଜେପି ନେତୃତ୍ୱରେ ବିକ୍ଷୋଭ ଶୋଭାଯାତ୍ରା ସଂସଦ ଅଭିଯୋଗ ଯାଉଥିବା ବେଳେ ପୁଲିସ୍ ଲାଠିଚାର୍ଜ କରିଥିଲା ।

ଏଥିରେ ଅନେକ ଶିକ୍ଷାର୍ଥୀ ଆହତ ହୋଇଥିଲେ । ତଥାପି ସିଜେପି ଆନ୍ଦୋଳନ ବନ୍ଦ କରିନଥିଲା । ଶେଷରେ ଜୁଲାଇ ୨୫ରେ ଶିକ୍ଷା ମନ୍ତ୍ରୀ ପଦରୁ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦେଇଥିଲେ । ଧର୍ମେନ୍ଦ୍ରଙ୍କ ଇସ୍ତଫା ପରେ ସରକାର ସିଜେପିର ଦାବି ଗୁଡିକ ବିଚାର କରାଯିବ ବୋଲି ପ୍ରତିଶ୍ରୁତି ଦେବାରୁ ଆନ୍‌ଦୋଳନ ପ୍ରତ୍ୟାହାର ହୋଇଥିଲା । କିନ୍ତୁ ସରକାର ନିଜ ପ୍ରତିଶ୍ରୁତି ପୂରଣ କରି ନଥିବା ସିଜେପି ଅଭିଯୋଗ କରି ପୁଣି ଆନ୍ଦୋଳନର ଡାକରା ଦେଇଛି ।

## ବିପଦ ସଙ୍କେତ ଟପିଲା ବୈତରଣୀ



ଭଦ୍ରକ, ୨୪।୮(ମହାଭାରତ): ଲଗାଣ ବର୍ଷା ଯୋଗୁଁ ଭଦ୍ରକ ଜିଲ୍ଲା ଆଖୁଆପଦାଠାରେ ବୈତରଣୀ ନଦୀର ଜଳସ୍ତର ପୁଣି ବିପଦ ସଙ୍କେତ ଟପିଛି । ସୋମବାର ଅପରାହ୍ନ ୪ଟା ସୁଦ୍ଧା ଆଖୁଆପଦାଠାରେ ନଦୀର ଜଳସ୍ତର ୧୮.୩୬ ମିଟର ରେକର୍ଡ ହୋଇଛି । ଏଠାରେ ବିପଦ ସଙ୍କେତ ୧୮.୩୩ ମିଟର ରହିଛି । ଫଳରେ ବିପଦ ସଙ୍କେତଠାରୁ ୩ ସେଣ୍ଟିମିଟର ଉପରେ ପ୍ରବାହିତ ହେଉଛି ବୈତରଣୀ ।ଚଳିତ ବର୍ଷ ବୈତରଣୀର ଜଳସ୍ତର ବାରମ୍ବାର ବଢ଼ିବା ଚିନ୍ତାର କାରଣ ହୋଇଛି । ଷଷ୍ଠ ଥର ପାଇଁ ବୈତରଣୀ ବିପଦ ସଙ୍କେତ ଟପିଥିବା ଜଣାପଡ଼ିଛି । ନଦୀର ଉପରମୁଣ୍ଡରେ ବର୍ଷା ଜାରି ରହିଥିବାରୁ ଆଖୁଆପଦାରେ ଜଳସ୍ତର ଆହୁରି ବଢ଼ିବା ଆଶଙ୍କା ରହିଛି । ନବରଙ୍ଗପୁରଜିଲ୍ଲା କୋଷାଗୁମୁଡା ବ୍ଲକରେ ଲଗାଣ ବର୍ଷାଯୋଗୁ ଇନ୍ଦ୍ରାବତୀ ଓ ଭାସ୍କେଲ ନଦୀରେ ପାଣି ବୃଦ୍ଧି ପାଇବାରେ ଲାଗିଛି । ଗତ ରାତିରେ ଇନ୍ଦ୍ରାବତୀ ନଦୀରେ ପାଣି ବୃଦ୍ଧି ପାଇବା ଯୋଗୁ କୋଷାଗୁମୁଡା ବ୍ଲକର ନଦୀ କୂଳିଆ ଗ୍ରାମ କଣ୍ଟାଷରଗୁଡା ଓ ଘାଟଓ୍ୱାଲୀଗୁଡାର ୧୫୦୦ ଲୋକ ଜଳବନ୍ଦୀହୋଇ ରହିଛନ୍ତି । ଦୁଇ ଗ୍ରାମ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଉଛି

ଏବେ ସୁଦ୍ଧା କୌଣସି ପ୍ରଶାସନିକ ଅଧିକାରୀ ଗ୍ରାମରେ ପହଞ୍ଚି ନଥିବା ଗ୍ରାମବାସୀ କହିଛନ୍ତି । ଏହି ଭଳି ପ୍ରତିବର୍ଷ ଇନ୍ଦ୍ରାବତୀ ନଦୀରେ ପାଣି ବଢିଲେ ଦୁଇ ଗ୍ରାମ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଉଛି । ପାଣି ଶୀଘ୍ର ନକମିଲେ ଫସଲ ନଷ୍ଟ ହେଉଛି, ଏଥିରେ ଗ୍ରାମବାସୀଙ୍କ ଆର୍ଥିକ ମେରୁଦଣ୍ଡ ଭୁଶୁଡି ଯାଉଛି ।

## ସଂଶୋଧିତ ହେବ ଓଡିଶା ହିନ୍ଦୁ ଧାର୍ମିକ ଦେବୋତ୍ତର ଆଇନ

ଭୁବନେଶ୍ୱର, ୨୪।୮(ମହାଭାରତ): ରାଜ୍ୟରେ ମଠ, ମନ୍ଦିର ଓ ଧାର୍ମିକ ଅନୁଷ୍ଠାନଗୁଡିକର ପରିଚାଳନା ନିମନ୍ତେ ପ୍ରଚଳିତ ଓଡିଶା ହିନ୍ଦୁ ଧାର୍ମିକ ଦେବୋତ୍ତର ଆଇନ ୧୯୫୧ ସଂଶୋଧିତ ହେବ । ମଠ, ମନ୍ଦିରଗୁଡିକର ପରିଚାଳନା ନିମନ୍ତେ ସ୍ପଷ୍ଟ ଓ ନିର୍ଦ୍ଦିଷ୍ଟ ନୀତି ଓ ନିୟମ ନିର୍ଦ୍ଧାରଣ କରାଯିବ । ଆଜି ଏନେଇ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି ।

ଶ୍ରୀମନ୍ଦିରରେ ଭକ୍ତଙ୍କ ଧାଡ଼ି ଦର୍ଶନ ବ୍ୟବସ୍ଥାକୁ ଅଧିକ ସୁବ୍ୟବସ୍ଥିତ ଓ ଶୃଙ୍ଖଳିତ କରିବା ନେଇ ଆଜି ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି । ଆଇନ୍ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ଶ୍ରୀମନ୍ଦିର ଦର୍ଶନ ବ୍ୟବସ୍ଥା ସମ୍ପର୍କିତ ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଛି ।



ଆଜିର ଏହି ବୈଠକରେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଅଧ୍ୟକ୍ଷତା କରିଥିଲେ । ବୈଠକରେ ପ୍ରଚଳିତ ଆଇନରେ ଥିବା ବହୁ ଅନାବଶ୍ୟକ ଧାରା ଓ ଉପଧାରାକୁ ଯୁଗୋପଯୋଗୀ ଅନୁଯାୟୀ ସଂଶୋଧନ ନେଇ ଆଲୋଚନା ହୋଇଥିଲା । ଏଥି ସହିତ କମିଶନର, ଅତିରିକ୍ତ କମିଶନର ଏବଂ କ୍ଷମତାପ୍ରାପ୍ତ ଅଧିକାରୀଙ୍କ କ୍ଷମତା, କ୍ୟାଡର ପୁନର୍ଗଠନ, ଦେବୋତ୍ତର ବିଭାଗରେ ନୂଆ ନିଯୁକ୍ତି ସୃଷ୍ଟି ନେଇ ମଧ୍ୟ ଆଲୋଚନା ହୋଇଥିଲା । ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ହରିଚନ୍ଦନ କହିଛନ୍ତି ଯେ ଏହି ସଂଶୋଧିତ ଆଇନ କାର୍ଯ୍ୟକାରୀ ହେଲେ ମନ୍ଦିର, ମଠ ଏବଂ ଧାର୍ମିକ ଅନୁଷ୍ଠାନର ପ୍ରଶାସନିକ ଓ ଆର୍ଥିକ ସୁପରିଚାଳନା ଅଧିକ ସୁଦୃ ? ହୋଇପାରିବ । ଏହି ବୈଠକରେ ଲ'କମିଶନର ଜଷ୍ଟିସ୍‌ୟ ବିଶ୍ୱନାଥ ରଥ, ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ଡ. ପବିତ୍ର ମୋହନ ସାମଲ, ଦେବୋତ୍ତର କମିଶନର ସତ୍ୟ ନାରାୟଣ ଷଡଙ୍ଗୀ, ସ୍ୱତନ୍ତ୍ର ଶାସନ ସଚିବ ପ୍ରଣବ କୁମାର ପାତ୍ର, ଅତିରିକ୍ତ ଶାସନ ସଚିବ ଶିବ ପ୍ରସାଦ ମହାପାତ୍ର ଏବଂ ଅତିରିକ୍ତ ସରକାରୀ ଅଧିବକ୍ତା ମନ୍ମଥ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ଲୋକଙ୍କ ଅଭିଯୋଗ ଶୁଣିଲେ ମୁଖ୍ୟମନ୍ତ୍ରୀ

### ୧୯ ପାଳି ସୁଦ୍ଧା ୯୫ ପ୍ରତିଶତ ସମାଧାନ, ୧୬ ଜଣଙ୍କୁ ସାଢେ ୧୪ ଲକ୍ଷ ଟଙ୍କା ଚିକିତ୍ସା ସହାୟତା ପ୍ରଦାନ

ଭୁବନେଶ୍ୱର, ୨୪।୮(ମହାଭାରତ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବିଂଶତମ ଅଭିଯୋଗ ଶୁଣାଣି କରିଛନ୍ତି । ଭୁବନେଶ୍ୱର ୟୁନିଟ୍-୨ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣିବା ସହିତ ସମାଧାନ ମଧ୍ୟ କରିଛନ୍ତି । ଆଜି ୬୦୦ଟି ଅଭିଯୋଗ ଶୁଣାଣି ହୋଇଛି । ସେଥିମଧ୍ୟରୁ ୧୬ ଜଣ ଭିନ୍ନକ୍ଷମ ଓ ଜଟିଳ ରୋଗରେ ପୀଡ଼ିତ ବ୍ୟକ୍ତିଙ୍କୁ ତ୍ୱରିତ ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିବା ମୁଖ୍ୟମନ୍ତ୍ରୀ ସୋମବାର ସୂଚନା ଦେଇଛନ୍ତି । ସିଙ୍ଗଲ୍ ଓ୍ୱିଣ୍ଡୋ ମାଧ୍ୟମରେ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ ସେମାନଙ୍କ ଜଟିଳ ସ୍ୱାସ୍ଥ୍ୟ ସମସ୍ୟାକୁ ସାର୍ଟିଫାଏ କରିଥିଲେ । ଏହା ପରେ ମୋଟ ୧୪ ଲକ୍ଷ ୫୦ ହଜାର ଟଙ୍କାର ଚିକିତ୍ସା ସହାୟତା ପ୍ରଦାନ କରାଯାଇଛି ।



ମୁଖ୍ୟମନ୍ତ୍ରୀଙ୍କ ସୂଚନା ଆଧାରରେ ଏହା ପୂର୍ବରୁ ୧୯ଟି ଅଭିଯୋଗରେ ପ୍ରତ୍ୟକ୍ଷଭାବେ ୧୫, ୩୨୭ ଟି ଅଭିଯୋଗ ଆସିଥିବାବେଳେ ସେଥିରୁ ୧୪, ୫୧୯ଟି ଅର୍ଥାତ୍ ୯୫ ପ୍ରତିଶତ ଅଭିଯୋଗର ସମାଧାନ ହୋଇଛି । ପ୍ରତିଟି ଅଭିଯୋଗ ଉପରେ ଗୁରୁତ୍ୱ ଦିଆଯାଇ ତ୍ୱରିତ ସମାଧାନ କରାଯିବାକୁ ଚେଷ୍ଟା କରାଯାଉଛି । ତ୍ୱରିତ ସମାଧାନ ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଜିଲ୍ଲାସ୍ତରରେ ମଧ୍ୟରେ ଅଭିଯୋଗ ଶୁଣାଣି କରାଯାଉଛି । ୧ ଜୁଲାଇ ୨୦୨୪ରୁ ଆଜି ଯାଏ ମୋଟ ୨ ଲକ୍ଷ ୬୯ ହଜାର ୩୯୪ ଅଭିଯୋଗ ଆସିଥିବାବେଳେ ସେଥି ମଧ୍ୟରୁ ୨ ଲକ୍ଷ ୩୩ ହଜାର ୩୪୪ଟିର ସମାଧାନ ହୋଇଛି । ମୋଟ ଅଭିଯୋଗର ୮୭ ପ୍ରତିଶତ ଅଟେ । ଜିଲ୍ଲାସ୍ତରରେ ଅନେକ ସମସ୍ୟାର ସମାଧାନ ହୋଇଯାଉଥିବାରୁ ଲୋକଙ୍କୁ ଆଉ ଅଯଥା ହଇରାଣ ହେବାକୁ ପଡୁନାହିଁ । ପ୍ରଶାସନିକ ବ୍ୟବସ୍ଥାରେ ଏହି ପରିବର୍ତ୍ତନ ଫଳରେ ସରକାରଙ୍କ ଉପରେ ସାଧାରଣ ଲୋକଙ୍କ ଭରସା ଓ ଆସ୍ଥା ବହୁଗୁଣିତ ହୋଇଛି ।

ଲୋକଙ୍କ ସରକାର ସବୁବେଳେ ଲୋକଙ୍କ ସମାଧାନ କରିବାକୁ ନିରନ୍ତର ପ୍ରୟାସ ଜାରି ରଖିଛନ୍ତି । ବିଭାଗୀୟ ମନ୍ତ୍ରୀ ଏବଂ ଅଧିକାରୀମାନେ ସମସ୍ତ ଅଭିଯୋଗର ସମାଧାନ କରୁଛନ୍ତି । ଯେଉଁଗୁଡ଼ିକ ମାମଲା ଗୁଡ଼ିକ ପଡ଼ି ରହିଛି ତାହାକୁ ତଳୁ ଉପରୁ ଏବଂ ଉପରୁ ତଳ ସ୍ତର ଯାଏ କାମ କରାଯାଉଛି । ଖାଲି ସେତିକି ନହେଁ ପ୍ରାକୃତିକ ଦୁର୍ବିପାକ ସମୟରେ ମଧ୍ୟ ସରକାର ଆଗୁଆ ପ୍ରସ୍ତୁତ ରହି ଆଶୁ ସମାଧାନ କରୁଛନ୍ତି । ସରକାର ଏକ ସହାନୁଭୂତି, ସମବେଦନ ଓ ସହୃଦୟବାନ ହୋଇ କାମ କରୁଥିବାରୁ ଆମ ସରକାର ଆଜି ଲୋକଙ୍କର ଆସ୍ଥା ଭାଜନ ହୋଇପାରିଛନ୍ତି ଏବଂ ଆଗାମୀ ଦିନମାନଙ୍କରେ ମଧ୍ୟ ଅଭିଯୋଗ ପ୍ରକୋଷ୍ଠରେ ମନ୍ତ୍ରୀମଣ୍ଡଳ ସ୍ତରରେ ସମାଧାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି ।

ଆଜି ମୁଖ୍ୟମନ୍ତ୍ରୀଙ୍କ ସହିତ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଜଙ୍ଗଲ, ପରିବେଶ ଓ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢୀ, ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ଏବଂ ଅନ୍ୟ ବିଭାଗ ଗୁଡ଼ିକର ସଚିବ ସ୍ତରୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ ।

## ଛେନା, ପନୀର ଚଢଉରେ ୫ହଜାର କ୍ଷତିଗ୍ରସ୍ତ

ଭୁବନେଶ୍ୱର୨୪।୮(ମହାଭାରତ): : ଅପମିଶ୍ରିତ ଛେନା ଓ ପନୀର ଉପରେ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ଚଢଉ ଏବେ କଟକ ଓ ଭୁବନେଶ୍ୱରର ପ୍ରାୟ ୫ହଜାର ଛେନା ବ୍ୟବସାୟୀଙ୍କ ବେପାର ବୁଡାଇଲାଣି । ଛେନା ପ୍ରସ୍ତୁତି ସ୍ଥଳରେ ଏହା ଅପମିଶ୍ରଣ ହେଉଥିବାବେଳେ ସହରର ଛୋଟ ଛୋଟ ବ୍ୟବସାୟୀମାନେ କିନ୍ତୁ ଜୀବିକା ହରାଇବାରେ ଲାଗିଛନ୍ତି ।

ଦୁଇ ମହାନଗରୀରେ ଏବେ ଖାଦ୍ୟ ସୁରକ୍ଷା ଅଧିକାରୀମାନେ ଛେନା ଓ ପନୀର ଦୋକାନ ଉପରେ ଚଢଉ କରୁଛନ୍ତି । ପ୍ରଥମେ କଟକ ଓ ପରେ ଭୁବନେଶ୍ୱରରେ ଏହି ଚଢାଉରୁ କୁଇଣ୍ଟାଲ କୁଇଣ୍ଟାଲ ଅପମିଶ୍ରିତ ଛେନା ନଷ୍ଟ କରାଯାଉଛି । ଏଭଳି ଚଢାଉ ପରେ ଏବେ ଦୁଇ ସହରରେ ଥିବା ହଜାର ହଜାର ଛେନା ବ୍ୟବସାୟୀଙ୍କ ଦୋକାନ ବନ୍ଦ ହୋଇଗଲାଣି । ସେମାନେ ଆଉ ଭୟରେ ଛେନା ଆଣୁ ନାହାନ୍ତି କି ଯେଉଁମାନେ ଛେନା ଆଣୁଛନ୍ତି ସେମାନଙ୍କ ଠାରୁ ଲୋକେ ଛେନା କିଣୁ ନାହାନ୍ତି ।

ତେବେ ଛେନାର ଏଭଳିଅପମିଶ୍ରଣର ପ୍ରମୁଖ କାରଣ କମ୍ ? ଦାମ୍ ?ରେ ଛେନା ବିକ୍ରିବୋଲି ଦୁଗ୍ଧଚାଷୀ ମହସଂଘର ସଭାପତି ରବି ବେହେରା କହିଛନ୍ତି । ଶ୍ରୀ ବେହେରା କହିଛନ୍ତି ଯେ କେବଳ କଟକ ଓ ଭୁବନେଶ୍ୱରରେ ନୈକି ୮୦ ରୁ ୯୦ କୁଇଣ୍ଟାଲ ପନୀର ଓ ଛେନା ବିକ୍ରି ହେଉଛି । ହେଲେ ନିମାପଡା, କଣ୍ଟାପଡା, ନିଆଳି, ପିପିଲି ଆଦି ଅଞ୍ଚଳରୁ ଉତ୍ପାଦିତ ଦୁଗ୍ଧରୁ ଏତେ ପରିମାଣର ପନୀର ପ୍ରସ୍ତୁତ କରିବା ସମ୍ଭବପର ହେଉନାହିଁ । କାରଣ ସେହିସବୁ ଅଞ୍ଚଳର ବହୁ ଚାଷୀ ଉତ୍ପାଦିତ କ୍ଷୀରକୁ ଓମଫେଡ୍ ? ସହିତ ଅନ୍ୟାନ୍ୟ ସଂସ୍ଥାକୁ ବିକ୍ରିକରୁଛନ୍ତି । ତେଣୁ କିଛି ବ୍ୟବସାୟୀ ବଜାର ଚାହିଦାର



ସୁଯୋଗ ନେଇ ଅପମିଶ୍ରିତ ଛେନା ବଜାରକୁ ଛାଡୁଛନ୍ତି । ସେହିଭଳି ଓମଫେଡ୍ ସହିତ ଅନ୍ୟାନ୍ୟ ଦୁଗ୍ଧ ସାମଗ୍ରୀ ପ୍ରସ୍ତୁତ କରୁଥିବା କମ୍ପାନୀଗୁଡିକ ପନୀର କିଲୋ ପିଛା ପ୍ରାୟ ୪୦୦ ଟଙ୍କାରେ ବିକ୍ରିକରୁଥିବାବେଳେ ଖୋଲା ବଜାରରେ କିନ୍ତୁ ଏହା ୨୪୦ ରୁ ୨୬୦ ଟଙ୍କା ମଧ୍ୟରେ ବିକ୍ରି ହେଉଛି । ତେଣୁ ଅପମିଶ୍ରଣ ଏହା ଅନ୍ୟତମ କାରଣ ବୋଲି ଶ୍ରୀ ବେହେରା କହିଛନ୍ତି । କାରଣ ଦୁଗ୍ଧଚାଷୀମାନେ ଘର ନିକଟରେ ଏବେ କ୍ଷୀର ଲିଟର ୪୦ ରୁ ୫୦ ଟଙ୍କାରେ ବିକ୍ରିକରୁଥିବାବେଳେ ଏତେ ଶସ୍ତାରେ ଉନ୍ନତମାନର ପନୀର ପ୍ରସ୍ତୁତ ଆଦୌ ସମ୍ଭବପର ନୁହେଁ । ଲୋକେ ଶସ୍ତାରେ ପନୀର ଖରିଦ କରୁଥିବାବେଳେ ଅପମିଶ୍ରଣକାରୀମାନେ ଏହାର ଫାଇଦା ଉଠାଇବାରେ ଲାଗିଛନ୍ତି । ଓଡିଶାର ବିଭିନ୍ନ ସ୍ଥାନରେ ଅପମିଶ୍ରିତ ପନୀର ପ୍ରସ୍ତୁତ ହେବା ସହିତ ରାଜ୍ୟ ବାହାରୁ ମଧ୍ୟ ଓଡିଶା ବଜାରକୁ ନୈକି କୁଇଣ୍ଟାଲ କୁଇଣ୍ଟାଲ ପନୀର ପ୍ରବେଶ କରୁଛି ।

ଓଡିଶାରେ ଏବେ ରେକର୍ଡ ପରିମାଣର ଦୁଗ୍ଧ ଉତ୍ପାଦନ ହେଉଥିବାବେଳେ ତାହାକୁ ଓମଫେଡ୍ ? ସମେତ ଆଉ କେତେକ ଘରୋଇ କମ୍ପାନୀ ସିଧାସଳଖ ଚାଷୀଙ୍କ ଠାରୁ ଏହାକୁ ସଂଗ୍ରହ କରୁଛନ୍ତି । ଏହି କ୍ଷୀରରୁ ସେମାନେ କାରଖାନାରେ ପନୀର ସମେତ ଘିଅ, ଆଇସକ୍ରିମ୍ ?, ଗୁଣ୍ଡଦୁଗ୍ଧ ଆଦି ପ୍ରସ୍ତୁତ କରୁଛନ୍ତି । ଖୁବ୍ ? କମ୍ ? ସଂଖ୍ୟକ ଦୁଗ୍ଧଚାଷୀ କମ୍ପାନୀକୁ କ୍ଷୀର ବିକ୍ରି ନକରି ଛେନା ଓ ପନୀର ପ୍ରସ୍ତୁତ କରୁଛନ୍ତି । ତେବେ ବଜାରକୁ ଏତେ ପରିମାଣର ଛେନା ଓ ପନୀର କେଉଁଠାରୁ ଆସୁଛି ତାହାର ତଦନ୍ତ କରିବା ସହିତ ପ୍ରସ୍ତୁତ ହେଉଥିବା ସ୍ଥାନରେ ନିୟମିତ ଯାଞ୍ଚ କରିବାପାଇଁ ମତପ୍ରକାଶ ପାଉଛି । ସେହିଭଳି ଯେଉଁ ଦୁଗ୍ଧଚାଷୀମାନେ କ୍ଷୀରରୁ ଭଲ ମାନର ଛେନା ଓ ପନୀର ପ୍ରସ୍ତୁତ କରି ବଜାରକୁ ଛାଡୁଛନ୍ତି ସେମାନଙ୍କ ଉତ୍ପାଦିତ ସାମଗ୍ରୀର ନିୟମିତ ଯାଞ୍ଚ ସହିତ ଏହାର ସୂଚନା ସାଧାରଣ ଲୋକଙ୍କୁ ଦେବାପାଇଁ ଶ୍ରୀ ବେହେରା ଦାବି କରିଛନ୍ତି । ଏହା ଫଳରେ ଏହି ବ୍ୟବସାୟରେ ସମ୍ପୃକ୍ତ ଥିବା ବହୁ ସଂଖ୍ୟକ ସଚ୍ଚୋଟ ଦୁଗ୍ଧଚାଷୀ ସାଧାରଣ ଆକ୍ରୋଷର ଶିକାର ହୁଅନ୍ତେ ନାହିଁ ଏବଂ ସେମାନଙ୍କର ବେଉଷା ବୁଡନ୍ତା ନାହିଁ ।

## 'ଇମର୍ଜିଂ ଏଥଲେଟ୍ସ'ଙ୍କ ସହ ଆଲୋଚନା କରିବେ ପିଏମ୍ ମୋଦୀ

ନୂଆଦିଲ୍ଲୀ, ୨୪।୮ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୭ ଅଗଷ୍ଟ ୨୦୨୬ରେ ଜାତୀୟ କ୍ରୀଡ଼ା ଦିବସ ଅବସରରେ ଆୟୋଜିତ ହେବାକୁ ଥିବା ସାରା ଦେଶବ୍ୟାପୀ କାର୍ଯ୍ୟକ୍ରମ 'ଖେଲୋ ଇଣ୍ଡିଆ ସମ୍ବାଦ - ଖେଲ୍ କି ବାତ୍, ପିଏମ୍ କେ ସାଥ୍' ଅଧୀନରେ ଦେଶର ଯୁବବର୍ଗ ଓ ଆଥଲେଟ୍ମାନଙ୍କୁ ଭର୍ଚୁଆଲ୍ ମାଧ୍ୟମରେ ସମ୍ବୋଧିତ କରିବେ । କାର୍ଯ୍ୟକ୍ରମ ପାଇଁ ବ୍ୟାପକ ପ୍ରସ୍ତୁତି ଚାଲିଛି । ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି କ୍ରୀଡ଼ା ବ୍ୟବସ୍ଥାକୁ ମଜବୁତ୍ କରିବା, ୨୦୩୬ ଅଲିମ୍ପିକ୍ସ ପାଇଁ ପ୍ରତିଭାମାନଙ୍କର ରୋଡ୍ମ୍ୟାପ୍ ପ୍ରସ୍ତୁତ କରିବା ଏବଂ ଶାସନ ପ୍ରକ୍ରିୟାରେ ଯୁବକମାନଙ୍କ ଭାଗୀଦାରୀ ବୃଦ୍ଧି କରିବା ।ଜାତୀୟ ଗଣମାଧ୍ୟମ ସହ ଆଲୋଚନା ସମୟରେ କେନ୍ଦ୍ର ଶ୍ରମ ଓ ରୋଜଗାର ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡଭିୟ କହିଛନ୍ତି ଯେ କାର୍ଯ୍ୟକ୍ରମ ସମୟରେ ୧୫୦୦ଟି ସ୍ଥାନରୁ ଛାତ୍ରଛାତ୍ରୀଙ୍କୁ ଯୋଡ଼ାଯିବ । ସେ ସୂଚନା ଦେଇଛନ୍ତି ଯେ ଏଥିରେ ଆଇଆଇଟି, ଆଇଆଇଏମ୍ ଏବଂ ବିଶ୍ୱବିଦ୍ୟାଳୟଗୁଡ଼ିକୁ ସାମିଲ କରାଯିବ । ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଉଦୀୟମାନ ଯୁବପିଢ଼ିଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଆଲୋଚନା । ଏହାସହିତ ୨୦୩୬ ଅଲିମ୍ପିକ୍ସ ପାଇଁ କିପରି ପ୍ରତିଭା ଚୟନ କରାଯିବ, ସେଥିପାଇଁ ମଧ୍ୟ ରୋଡ୍ମ୍ୟାପ୍ ତିଆରି କରାଯିବ ।

କାର୍ଯ୍ୟକ୍ରମ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଏକ ପ୍ରେଜେଣ୍ଟେସନ୍ ଦେଖାଯିବ, ଯେଉଁଥିରେ ମୋଦୀ



ସରକାରଙ୍କ ୧୨ ବର୍ଷର କ୍ରୀଡ଼ା ସଫଳତାକୁ ପ୍ରଦର୍ଶିତ କରାଯିବ । ଏହି କାର୍ଯ୍ୟକ୍ରମରେ ଭାରତର ପ୍ରସିଦ୍ଧ ଆଥଲେଟ୍ମାନେ ମଧ୍ୟ ଯୁବକମାନଙ୍କୁ ସମ୍ବୋଧିତ କରିବେ । ସମସ୍ତ ପ୍ରମୁଖ ଆଥଲେଟ୍ ନିଜ ନିଜ ଜିଲ୍ଲାରୁ ଯୋଡ଼ିହେବେ ଏବଂ ଏହି ସମୟରେ ସେମାନେ ନିଜର ସଂଘର୍ଷର ଅନୁଭୂତି ସେୟାର କରିବେ । ମାଣ୍ଡଭିୟ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି କାର୍ଯ୍ୟକ୍ରମରେ ଯୋଗଦେବେ ଏବଂ ଭର୍ଚୁଆଲ୍ ମାଧ୍ୟମରେ ଯୁବକମାନଙ୍କୁ ସମ୍ବୋଧିତ କରିବେ ।

## ବ୍ରେଡ ଉତ୍ତପମ

ଆବଶ୍ୟକୀୟ ସାମଗ୍ରୀ : ୪/୬ ପିସ ବ୍ରେଡ, ୫ଚାମଚ ସୁଜି, ୫ଚାମଚ ମଇଦା, ଅଧା ଚାମଚ ମଇଦା,
ଜିରା, କଞ୍ଚା ଲଙ୍କା, ୨ଚାମଚ କଟା ଅଦା, ଧନିଆ ପତ୍ର, ଅଧା ଚାମଚ ସିମ୍ଲା ଲଙ୍କା, ଟମାଟୋ କଟା ଅଳ୍ପ,
ତେଲ ଓ ସ୍ୱାଦ ଅନୁସାରେ ଲୁଣ।

ପ୍ରସ୍ତୁତ ପ୍ରଣାଳୀ: ବ୍ରେଡ ଉତ୍ତପମ ପ୍ରସ୍ତୁତ କରିବା ପାଇଁ ସର୍ବପ୍ରଥମେ ବ୍ରେଡର ଚାରିପଟକୁ ଛୁରୀରେ କାଟି ବାହାର କରିଦିଅନ୍ତୁ। ତାପରେ ଏକ ମକ୍ସଲର ଗ୍ରାଇଣ୍ଡରରେ ବ୍ରେଡ, ସୁଜି, ମଇଦା, ଦହି, ଲୁଣ ଓ ପାଣି ମିଶାଇ ଭଲଭାବେ ପେଷି ଦିଅନ୍ତୁ। ପ୍ରସ୍ତୁତ ପେଷ୍ଟକୁ ଏକ ପାତ୍ରରେ କାଢି ସେଥିରେ କଟା ଅଦା, ଟମାଟୋ,ଜିରା,ସମିଲା ଲଙ୍କା, କଞ୍ଚା ଲଙ୍କା ଓ ଧନିଆ ପତ୍ର ମିଶାଇ ଭଲଭାବେ ଦିଅନ୍ତୁ । ଧ୍ୟାନ ରଖନ୍ତୁ ଘୋଳ ଯେପରି ବେଶୀ ପତଳା କିମ୍ବା ବେଶୀ ଗାଢା ନହୁଏ। ବର୍ତ୍ତମାନ ଏକ ନନଷ୍ଟିକ ପ୍ୟାନ ଗରମ କରି ସେଥିରେ ଟିକିଏ ତେଲ ଗରମ କରନ୍ତୁ ତାପରେ ପ୍ରସ୍ତୁତ ଘୋଳକୁ ଦେଇ ଉତ୍ତପମ ଆକାରରେ ବୁଲାଇ ଦିଅନ୍ତୁ । ଏହାର ଚାରିପଟେ ମଧ୍ୟ ତେଲ ଲଗାନ୍ତୁ। ତାପରେ ତାକୁ ଓଲଟାଇ ଅନ୍ୟ ପାଖଟି ମଧ୍ୟ ଠିକ୍ ସେହିପରି ସେକି ଦିଅନ୍ତୁ। ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ଆପଣଙ୍କର ବ୍ରେଡ ଉତ୍ତାପମ । ଏହାକୁ ଆପଣ କାଢି ଗରମ ଗରମ ଯେ କୌଣସି ଚଟଣୀ ସହିତ ସର୍ଭ କରନ୍ତୁ।



### ଖବର

## କାଜିଆ ଲିଜ୍ ହେଲେ ମିସ୍ ୟୁନିଭର୍ସ ଇଣ୍ଡିଆ ୨୦୨୬



ଜୟପୁର: କେରଳର ୧୯ ବର୍ଷୀୟ କୈଜିଆ ଲିଜ୍ ମେଜୋ 'ମିସ୍ ୟୁନିଭର୍ସ ଇଣ୍ଡିଆ ୨୦୨୬'ର ମୁକୁଟ ହାସଲ କରିଛନ୍ତି। ରବିବାର ରାତିରେ ରାଜସ୍ଥାନର ଜୟପୁରସ୍ଥିତ ଜି ଷ୍ଟୁଡିଓଜ୍ ?ରେ ଆୟୋଜିତ ଭବ୍ୟ ଫାଇନାଲରେ ସେ ଦେଶର ୫୨ ଜଣ ପ୍ରତିଯୋଗୀଙ୍କୁ ପଛରେ ପକାଇ ଏହି ସଫଳତା ହାସଲ କରିଛନ୍ତି। ପ୍ରତିଯୋଗିତାର ଟପ୍-୫ରେ ତାମିଲନାଡୁର ବୈଷ୍ଣବୀ ଗଣେଶ, ମହାରାଷ୍ଟ୍ରର ତେଜସ୍ୱିନୀ ଶ୍ରୀବାସ୍ତବ, କେରଳର କୈଜିଆ ଲିଜ୍ ମେଜୋ, ଗୁଜରାଟର ଅନୁଶ୍ରୀ ସତଓ୍ୱାଲେକର ଏବଂ ଉତ୍ତରାଖଣ୍ଡର ଅନୁଭା ବଶିଷ୍ଠ ସ୍ଥାନ ପାଇଥିଲେ। ଶେଷ ପର୍ଯ୍ୟାୟରେ ୪୦ ସେକେଣ୍ଡ ମଧ୍ୟରେ କ୍ଲୋଜିଂ ରିମାର୍କ ଦେବାର ଚ୍ୟାଲେଞ୍ଜରେ କୈଜିଆ ନିଜର ଦକ୍ଷତା ପ୍ରମାଣ କରି ବିଜୟୀ ହୋଇଥିଲେ।ଫାଇନାଲରେ କୈଜିଆ ଏବଂ ବୈଷ୍ଣବୀ ଗଣେଶଙ୍କ ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଉଭୟେ ଟପ୍-୨ରେ ପହଞ୍ଚିଥିଲେ। ଶେଷରେ କୈଜିଆ ବିଜୟୀ ହୋଇଥିବାବେଳେ ବୈଷ୍ଣବୀ ଫାଷ୍ଟ ରନର୍ସ-ଅପ୍ ହୋଇଛନ୍ତି। ଗୁଜରାଟର ଅନୁଶ୍ରୀ ସତଓ୍ୱାଲେକର ସେକେଣ୍ଡ ରନର୍ସ-ଅପ୍, ମହାରାଷ୍ଟ୍ରର ତେଜସ୍ୱିନୀ ଶ୍ରୀବାସ୍ତବ ଥାର୍ଡ ରନର୍ସ-ଅପ୍ ଏବଂ ଉତ୍ତରାଖଣ୍ଡର ଅନୁଭା ବଶିଷ୍ଠ ଚତୁର୍ଥ ରନର୍ସ-ଅପ୍ ହୋଇଛନ୍ତି। ପୂର୍ବତନ ମିସ୍ ୟୁନିଭର୍ସ ଇଣ୍ଡିଆ ମନିକା ବିଶ୍ୱକର୍ମା ବିଜୟୀ କୈଜିଆଙ୍କୁ ତାଜ ପିନ୍ଧାଇଥିଲେ।

## ଅଣ୍ଡା ଠାରୁ ଅଧିକ ପ୍ରୋଟିନ୍ ରହିଛି ୩ଟି ଖାଦ୍ୟରେ

ସୁସ୍ଥ ଶରୀର ପାଇଁ ସଠିକ ପରିମାଣରେ ପ୍ରୋଟିନ୍ ଯୁକ୍ତ ଜିନିଷର ସେବନ କରିବା ଉଚିତ ନହେଲେ ଶରୀର ଦୁର୍ବଳ ଓ ଅନ୍ୟ ସମସ୍ୟା ସୃଷ୍ଟି ହୋଇଥାଏ। ସେହିପରି ଅନେକଙ୍କ ଧାରଣା ଅଣ୍ଡା ଏବଂ ଆମିଷ ଜିନିଷରେ ହିଁ ଅଧିକ ପ୍ରୋଟିନ୍ ରହିଥାଏ। ମାତ୍ର ଏଭଳି କେତେକ ପନିପରିବା ରହିଛି, ଯେଉଁଥିରେ ଅଣ୍ଡା ଠାରୁ ମଧ ଅଧିକ ପ୍ରୋଟିନ୍ ରହିଛି। ଏହି ସମସ୍ତ ପନିପରିବାକୁ ଆପଣ ନିଜର ଦୈନନ୍ଦିନ ଖାଦ୍ୟରେ ସାମିଲ କରି ପାରିବେୟ ଏହା ଶରୀରକୁ ଅନେକ ରୋଗରୁ ଦୂରେଇ ରଖିଥାଏ। ଜାଣନ୍ତୁ ସେହି ୩ଟି ପନିପରିବା ବିଷୟରେ..

ଯଦି ଆପଣ ଆମିଷ ସେବନ କରୁନଥିବେ, ତେବେ ଫୁଲ କୋବି ନିଜ ଖାଦ୍ୟରେ ନିଶ୍ଚୟ ସାମିଲ କରନ୍ତୁ। ଫୁଲକୋବି ଓ ବ୍ରୋକଲି ପ୍ରୋଟିନରେ ଭରପୁର। ଏହାର ସେବନ ଦ୍ୱାରା ଶରୀରକୁ ଅନେକ ଲାଭ ମିଳିଥାଏ।ଏଥିରେ ଅଳ୍ପ ଫ୍ୟାଟ୍ ଓ କ୍ୟାଲୋରୀ ଥିବାରୁ ଓଜନ ବୃଦ୍ଧିର ମଧ ସମ୍ଭାବନା ନଥାଏ। କୋବିରେ ମାଗ୍ନେସିୟମ, ପୋଟାସିୟମ, ଭିଟାମିନ କେ ଓ ଅନ୍ୟ ଭିଟାମିନ୍ ମଧ ରହିଛି। ଏହା କର୍କଟ ଭଳି ମାରାତ୍ମକ ରୋଗ ସହ ଲଢେଇ କରିବାରେ ମଧ ସହାୟକ ହୋଇଥାଏ।

ସବୁଜ ମଟର -ମଟରରେ ଆବଶ୍ୟକୀୟ ମିନେରାଲ୍ସ, ମାଗ୍ନେସିୟମ, ଫୋଲେଟ, ଜିଙ୍କ ଓ ଆଇରନ ରହିଛି।ଏହା ଫ୍ୟାଟ୍ ଓ କୋଲେଷ୍ଟେରୋଲ୍ ସ୍ତରକୁ ହ୍ରାସ କରିଥାଏ। ଖରାଦିନେ ଏଥିରେ ପ୍ରସ୍ତୁତ ବିଭିନ୍ନ ପ୍ରକାର ବ୍ୟଞ୍ଜନ ପିଲାଙ୍କୁ ଖୁଆଇବା ନିତାନ୍ତ ଆବଶ୍ୟକ।

ପୋଷକ ତ□ରେ ଭରପୁର ପାଳଙ୍ଗ ସ୍ୱାସ୍ଥ୍ୟ ପାଇଁ ବେଶ ଲାଭଦାୟକୟ ଏଥିରେ ଭିଟାମିନ ଏ, ସି ରହିଛି। ଏହା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ। ଏଥିରେ ପ୍ରୋଟିନ୍ ବ୍ୟତୀତ ଆଇରନ ରହିଥାଏ। ଏହା ଶରୀରରେ ରକ୍ତର ଅଭାବକୁ ଦୂର କରିଥାଏ।୦



## ଶ୍ରୀରାମଙ୍କ ନାମର ମହିମା



'ରାମ' ଶବ୍ଦର ଅର୍ଥ ଯେତିକି ତାତ୍ପର୍ଯ୍ୟପୂର୍ଣ୍ଣ ଏହାର ଉଚ୍ଚାରଣ ସେତିକି ମଧୁର । ଶ୍ରଦ୍ଧାର ସହ 'ରାମ' ନାମ ଉଚ୍ଚାରଣ କରିବା ମାତ୍ରେ ଶରୀର ଏବଂ ମନରେ ଏକ ଅଦ୍ଭୂତ ପ୍ରତିକ୍ରିୟା ସୃଷ୍ଟି ହୋଇଥାଏ । ଯାହା ଆତ୍ମାକୁ ଶାନ୍ତି ପ୍ରଦାନ କରିଥାଏ । ଏହି ଶବ୍ଦର ଧ୍ୱନିକୁ ନେଇ ଅନେକ ଗବେଷଣା ହୋଇଛି । ଏହାଦ୍ୱାରା ରାମନାମ ଉଚ୍ଚାରଣ ଦିବ୍ୟ ପ୍ରଭାବ ସିଦ୍ଧ ହୋଇପାରିଛି । ସେଥିପାଇଁ କୁହାଯାଏ ରାମଙ୍କ ଠାରୁ ଶ୍ରେଷ୍ଠ 'ଶ୍ରୀରାମଙ୍କ ନାମ" । ଶ୍ରୀରାମଙ୍କ ନାମ ଜପ କରି ଅନେକ ସାଧୁସନ୍ଥ ମୁକ୍ତିଲାଭ କରିଛନ୍ତି । ପ୍ରଭୁ ଶ୍ରୀରାମଙ୍କ ନାମ ଉଚ୍ଚାରଣ ଦ୍ୱାରା ଜୀବନରେ ସକାରାତ୍ମକ ଶକ୍ତିର ସଞ୍ଚାର ହୋଇଥାଏ । ଏହି ଧ୍ୱନିର ବିଜ୍ଞାନ ସହିତ ପରିଚିତ ଥିବା ଲୋକମାନେ 'ରାମ' ନାମର ମହିମାକୁ ନିଶ୍ଚିତରୂପେ ଅନୁଭବ କରିଥିବେ । 'ରାମ' ଶବ୍ଦର ଉଚ୍ଚାରଣ କରିବା ମାତ୍ରେ ପବନରେ ଏକ ବିଶେଷ ଆକୃତି ସୃଷ୍ଟି ହୋଇଥାଏ । ଫଳରେ ବିଚାର ଶୁଦ୍ଧ ହୋଇଥାଏ । ବ୍ୟକ୍ତି ଲଗାତାର 'ରାମ' 'ରାମ' ଜପ କରି ଚାଲିଲେ ସମଗ୍ର ଶରୀରରେ ଏହାର ଅନୁଭବ ହୋଇଥାଏ । ମନୁଷ୍ୟ ଶରୀର ବାହାରେ ଏକ ଅଦ୍ଭୂତ ସୁରକ୍ଷା ବଳୟ ସୃଷ୍ଟି ହୋଇଥାଏ । ଏହି ସକାରାତ୍ମକ ସୁରକ୍ଷା ବଳୟ ଅର୍ନ୍ତମନ ଏବଂ ବାହାରେ ଥିବା ସମସ୍ତ ନକାରାତ୍ମକ ଶକ୍ତିକୁ ଦୂର କରିଥାଏ ।



## ତ୍ୱଚ୍ଚ ପାଇଁ କେତେ ଉପକାରୀ ମସୁର ଡାଲି





ସୁନ୍ଦର ଦେଖାଯିବା ପାଇଁ କିଏ ବା ନ ଚ୍ଛହେଁ। ସମସ୍ତେ ସୁନ୍ଦର ଦେଖାଯିବା ପାଇଁ ଅନେକ ଉପାୟ ଅ ।ପଣାଇଥାନ୍ତି। ତ୍ୱଚ୍ଚର ଚମକ ବାଇବା ପାଇଁ କିଏ କସମେଟିକର ସହାୟତା ନିଅନ୍ତି ତ ଅ ।ଉ କିଏ ଘରୋଇ ଉପଚ୍ଚରର। ଏଭଳି ଏକ ଘରୋଇ ଉପଚ୍ଚର ହେଉଛି ମସୁର ଡାଲି। ମସୁର ଡାଲିକୁ ମୁହଁରେ ଲଗାଇବା ଦ୍ୱାରା ତ୍ୱଚ୍ଚର ଉଜ୍ଜଳତା ବିବା ସହ ସୁନ୍ଦରତା ଦ୍ୱିଗୁଣ ହୋଇଯିବ। ଏଥିସହ ତ୍ୱଚ୍ଚ ନରମ ମଧ କରିଥାଏୟ ତେବେ ଅ ।ସନ୍ତୁ ଜାଣିବା ଏହାକୁ କିଭଳି ବ୍ୟବହାର କରିବେ..

ମସୁର ଡାଲିକୁ ବାଟି ଏଥିରେ ମହୁ ଏବଂ ଘିଅ ମିଶାଇ ଏକ ପେଷ୍ଟ ତିଅ ।ରି କରନ୍ତୁ। ଏହି ମିଶ୍ରଣକୁ ୧୫ରୁ ୨୦ ମିନିଟ ଯାଏଁ ମୁହଁରେ ଲଗାନ୍ତୁ। ପରେ ଧୀରେ ଧୀରେ ମସାଜ କରନ୍ତୁୟ ଏହାପରେ ଉଷୁମ ପାଣିରେ ମୁହଁ ଧୋଇ ଦିଅନ୍ତୁ। ଆପଣ ଚ୍ଛହିଁଲେ ଏଥିରେ କ୍ଷୀର ମିଶାଇ ମଧ ଲଗାଇ ପାରିବ। ସପ୍ତାହରେ ୨ ଥର ଏହି ଫେସ ପ୍ୟାକକୁ ଲଗାଇଲେ ରିଙ୍କଲ୍ସ ଦୂର ହେବା ସହ ମୁହଁର ଉଜ୍ଜଳତା ବିଥାଏୟ

ଏକ ଚ୍ଛମଚ ମସୁର ଡାଲି ଗୁଣ୍ଡରେ ଦୁଇ ଚ୍ଛମଚ କ୍ଷୀର ମିଶାଇ ଏକ ମିଶ୍ରଣ ତିଅ ।ରି କରନ୍ତୁ। ଯଦି ଅ ।ପଣଙ୍କ ବ୍ରଣ ସମସ୍ୟା ଥାଏ ତେବେ ଏଥିରେ ଏକ ଚୁଟକି ହଳଦୀ ମିଶାଇ ପାରିବ। ଏହି ମିଶ୍ରଣକୁ ମୁହଁରେ ୧୦ରୁ ୧୫ ମିନିଟ ଯାଏ ଲଗାଇ ରଖନ୍ତୁ ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ଯଦି ମୁହଁରେ କିଛି କଳା ଦାଗ ଥାଏ ତେବେ ଏହାକୁ ଦୂର କରିବା ପାଇଁ ମସୁର ଡାଲିକୁ ବାଟି ସେଥିରେ ଦେଶୀ ଘିଅ ମିଶାଇ ଏକ ପେଷ୍ଟ ତିଅ ।ରି କରନ୍ତୁ। ଏଥିରେ ଅ ।ପଣ ଚ୍ଛହିଁଲେ ମହୁ ମଧ ମିଶାଇ ପାରିବୟ ଏହି ମଶ୍ରଣକୁ ମୁହଁ, ବେକ, ହାତ ଏବଂ ଗୋଡରେ ଥିବା କଳା ଦାଗ ଦୂର କରିବା ପାଇଁ ବ୍ୟବହାର କରିପାରିବେ। ଏହି ପେଷ୍ଟକୁ ନିୟମିତ ବ୍ୟବହାର କଲେ ତ୍ୱଚ୍ଚରେ ଥିବା ଦାଗ ଦୂର ହେବା ସହ ମୁହଁର ସୁନ୍ଦରତା ଧୀରେ ଧୀରେ ବିବୟ ମସୁର ଡାଲିରେ ପ୍ରଚୁର ମାତ୍ରାରେ ପ୍ରୋଟିନ ରହିଛି। ଏହାକୁ ଫେସ ପ୍ୟାକ ଭଳି ବ୍ୟବହାର କଲେ ତ୍ୱଚ୍ଚ ସମ୍ବନ୍ଧୀୟ ଅନେକ ସମସ୍ୟା ଦୂର ହୋଇଥାଏ। ତ୍ୱଚ୍ଚ ନରମ ହେବା ସହ ଚିକ୍କଣ ମଧ୍ୟ ହୋଇଥାଏ।

## ଶନିବାର ଏହି ଭୁଲ୍ କରୁଥିଲେ ; ସାବଧାନ

ସପ୍ତାହର ପ୍ରତ୍ୟେକ ବାର ଦେବାଦେବୀଙ୍କୁ ସମର୍ପିତ। ସେହି ଦିନ ଦେବୀଦେବତାଙ୍କୁ ବିଶେଷ ଭାବେ ପୂଜାର୍ଚ୍ଚନା କରିବା ଦ୍ୱାରା ଶୁଭଫଳ ପ୍ରାପ୍ତି ହୋଇଥାଏ। ଶନିବାର ଦିନ ନ୍ୟାୟର ଦେବତା ଶନିଦେବଙ୍କ ଆରାଧନା କରାଯାଇଥାଏ। ଏହି ଦିନ ଶନିଦେବଙ୍କୁ ପୂଜାର୍ଚ୍ଚନା କରିବା ଦ୍ୱାରା ବିଶେଷ କୃପା ପ୍ରାପ୍ତି ହୋଇଥାଏ। ମାନ୍ୟତା ଅନୁଯାୟୀ ଏହି ଦିନ ଏଭଳି କେତେକ ଜିନିଷ ରହିଛି, ଯାହାକୁ କିଣିବା ଦ୍ୱାରା ଶନିଦେବ ଅସନ୍ତୋଷ ହୋଇଥାଆନ୍ତ। ଜାଣନ୍ତୁ..ଶାସ୍ତ୍ର ଅନୁଯାୟୀ, ଶନିବାର ଦିନ ଲୁହା ଜିନିଷ ଆଦୌ କିଣିବା ଉଚିତ ନୁହେଁ। ଲୁହା କିମ୍ବା ଲୁହାରେ ତିଆରି ଜିନିଷ କିଣି ଘରକୁ ଆଣନ୍ତୁ ନାହିଁ। ଏହାଦ୍ୱାରା ଶନିଦେବ କ୍ରୋଧିତ ହୋଇଥାଆନ୍ତି।ଶନିବାର ଦିନ ଲୁଣ ମଧ କିଣିବା ଉଚିତ ନୁହେଁ। ମାନ୍ୟତା ଅନୁଯାୟୀ, ଶନିବାର ଦିନ ଲୁଣ କିଣିବା ଦ୍ୱାରା କରଜ ସମସ୍ୟା ଲାଗି ରହିଥାଏ। ଆର୍ଥିକ ସ୍ଥିତି ଦୁର୍ବଳ ହୋଇଥାଏ। ତେଣୁ ଏହି ଦିନ ଲୁଣ କିଣନ୍ତୁ ନାହିଁ।ଶନିବାର ଦିନ କଳାରାଶି ମଧ କିଣନ୍ତୁ ନାହିଁ। ମାନ୍ୟତା ଅନୁଯାୟୀ ଏହି ଦିନ କଳାରାଶି କିଣିବା ଦ୍ୱାରା କାର୍ଯ୍ୟରେ ବାଧା ଲାଗି ରହିଥାଏ। ଏହି ଦିନ କଳାରାଶି ଓ ସୋରିଷ ତେଲରେ ଶନିଦେବଙ୍କୁ ପୂଜାର୍ଚ୍ଚନା କରାଯାଇଥାଏ। ତେଣୁ ଏହି ଦିନ କଳାରାଶି କିଣିବା ଉଚିତ ନୁହେଁ।ଶନିବାର ଦିନ କଳାରଙ୍ଗର ଜୋତା କିଣନ୍ତୁ ନାହିଁ। ମାନ୍ୟତା ଅନୁଯାୟୀ, ଏହି ଦିନ କଳାରଙ୍ଗର ଜୋତା ପିନ୍ଧିବା ଓ କିଣିବା ଦ୍ୱାରା କାର୍ଯ୍ୟରେ ଅସଫଳତା ମିଳିଥାଏ।



# ସିଏସଆରକୁ ଅଧିକ ପ୍ରଭାବଶାଳୀ କରିବାକୁ ଆହ୍ୱାନ

**ଭୁବନେଶ୍ୱର,୨୪।୮ (ମହାଭାରତ):** କେବଳ ଆଇନ ଗତ ଅନୁପାଳନ ମଧ୍ୟରେ ସୀମିତ ନ ରହି କର୍ପୋରେଟ ସଂସ୍ଥାଗୁଡିକ ଓଡ଼ିଶାର ବିକାଶରେ ଦାୟିତ୍ୱବାନ ସହଯୋଗୀ ଭାବେ କାର୍ଯ୍ୟ କରିବା ସହ ସିଏସଆରକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ଓଡ଼ିଶାର ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି। ଭୁବନେଶ୍ୱରରେ ଓଡ଼ିଶା ସରକାରଙ୍କ ସାଧାରଣ ଉଦ୍ୟୋଗ (ପବ୍ଲିକ ଏଂଟରପ୍ରାଇଜେସ) ବିଭାଗ ସହଯୋଗରେ ଏବଂ ଓଡ଼ିଶା କର୍ପୋରେଟ ଫାଉଣ୍ଡେସନ ଓ ଫ୍ରିଡମ ଏଡୁର ମିଳିତ ଆନୁକୂଲ୍ୟରେ ଆୟୋଜିତ 'ବ୍ରିଜ ଭାରତ ସମ୍ମିଳନୀ ୨୦୨୬ ଓ "କର୍ପୋରେଟ ସାମାଜିକ ଦାୟିତ୍ୱ: ଦେଖାଯାଉଥିବା ସମସ୍ୟା ଓ ଚ୍ୟାଲେଞ୍ଜ" ଶୀର୍ଷକ ଜାତୀୟ ସେମିନାରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି ।

କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, କମ୍ପାନି ଆଇନ ୨୦୧୩ ଅଧୀନରେ ଭାରତର ସିଏସଆର ଢାଂଚା କର୍ପୋରେଟମାନଙ୍କ ପାଇଁ ସାମାଜିକ ବିକାଶରେ ଅଂଶଗ୍ରହଣର ଏକ ସଂରଚିତ ବ୍ୟବସ୍ଥା ସୃଷ୍ଟି କରିଛି। ଏହା ମାଧ୍ୟମରେ ସ୍ୱାସ୍ଥ୍ୟ, ଶିକ୍ଷା, ଜୀବିକା, ମହିଳା ସଶକ୍ତିକରଣ, ପରିବେଶ ସ୍ଥିରତା, ଗ୍ରାମୀଣ ବିକାଶ ଓ ବିପର୍ଯ୍ୟୟ ପରିଚାଳନା ଭଳି କ୍ଷେତ୍ରକୁ ସମ୍ବଳ ଯୋଗାଇ ଦିଆ ଯାଇପାରୁଛି। ରାଜ୍ୟପାଳ ଏହା ମଧ୍ୟ କହିଥିଲେ ଯେ ଅନୁପାଳନ କେବେବି ସିଏସଆରର ଲକ୍ଷ୍ୟ ହେବା ଉଚିତ ନୁହେଁ। ଖର୍ଚ୍ଚ କରି ରିପୋର୍ଟ ଦେବା ପଦ୍ଧତି ଅପେକ୍ଷା ରଣନୀତିକ, ଅଂଶଗ୍ରହଣମୂଳକ ଓ ଫଳାଫଳ-କେନ୍ଦ୍ରିତ ମଡେଲକୁ ଯିବାର ଆବଶ୍ୟକତା ତଥା ବିଶ୍ୱସନୀୟ କାର୍ଯ୍ୟକାରିତା, ଅଧିକ ଗୋଷ୍ଠୀ ଅଂଶଗ୍ରହଣ ଓ ସିଏସଆର ପଦକ୍ଷେପର ମାପଯୋଗ୍ୟ ମୂଲ୍ୟାଙ୍କନର ଆବଶ୍ୟକତା ଉପରେ ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ।



ଇସ୍ପାତ, ବିଦ୍ୟୁତ, ଖଣି ଓ ଉତ୍ପାଦନ ଭଳି କ୍ଷେତ୍ରରେ ଦ୍ରୁତ ଶିଳ୍ପାୟନ ସହ ପରିବେଶ ପ୍ରତି ଦାୟିତ୍ୱ, ଜଳବାୟୁ ସହନଶୀଳତା ଓ ଗୋଷ୍ଠୀ କଲ୍ୟାଣକୁ ଗୁରୁତ୍ୱ ଦେବା ଉଚିତ ବୋଲି ରାଜ୍ୟପାଳ କହିଛନ୍ତି। ସିଏସଆର ମାଧ୍ୟମରେ ଶିକ୍ଷା, ସ୍ୱାସ୍ଥ୍ୟସେବା, ପାନୀୟ ଜଳ, ପୁଷ୍ଟି, ଜୀବିକା, ଦକ୍ଷତା ବିକାଶ, କ୍ରୀଡ଼ା, ଗ୍ରାମୀଣ ବିକାଶ ଓ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତିକୁ ପ୍ରାଥମିକତା ଦେବାକୁ ଶିଳ୍ପମାନଙ୍କୁ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି। ଶିକ୍ଷାକୁ ଏକ ପ୍ରାଥମିକ କ୍ଷେତ୍ର ଭାବେ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ, ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ, ଶିକ୍ଷକଙ୍କ ଦକ୍ଷତା ବିକାଶ, ଡିଜିଟାଲ ଶିକ୍ଷା, ଛାତ୍ରବୃତି ଓ ମେଂଟରସିପରେ ବିନିଯୋଗ ବିଶେଷ କରି ଆଦିବାସୀ ଓ ପଛୁଆ ଜିଲ୍ଲାର ପ୍ରଥମ ପିଢ଼ିର ଛାତ୍ରଛାତ୍ରୀଙ୍କ ଜୀବନକୁ ପରିବର୍ତନ କରିପାରେ। ଖଣି ଓ ବୃହତ ଶିଳ୍ପ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ଅଂଚଳରେ ଜଙ୍ଗଲ ଓ ଜୈବ ବିବିଧତା ସଂରକ୍ଷଣ, ଜଳ ସୁରକ୍ଷା, ଜୀବିକା ପୁନଃସ୍ଥାପନ, ସ୍ଥାନୀୟ ନିଯୁକ୍ତି ଓ ମହିଳା ନେତୃତ୍ୱାଧୀନ ଉଦ୍ୟୋଗ ପାଇଁ ଅଧିକ କର୍ପୋରେଟ ସହଯୋଗ ବୃଦ୍ଧି ଉପରେ ରାଜ୍ୟପାଳ ମତ ପ୍ରକାଶ କରିଥିଲେ। ଓଡ଼ିଶା ବାତ୍ୟା ଓ ଅନ୍ୟାନ୍ୟ ବିପର୍ଯ୍ୟୟ ପ୍ରତି ସମ୍ବେଦନଶୀଳ ହୋଇଥିବାରୁ ବିପର୍ଯ୍ୟୟ ହ୍ରାସ ଓ ପ୍ରସ୍ତୁତି ଉପରେ ଅଧିକ ଧ୍ୟାନ ଦେବାର ଆବଶ୍ୟକତା ଉପରେ ମଧ୍ୟ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ। ଗୋଷ୍ଠୀଗୁଡ଼ିକ କେବଳ ପ୍ରକଳ୍ପର ଲାଭାର୍ଥୀ ହେବା ଉଚିତ ନୁହେଁ, ବରଂ ସେଗୁଡ଼ିକର ଖସଡ଼ା ପ୍ରସ୍ତୁତି ଏବଂ ବଜାୟ ରଖିବାରେ ସକ୍ରିୟ ଅଂଶୀଦାର ହେବା ଉଚିତ ବୋଲି ରାଜ୍ୟପାଳ କହିଥିଲେ। ସରକାର, ଶିଳ୍ପ, ଶିକ୍ଷାନୁଷ୍ଠାନ, ନାଗରିକ ସମାଜ ଓ ସ୍ଥାନୀୟ ଗୋଷ୍ଠୀ ମଧ୍ୟରେ ଅଧିକ ସମନ୍ୱୟର ଆବଶ୍ୟକତା ସମ୍ପର୍କରେ ମଧ୍ୟ ରାଜ୍ୟପାଳ ଅବତାରଣା କରି କହିଥିଲେ ଯେ, କର୍ପୋରେଟ ପ୍ରଯୁକ୍ତି, ଦକ୍ଷତା, ନବସୃଜନ ଓ ସମ୍ବଳ ସାମାଜିକ ପ୍ରାଥମିକତା ସହିତ ସଂଯୁକ୍ତ ହେଲେ ସିଏସଆର ଏକ "ଉଭୟ ପକ୍ଷର ଲାଭ" ବ୍ୟବସ୍ଥା ପରିସ୍ଥିତି ସୃଷ୍ଟି କରିପାରେ।

# ଏମ୍ଏମ୍ଡିଆର ବିଲ୍ ପ୍ରତ୍ୟାହାର ଦାବିରେ ବିରୋଧୀ ଏକାଠି

**ଭୁବନେଶ୍ୱର,୨୪।୮ (ମହାଭାରତ):** ଏମ୍ଏମ୍ଡିଆର ବିଲ୍-୨୦୨୬କୁ ତୁରନ୍ତ ପ୍ରତ୍ୟାହାର ଦାବିରେ ରାଜ୍ୟର ବିଭିନ୍ନ ବିରୋଧୀ ଦଳ ଐକ୍ୟବଦ୍ଧ ହୋଇଛନ୍ତି। ମଙ୍ଗଳବାର କଂଗ୍ରେସ ଭବନରେ ଇଣ୍ଡିଆ ବ୍ଲକ୍ ର ବିଭିନ୍ନ ଦଳର ରାଜ୍ୟ ନେତାମାନେ ଏକାଠି ହୋଇ ରାଜ୍ୟର ସାମ୍ପ୍ରତିକ ଜନସମସ୍ୟା ଓ ସରକାରଙ୍କ ନୀତି ଉପରେ ଆଲୋଚନା କରିଥିଲେ। ବୈଠକରେ ଏମଏମ୍ଡିଆର୍ ବିଲ୍ କୁ ଓଡ଼ିଶାର ସ୍ୱାର୍ଥବିରୋଧୀ ବୋଲି ଅଭିହିତ କରାଯାଇ ଏହା ପ୍ରତ୍ୟାହାର ପାଇଁ ଦାବି ହୋଇଛି। ବିଲ୍ ଆଇନରେ ପରିଣତ ହେଲେ ରାଜ୍ୟର ଖଣିଜ ସମ୍ପଦ, ରାଜସ୍ୱ ଅଧିକାର ଓ ସଂଘୀୟ ଅଧିକାର ପ୍ରଭାବିତ ହେବ ବୋଲି ନେତାମାନେ ଅଭିଯୋଗ କରିଛନ୍ତି। ଏଥିପାଇଁ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବା ସହ ରାଷ୍ଟ୍ରପତିଙ୍କୁ ସ୍ମାରକପତ୍ର ଦେବାକୁ ନିଷ୍ପତି ହୋଇଛି। ଦାବି ପୂରଣ ନହେଲେ ଓଡ଼ିଶା ବନ୍ଦ ଓ ଆର୍ଥିକ ଅବରୋଧ ଭଳି ଆନ୍ଦୋଳନାତ୍ମକ ପଦକ୍ଷେପ ନିଆଯିବ ବୋଲି ଚେତାବନୀ ଦିଆଯାଇଛି। ୨୦ ଅଗଷ୍ଟ ପରେ ପୁନର୍ବାର ବୈଠକ କରି ପରବର୍ତୀ କାର୍ଯ୍ୟକ୍ରମ ଚୂଡ଼ାନ୍ତ କରାଯିବ। ବୈଠକରେ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ, ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ, ସିପିଆଇ ରାଜ୍ୟ ସମ୍ପାଦକ ଡଃ ପ୍ରଶାନ୍ତ କୁମାର ମିଶ୍ର, ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ୍ ସମ୍ପାଦକ ଜ୍ୟୋତିରଞ୍ଜନ ମହାପାତ୍ର, ଏନ୍ ?ସିପି ରାଜ୍ୟ ସଭାପତି ବିକ୍ରମ ସ୍ୱାଇଁ ଓ ସମାଜବାଦୀ ପାର୍ଟିର ସାଧାରଣ ସମ୍ପାଦକ ପ୍ରତାପ ବାରିକଙ୍କ ସମେତ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ, ପଞ୍ଚାନନ କାନୁନଗୋ, ସନ୍ତୋଷ ସିଂ ସାଲୁଜା, ଅରବିନ୍ଦ ଦାସ, ଯମେଶ୍ୱର ସାମନ୍ତରାୟ, ଜୟନ୍ତ ଦାସ, ବଦ୍ରୀ ନାରାୟଣ ଦାଶ ଏବଂ ମହେନ୍ଦ୍ର ପରିଡ଼ା ପ୍ରମୁଖ ବିଭିନ୍ନ ଦଳର ନେତାମାନେ ଯୋଗଦେଇଥିଲେ।

# ସମ୍ ନର୍ସିଂ କଲେଜ କ୍ୟାମ୍ପସରେ ନିଶାମୁକ୍ତ ଅଭିଯାନ



**ଭୁବନେଶ୍ୱର,୨୪।୮ (ମହାଭାରତ):** ଯୁବପିଢ଼ି ମଧ୍ୟରେ ନିଶା ସେବନର କୁପ୍ରଭାବ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏବଂ ଏକ ନିଶାମୁକ୍ତ ସୁସ୍ଥ ସମାଜ ଗଠନର ଲକ୍ଷ୍ୟ ନେଇ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସମ୍ ନର୍ସିଂ କଲେଜ କ୍ୟାମ୍ପସ, ଫୁଲନଖରା ପରିସରରେ ନିଶାମୁକ୍ତ ଅଭିଯାନ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପ୍ରଜାପିତା ବ୍ରହ୍ମାକୁମାରୀ ଅନୁଷ୍ଠାନ ପକ୍ଷରୁ ଡକ୍ଟର କୃତି ଏସ୍ଏନ୍ସି କ୍ୟାମ୍ପସ-୨ ଆସି ଛାତ୍ରଛାତ୍ରୀମାନଙ୍କୁ ନିଶାସେବନର କୁପ୍ରଭାବ ଉପରେ ଏକ ପ୍ରେରଣାଦାୟକ ଏବଂ ସଚେତନତା ମୂଳକ ଭାଷଣ ପ୍ରଦାନ କରିଥିଲେ। ନିଶାସେବନ ଦ୍ୱାରା ହେଉଥିବା ଶାରୀରିକ, ମାନସିକ, ସାମାଜିକ ଓ ଭାବନାତ୍ମକ କ୍ଷତି ସମ୍ପର୍କରେ ସେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇବା ସହ ସୁସ୍ଥ ଜୀବନ ଶୈଳୀ, ସକାରାତ୍ମକ ଚିନ୍ତାଧାରା ଓ ଆତ୍ମସଂଯମ ଅବଲମ୍ବନ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଡକ୍ଟର କୃତି ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା କରି ନିଶା ବିରୋଧୀ ସଚେତନତା ପ୍ରସାରରେ ଯୁବପିଢ଼ିର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମ ଏକ ନିଶାମୁକ୍ତ ପରିବେଶ ଗଠନ ନିମନ୍ତେ ସମସ୍ତଙ୍କ ସାମୂହିକ ଦାୟିତ୍ୱ ଓ ପ୍ରତିବଦ୍ଧତାର ବାର୍ତା ପ୍ରଦାନ କରିଥିଲା। ଏହି କାର୍ଯ୍ୟକ୍ରମରେ ଏସ୍ଏନ୍ସି କ୍ୟାମ୍ପସ ୨ର ଡିନ୍ ପ୍ରଫେସର ଅନୁରାଧା ପଣ୍ଡା, ଅଧ୍ୟାପକ-ଅଧ୍ୟାପିକା, ଛାତ୍ରଛାତ୍ରୀ ଏବଂ ଅନ୍ୟାନ୍ୟ କର୍ମଚାରୀମାନେ ଉତ୍ସାହର ସହ ଯୋଗ ଦେଇଥିଲେ।

# ଗୁଜରାଟର ସେମିକଣ୍ଡକ୍ଟର ଫ୍ୟାସିଲିଟି କେନ୍ଦ୍ରରେ ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ

**ଭୁବନେଶ୍ୱର,୨୪।୮ (ମହାଭାରତ):** ଓଡ଼ିଶାରେ ଏକ ସୁଦୃଢ଼, ସ୍ଥାୟୀ ଓ ଆତ୍ମନିର୍ଭର ସେମିକଣ୍ଡକ୍ଟର ଇକୋସିଷ୍ଟମ୍ ଗଠନ ଲକ୍ଷ୍ୟରେ ମଙ୍ଗଳବାର ଗୁଜରାଟର ସାନନ୍ଦସ୍ଥିତ ସିଜି ସେମି ସେମିକଣ୍ଡକ୍ଟର ଫ୍ୟାସିଲିଟି ପରିଦର୍ଶନ କରିଛନ୍ତି ଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ। ମନ୍ତ୍ରୀ ଏହି ଅବସରରେ ଫ୍ୟାସିଲିଟିର ବିଭିନ୍ନ ବ୍ୟବସ୍ଥା ଓ କାର୍ଯ୍ୟପ୍ରଣାଳୀକୁ ନିକଟରୁ ଅନୁଧ୍ୟାନ କରିବା ସହ ସିଜି ସେମିର ଫ୍ୟାସିଲିଟିର ନେତୃବୃନ୍ଦ ଓ ବିଶେଷଜ୍ଞମାନଙ୍କ ସହ ବିସ୍ତୃତ ଆଲୋଚନା କରିଛନ୍ତି। ସେମିକଣ୍ଡକ୍ଟର ଶିଳ୍ପ ପାଇଁ ଆବଶ୍ୟକ ଆନୁଷଙ୍ଗିକ ଶିଳ୍ପ, ମାନବ ସମ୍ବଳ, ଯୋଗାଣ ଶୃଙ୍ଖଳ, ଦକ୍ଷତା ବିକାଶ ଓ ଶିଳ୍ପ-ସରକାର ସମନ୍ୱୟ ସମ୍ପର୍କରେ ଏହି ଆଲୋଚନାରେ ଗୁରୁତ୍ୱ ଦିଆଯାଇଥିଲା।

ସାନନ୍ଦରେ ବିକଶିତ ହେଉଥିବା



ସେମିକଣ୍ଡକ୍ଟର ଇକୋସିଷ୍ଟମ୍ ର ଅଭିଜ୍ଞତା ଓ ଶିକ୍ଷାକୁ ଓଡ଼ିଶାର ପରିପ୍ରେକ୍ଷୀରେ ଅନୁପ୍ରୟୋଗ କରି ରାଜ୍ୟରେ ଏକ ସ୍ଥିର ସେମିକଣ୍ଡକ୍ଟର ଇକୋସିଷ୍ଟମ ଗଠନ କରିବା ଉପରେ ଗୁରୁତ୍ୱ ଦିଆଯିବ। ଏହା ମାଧ୍ୟମରେ ଓଡ଼ିଶାକୁ ଭାରତର ଉଦୀୟମାନ ସେମିକଣ୍ଡକ୍ଟର ଶିଳ୍ପର ଏକ ପ୍ରମୁଖ କେନ୍ଦ୍ର ଭାବେ ବିକଶିତ କରିବାର ଦିଗରେ ନୂଆ ସୁଯୋଗ ସୃଷ୍ଟି ହେବ। ଓଡ଼ିଶାରେ ଉଚ୍ଚ ପ୍ରଯୁକ୍ତି ଓ ଭବିଷ୍ୟତମୁଖୀ ଶିଳ୍ପର ବିକାଶ ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ ବୋଲି କହିଛନ୍ତି ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ। ସେମିକଣ୍ଡକ୍ଟର କ୍ଷେତ୍ରରେ ନିବେଶ, ରୋଜଗାର ଓ ଦକ୍ଷତା ବିକାଶର ନୂଆ ସୁଯୋଗ ସୃଷ୍ଟି ସହ ଓଡ଼ିଶାକୁ ଏକ ଶକ୍ତିଶାଳୀ ଓ ପ୍ରତିସ୍ପର୍ଦ୍ଧୀ ସେମିକଣ୍ଡକ୍ଟର ହବ୍ ଭାବେ ଗଢ଼ି ତୋଳିବା ଦିଗରେ ଏହି ପଦକ୍ଷେପ ଏକ ମହତ୍ୱପୂର୍ଣ୍ଣ ଅଧ୍ୟାୟ ସାବ୍ୟସ୍ତ ହେବ ବୋଲି ସେ କହିଛନ୍ତି।

ସେହିପରି କେନ୍ସ ସିଲିକନ୍ ସେମିକଣ୍ଡକ୍ଟର ପରିଦର୍ଶନ କରି ପରୀକ୍ଷଣ ଠାରୁ ଆରମ୍ଭ କରି ଡାଇସିଂ ପର୍ଯ୍ୟନ୍ତ ଲେଜର ମାର୍କିଂ, ପ୍ଲେଟିଂ ଏବଂ ଚିପ୍ସର ପ୍ୟାକେଜିଂ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ପ୍ୟାକେଜିଂ ପ୍ରକ୍ରିୟା ବୁଲି ଦେଖିଛନ୍ତି। ଏହା ସହ ରାଜ୍ୟରେ ସମାନ ଇକୋସିଷ୍ଟମ ବିକଶିତ କରିବାର ଲକ୍ଷ୍ୟରେ ମାଇକ୍ରୋନ ସେମିକଣ୍ଡକ୍ଟର ପରିଦର୍ଶନ କରିବା ସହ ଏବଂ ବ୍ୟାପକ ସେମିକଣ୍ଡକ୍ଟର ଇକୋସିଷ୍ଟମ ଉପରେ ଆଲୋଚନା କରଛନ୍ତି। ଏହି ପରିଦର୍ଶନରେ ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ, ଓପିଟିସିଏଲ ଚେୟାରମ୍ୟାନ ଭାସ୍କର ଜ୍ୟୋତି ଶର୍ମା, ଓକାକ ସିଇଓ ଡ଼. ପ୍ରଦୀପ କୁମାର ରାଉତ, ଯୁଗ୍ମ ସଚିବ କୌସ୍ତୁଭ ପାଣିଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

# ରେଳ ମହାପ୍ରବନ୍ଧକଙ୍କ ମହାନଦୀ - ଟିଟିଲାଗଡ ସେକ୍ସନ ନିରୀକ୍ଷଣ

**ଭୁବନେଶ୍ୱର,୨୪।୮ (ମହାଭାରତ):** ପୂର୍ବତଟ ରେଳପଥ ମହାପ୍ରବନ୍ଧକ, ଶ୍ରୀ ପରମେଶ୍ୱର ଫୁଙ୍କୱାଲ ଆରଙ୍ଗ ମହାନଦୀ - ଟିଟିଲାଗଡ ସେକ୍ସନକୁ ବିସ୍ତୃତ ଭାବେ ନିରୀକ୍ଷଣ କରିଛନ୍ତି। ଏହି ନିରୀକ୍ଷଣ ସମୟରେ ରେଳ ସେକ୍ସନର ବିଭିନ୍ନ ଷ୍ଟେସନରେ ନିରାପତା ବ୍ୟବସ୍ଥା, ଟ୍ରାଫିକ୍ ସୁବିଧା, ଯାତ୍ରୀଙ୍କ ସୁବିଧା ଏବଂ ଚାଲୁରହିଥିବା ଭିତିଭୂମି କାର୍ଯ୍ୟ ଉପରେ ସମୀକ୍ଷା କରାଯାଇଥିଲା। ନିରୀକ୍ଷଣ ସମୟରେ ଶ୍ରୀ ଫୁଙ୍କୱାଲ ଆରଙ୍ଗ ମହାନଦୀ, ମହାସମୁନ୍ଦ, ଖରିଆର ରୋଡ୍, ନୂଆପଡ଼ା ରୋଡ୍, ହରିଶଙ୍କର ରୋଡ୍, କଂଟାବାଞ୍ଜି ସମେତ ବିଭିନ୍ନ ଷ୍ଟେସନରେ ଟ୍ରାଫିକ ସୁବିଧା କାର୍ଯ୍ୟ, ଯାତ୍ରୀଙ୍କ ସୁବିଧା ତଥା ଭିତିଭୂମି ବିକାଶ ପ୍ରକଳ୍ପର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ। ମହାପ୍ରବନ୍ଧକ ମଧ୍ୟ, ନିରାପଦ ଏବଂ ସୁଗମ ଟ୍ରେନ୍ ଚଳାଚଳ କାର୍ଯ୍ୟ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଆବଶ୍ୟକୀୟ ସତର୍କତା ଅବଲମ୍ବନ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯାତ୍ରୀ ସୁବିଧା ବୃଦ୍ଧି ପାଇଁ ଲକ୍ଷ୍ୟ ରଖାଯାଇଥିବା ଅନେକ ଭିତଭୂମି ପ୍ରକଳ୍ପର ଅଗ୍ରଗତି ଉପରେ ମଧ୍ୟ ଶ୍ରୀ ଫୁଙ୍କୱାଲ ସମୀକ୍ଷା କରିଛନ୍ତି। ଏଥିମଧ୍ୟରେ ପାର୍କିଂ କ୍ଷେତ୍ରରେ ଉନ୍ନତି, ସର୍କୁଲାର ବା ଚଳପ୍ରଚଳ କ୍ଷେତ୍ର ଏବଂ ଷ୍ଟେସନରେ ଲ୍ୟାଣ୍ଡସ୍କେପ୍ ଅନ୍ତର୍ଭୁକ୍ତ। ମହାପ୍ରବନ୍ଧକ ବିଶେଷ ଭାବରେ ଅମୃତ ଷ୍ଟେସନ ଯୋଜନା ଅଧୀନରେ ଷ୍ଟେସନ ପୁନର୍ବିକାଶ କାର୍ଯ୍ୟର ଅଗ୍ରଗତି ଉପରେ ଧ୍ୟାନ ଦେଇଥିଲେ, ଯାହା ନେଟୱାର୍କରେ ଯାତ୍ରୀଙ୍କ ଅଭିଜ୍ଞତାକୁ ବୃଦ୍ଧି କରାଇବା ପାଇଁ ଲକ୍ଷ୍ୟ ରଖିଛି। ମହାପ୍ରବନ୍ଧକଙ୍କ ନିରୀକ୍ଷଣ ସମୟରେ ସମ୍ବଲପୁର ରେଳ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଶ୍ରୀ ସୁବାଷ ଚନ୍ଦ୍ର ଚୌଧରୀ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



# ବାଲିପାଟଣା ବ୍ଲକରେ ମିଳିତ ଅଭିଯୋଗ ଶୁଣାଣି

**ଭୁବନେଶ୍ୱର,୨୪।୮ (ମହାଭାରତ):** ବାଲିପାଟଣା ବ୍ଲକ କାର୍ଯ୍ୟାଳୟ ପରିସରରେ ପ୍ରତ୍ୟକ୍ଷ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଖୋରଧା ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଆୟୋଜିତ ଏହି ଯୁଗ୍ମ ଅଭିଯୋଗ ଶୁଣାଣିରେ ଜିଲ୍ଲାସ୍ତରୀୟ ବରିଷ୍ଠ ଅଧିକାରୀ ଓ ସ୍ଥାନୀୟ ଜନପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ଜଣାଶୁଣାଣିକୁ ଆସିଥିବା ଜନସାଧାରଣମାନଙ୍କ ନିମନ୍ତେ ଆନୁସଙ୍ଗିକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ମୋଟ ୫୭ଟି ଆପତି ଅଭିଯୋଗ ଦାଖଲ ହୋଇଥିଲା ଓ ସେଥି ମଧ୍ୟରୁ ୨୭ଟି ଅଭିଯୋଗ ବ୍ୟକ୍ତିଗତ ଥିବାବେଳେ ୩୦ଟି ଗୋଷ୍ଠୀଗତ ଅଭିଯୋଗ ଥିଲା। ସେଥି ମଧ୍ୟରୁ ୭ଗୋଟି ଅଭିଯୋଗକୁ ତୁରନ୍ତ ସମାଧାନ କରାଯାଇଥିଲା। ଜଣଙ୍କ ଆବେଦନକୁ ବିଚାରକୁ ନିଆଯାଇ ଜିଲ୍ଲା ରେଡ଼କ୍ରସ ପାଣ୍ଠିରୁ ୧୫ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏତଦବ୍ୟତୀତ ସମସ୍ତ ଅଭିଯୋଗଗୁଡିକୁ ବିଚାରକୁ ନେଇ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜନସାଧାରଣଙ୍କୁ ସେବା ଯୋଗାଇ ଦେବା ଉପରେ ଅଧିକାରୀମାନେ ଗୁରୁତ୍ୱରୋପ କରିଥିଲେ। ଶୁଣାଣି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଉପଜିଲ୍ଲାପାଳ ଡଃ ମନୋରଞ୍ଜନ ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ବାଲିପାଟଣା ବିଡିଓ ଶୁଭ୍ରାଂଶୁ ଶେଖର ପାଢ଼ୀ, ତହସିଲଦାର କଳ୍ପନା ଦାସ,ଜିଲ୍ଲା ସାଧାରଣ ଅଭିଯୋଗ ଆସିଷ୍ଟାନ୍ତ କଲେକ୍ଟର ଭୁବନେଶ୍ୱରୀ କହଁର, ଅନ୍ୟ ସମସ୍ତ ବିଭାଗୀୟ ଅଧିକାରୀ, ସ୍ଥାନୀୟ ଜନ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।



# ଅଙ୍ଗଦାତାଙ୍କ ପରିବାର ସଦସ୍ୟଙ୍କୁ ସୂରଜ ସମ୍ମାନ

**ଭୁବନେଶ୍ୱର,୨୪।୮ (ମହାଭାରତ):** 'ବିଶ୍ୱ ଅଙ୍ଗଦାନ ଦିବସ' ଅବସରରେ ଗୁରୁବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ରାଜ୍ୟସ୍ତରୀୟ ସମାରୋହରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଯୋଗଦେଇ ଅଙ୍ଗଦାନ କରି ଅନ୍ୟମାନଙ୍କର ଜୀବନ ବଂଚାଇଥିବା ଅଙ୍ଗଦାତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ ତାଙ୍କର ପରିବାର ସଦସ୍ୟଙ୍କୁ 'ସୂରଜ ସମ୍ମାନ'ରେ ସମ୍ମାନିତ କରିଛି। ଗୋଟିଏ କିମ୍ବା ତତୋଧିକ ଅଙ୍ଗ ଦାନ କରିଥିବା ବିଭିନ୍ନ ଜିଲ୍ଲାର ମୋଟ ୨୪ ଜଣ ଅଙ୍ଗଦାତାଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏଁ ସମ୍ମାନ ରାଶି ପ୍ରଦାନ କରାଯାଇଛି। ୨୦୨୫ରେ ୧୦ ଜଣ ଅଙ୍ଗଦାନ କରିଥିବା ବେଳେ ଏହି ବର୍ଷ ଏହା ବୃଦ୍ଧି ପାଇ ୨୪ରେ ପହଂଚିଛି। ଅର୍ଥାତ୍ ଅଙ୍ଗଦାନ କରିବାରେ ରାଜ୍ୟବାସୀଙ୍କ ଏହି ଉତ୍ସାହ ନିରନ୍ତର ବୃଦ୍ଧି ପାଇବାରେ ଲାଗିଛି। ଏହି ସମ୍ମାନ ଅଙ୍ଗଦାନ କରିବା ପାଇଁ ଲୋକଙ୍କୁ ପ୍ରୋତ୍ସାହିତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଅଙ୍ଗଦାନ କେବଳ ଏକ ନିଷ୍ପତି ନୁହେଁ, ଏହା ଅନ୍ୟ ଜଣଙ୍କ ଆଖିରେ ନୂଆ ସ୍ୱପ୍ନ ଓ ଜୀବନ ଦେବାର ଏକ ସ୍ୱର୍ଣ୍ଣିମ ସୁଯୋଗ। ଆମର ଭାରତୀୟ ସଂସ୍କୃତି ଓ ପରମ୍ପରାରେ 'ଦାନ' ହେଉଛି ସବୁଠାରୁ ମହାନ୍ ପରିଚୟ। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜୀଙ୍କ 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ମାଧ୍ୟମରେ ଆଜି ଅଙ୍ଗଦାନ ପ୍ରତି ସାରା ଦେଶରେ ଏକ ଜନଆନ୍ଦୋଳନ ସୃଷ୍ଟି ହୋଇପାରିଛି। ଜଣେ ବ୍ରେନ୍ ଡେଡ୍ ବ୍ୟକ୍ତି ନିଜର ବୃକକ୍, ଯକୃତ, ଫୁସଫୁସ, ହୃତପିଣ୍ଡ, ଅଗ୍ନ୍ୟାଶୟ ଓ ଅନ୍ତନଳୀ ଦାନ କରି ୮ ଜଣଙ୍କ ଜୀବନ ବଂଚାଇ ପାରିବେ। ଅଙ୍ଗଦାନ କ୍ଷେତ୍ରରେ ଭାରତ ସାରା ବିଶ୍ୱରେ ତୃତୀୟ ସ୍ଥାନରେ ରହିଛି। ଆସନ୍ତୁ, ଏହି ମହାନ ବାର୍ତାକୁ ତୃଣମୂଳ ସ୍ତରକୁ ନେବା ସହ ଅଙ୍ଗଦାନ କ୍ଷେତ୍ରରେ ଭାରତକୁ ବିଶ୍ୱରେ ପ୍ରଥମ ସ୍ଥାନରେ ପହଂଚାଇବା ପାଇଁ ସଙ୍କଳ୍ପ ନେବା। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ବିଭାଗର ସଚିବ, ନ୍ୟାସନାଲ ଅର୍ଗାନ ଆଣ୍ଡ ଟିସ୍ୟୁ ଟ୍ରାନ୍ସପ୍ଲାଂଟ ଅର୍ଗାନାଇଜେସନର ନିର୍ଦ୍ଦେଶକଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ତୃଣମୂଳସ୍ତରରେ ବିଜେପି ସଂଗଠନ ସୁଦୃଢ଼ କରିବାକୁ ଗୁରୁତ୍ୱ

**ଭୁବନେଶ୍ୱର,୨୪।୮ (ମହାଭାରତ):** ଚିଲିକା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସୁନାଖଳାଠାରେ ଆୟୋଜିତ ବୈଠକରେ ଓଡ଼ିଶାର ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ବିଜେପିର ବିଭିନ୍ନ ସାଂଗଠନିକ ପ୍ରସଙ୍ଗ ଓ ଆଗାମୀ କାର୍ଯ୍ୟଯୋଜନା ନେଇ ଆଲୋଚନା କରିଛନ୍ତି। ବୈଠକରେ ତୃଣମୂଳସ୍ତରରେ ଦଳୀୟ ସଂଗଠନକୁ ଆହୁରି ସୁଦୃଢ଼ ଓ ସଶକ୍ତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ସହ ସେଗୁଡ଼ିକର ସୁଫଳ ଲୋକଙ୍କ ନିକଟରେ ପହଂଚାଇବା ନେଇ ଆଲୋଚନା ହୋଇଥିଲା। ମନ୍ତ୍ରୀଙ୍କ ସହ ବୈଠକରେ ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ଦୁଷ୍ମନ୍ତ ହରିଚନ୍ଦନ, ବାଣପୁର ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ଚିଲିକା ବ୍ଲକ ଅଧ୍ୟକ୍ଷା ଜ୍ୟୋସ୍ନା ବେହେରା, ଚିଲିକା ବ୍ଲକ ଉପାଧ୍ୟକ୍ଷ ଅରୁଣ ପଟ୍ଟନାୟକ ଦିଲ୍ଲୀପ ରାୟଙ୍କ ଏକ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ରାଓ ଯାଦବ ଏହି ତଥ୍ୟ ପ୍ରଦାନ କରିଛନ୍ତି। ସ୍ୱାସ୍ଥ୍ୟ



ରାଷ୍ଟ୍ରମନ୍ତ୍ରୀ କହିଛନ୍ତି ଯେ ଏ ସଂକ୍ରାନ୍ତରେ ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍ଆର୍) ପକ୍ଷରୁ ଲଗାତାର ଅଧ୍ୟୟନ କରାଯାଇ ନିକଟରେ ଏକ ବିସ୍ତୃତ ରିପୋର୍ଟ ପ୍ରକାଶ ପାଇଛି। ଦେଶର ସହରାଂଚଳର ଅନ୍ୟୁନ ୧୬.୪୦ ପ୍ରତିଶତ ଲୋକ ମଧୁମେହରେ ଆକ୍ରାନ୍ତ ହୋଇଥିବାବେଳେ ଗ୍ରାମାଂଚଳରେ ଏହି ସଂଖ୍ୟା କିନ୍ତୁ ୮.୯୦ ପ୍ରତିଶତ ରହିଛି। ସେହିପରି ମୋଟାପଣ କ୍ଷେତ୍ରରେ ସାଧାରଣ ବଡି ମାକ୍ସ ଇଣ୍ଡେକ୍ସ ସହରାଂଚଳରେ ୩୯.୬୦ ପ୍ରତିଶତ ଥିବାବେଳେ ଗ୍ରାମାଂଚଳରେ ୨୩.୧୦ ପ୍ରତିଶତ ରହିଛି। ଦେଶର ଗ୍ରାମାଂଚଳରେ ଅନ୍ୟୁନ ୩୩.୫୦ ପ୍ରତିଶତ ଲୋକଙ୍କ ପେଟ ଆବଶ୍ୟକତାଠାରୁ ଅଧିକ ବଡ଼ ଥିବାବେଳେ ସହରାଂଚଳରେ ୫୧.୬୦ ପ୍ରତିଶତ ଲୋକଙ୍କ କ୍ଷେତ୍ରରେ ଏହି ସମସ୍ୟା ଲାଗି ରହିଛି। ଅତ୍ୟଧିକ ମାନସିକ ଚାପ ବା ହାଇପର ଟେନ୍ସନ୍ ମଧ୍ୟ ଆମ ସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି। ଦେଶର ସହରାଂଚଳରେ ୪୦.୭୦ ପ୍ରତିଶତ ଲୋକ ହାଇପର ଟେନ୍ସନ୍ରେ ଆକ୍ରାନ୍ତ ଥିବାବେଳେ ଗ୍ରାମାଂଚଳରେ ଏହି ପରିମାଣ ୩୩ ପ୍ରତିଶତରେ ସୀମିତ ରହିଛି। ଏହାଛଡ଼ା କୋଲଷ୍ଟ୍ରଲ୍ ସମସ୍ୟା ବି ଲାଗି ରହିଛି। ଏଚ୍ଡିଏଲ୍ କୋଲଷ୍ଟ୍ରଲ୍ କମ୍ ରହିବା କ୍ଷେତ୍ରରେ ସହରାଂଚଳରେ ୬୯.୩ ଓ ଗ୍ରାମାଂଚଳରେ ୬୫.୬ ପ୍ରତିଶତ ଲୋକ ଆକ୍ରାନ୍ତ ଅଛନ୍ତି। ଏଲ୍ଡିଆର୍ କୋଲଷ୍ଟ୍ରଲ୍ ଅଧିକ ରହିବା ଯୋଗୁ ବି ସମସ୍ୟା ଲାଗି ରହୁଛି। ଏହି ସମସ୍ୟାର ନିରାକରଣ ପାଇଁ ରାଜ୍ୟ ସରକାରମାନଙ୍କ ସହଯୋଗରେ କେନ୍ଦ୍ର ସରକାର ଉଦ୍ୟମ ଚଳାଇଛନ୍ତି। ଏ ସଂକ୍ରାନ୍ତରେ ସାଂସଦ ଶ୍ରୀ ରାୟ ଏକ ବିବୃତିରେ କହିଛନ୍ତି ଯେ ଲୋକଙ୍କ ଦୈନନ୍ଦିନ ଜୀବନ ଶୈଳୀ ଓ ଖାଦ୍ୟାଭ୍ୟାସରେ ନକରାତ୍ମକ ପରିବର୍ତନ ଯୋଗୁ ବିଭିନ୍ନ ରୋଗ ସୃଷ୍ଟି ହେଉଛି ଏବଂ ଏହାର ଚିକିତ୍ସା ଲାଗି ସରକାର ଓ ପରିବାର ବିପୁଳ ଅର୍ଥ ଖର୍ଚ୍ଚ କରିବାକୁ ବାଧ୍ୟ ହେଉଛନ୍ତି।

## ସମ୍ବିଧାନର ସୁରକ୍ଷା

ଗୋଟିଏ ବି ଦିନ ସଂସଦରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ସମ୍ଭବ ହୋଇପାରିଲାନି। ମୁଲତବି ପ୍ରସ୍ତାବ ଉପରେ ଆଲୋଚନା ହୋଇପାରିଲାନି, ବିନା ଆଲୋଚନାରେ କିଛି ବିଲ୍ ଗୃହୀତ ହୋଇଛି। ଅନେକ ରାଷ୍ଟ୍ରୀୟ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ରହିଥିଲା। ଏସବୁ ପ୍ରସଙ୍ଗରେ ଆଲୋଚନା ଉଚିତ ଥିଲା। କିନ୍ତୁ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ ଏହା ସମ୍ଭବ ହୋଇପାରିଲା ନାହିଁ। ସଂସଦ ଅଧିବେଶନ ପାଇଁ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଉଛି। ଏସବୁ ଗରିବ ଲୋକଙ୍କ ଟିକସ ଅର୍ଥରୁ ଖର୍ଚ୍ଚ ହେଉଛି। ଏହାକୁ ନଷ୍ଟ କରିବାର ଅଧିକାର କାହାର ନାହିଁ। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ବିରୋଧୀ ସଭ୍ୟମାନେ ସବୁ ଜାଣି କିଛି ନଜାଣିବା ପରି ଆଚରଣ ପ୍ରଦର୍ଶନ କରୁଛନ୍ତି। ସେମାନେ ଉଦ୍ଦେଶ୍ୟମୂଳକ ଭାବେ ସଂସଦକୁ ବାରମ୍ବାର ଅଚଳ କରୁଛନ୍ତି। ଦେଶରେ ଅରାଜକତା ସୃଷ୍ଟି କରିବା ଏବଂ ଲୋକଙ୍କ ନିକଟକୁ ଭୁଲ ବାର୍ତ୍ତା ପଠାଇବା ସେମାନଙ୍କପର ଲକ୍ଷ୍ୟ। ରାଷ୍ଟ୍ରର ସ୍ୱାର୍ଥ ରକ୍ଷାକୁ ସେମାନେ ଗୁରୁତ୍ୱ ଦେଉ ନାହାଁନ୍ତି। ଏଭଳି ହଟ୍ଟଗୋଳ ଅପେକ୍ଷା ସଂସଦ ଅଧିବେଶନ ନହେବା ଭଲ। ସଂସଦ ହେଉ ବା ବିଧାନସଭା, ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହେଉଛି ସବୁଠାରୁ ମୌଳିକ କାର୍ଯ୍ୟକ୍ରମ। ଏହାକୁ ଲୋକଙ୍କ କାର୍ଯ୍ୟକ୍ରମ ବୋଲି କୁହାଯାଏ। ଦିନରେ ମାତ୍ର ଘଣ୍ଟାଏ ଏଥିପାଇଁ ଧାର୍ଯ୍ୟ ହୋଇଛି। ଲୋକଙ୍କ ସମସ୍ୟା, ସ୍ୱାର୍ଥ ଏବଂ ଦାବି ସମ୍ପର୍କରେ ଜନ ପ୍ରତିନିଧିମାନେ ଏହି ସମୟରେ ପ୍ରଶ୍ନ ପଚାରନ୍ତି ଏବଂ ମନ୍ତ୍ରୀମାନେ ଏହାର ଉତ୍ତର ରଖନ୍ତି। ସଂସଦୀୟ ଗଣତନ୍ତ୍ରର ପରମ୍ପରା ହେଲା ସବୁ କାର୍ଯ୍ୟକ୍ରମ ବନ୍ଦ ହୋଇଯାଉପଛେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ନଷ୍ଟ ନହେଉ। ଗୋଟିଏ ଘଣ୍ଟା ହେଉ ପଛେ, ପ୍ରତିନିଧିମାନେ ଏହି ସମୟ ଟିକିକ ସଂଯମତା ଅବଲମ୍ବନ କରିବା ଉଚିତ। ପରେ ଯାହା କଲେ କର। ସଂସଦ ଅଧିବେଶନ ଆରମ୍ଭରୁ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରି ବିରୋଧୀ ହଟ୍ଟଗୋଳ କଲେ। ଶିକ୍ଷାମନ୍ତ୍ରୀ ପଦରୁ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦେଲେ। ତା ପରେ ପୁଣି କାହିଁକି ହଟ୍ଟଗୋଳ ? ଆଲୋଚନା ମାଧ୍ୟମରେ ବିରୋଧୀ ସରକାରଙ୍କୁ ସମାଲୋଚନା କରିପାରିଥାଆନ୍ତେ। ସରକାର ମଧ୍ୟ ଏହାର ଜବାବ ରକିବାର ସୁଯୋଗ ପାଇଥାଆନ୍ତେ। କିନ୍ତୁ ତାହା ସମ୍ଭବ ହୋଇପାରିଲା ନାହିଁ। ୧୯ ଦିନରେ ଗୃହରେ ଗୋଟିଏ ଦିନ ମଧ୍ୟ କାର୍ଯ୍ୟକ୍ରମ ସମ୍ଭବ ହୋଇନପାରିବା ଦୁର୍ଭାଗ୍ୟଜନକ, ନିନ୍ଦନୀୟ ଏବଂ ପରିତାପର ବିଷୟ। ଏଥିଲାଗି ସାଂସଦମାନେ ଉତ୍ତରଦାୟୀ ହେବା ଉଚିତ। ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଦେଶବାସୀଙ୍କୁ ଏହାର ଜବାବ ଦେବା ଉଚିତ। ତାଙ୍କ ଇଚ୍ଛାରେ ସଂସଦ ଚାଲିପାରିବ ନାହିଁ। ସେ ଦାବି କରିବା ମାତ୍ରେ ପ୍ରଧାନମନ୍ତ୍ରୀ ଗୃହକୁ ଆସି କ୍ଷମା ମାଗିବେ, ଗୃହମନ୍ତ୍ରୀ ଇସ୍ତଫା ଦେବେ ତାହା ସମ୍ଭବ ବା ଗ୍ରହଣୀୟ ନୁହେଁ। ବିରୋଧୀ ଦଳ ନେତା ସମ୍ବିଧାନର ସୁରକ୍ଷା କଥା କହୁଛନ୍ତି, କିନ୍ତୁ ସେ ନିଜେ ସଂସଦୀୟ ପରମ୍ପରା ସମ୍ପର୍କରେ ପଢ଼ିବା ଏବଂ ଶିଖିବାର ଆବଶ୍ୟକତା ରହିଛି। ଲୋକଙ୍କ ଅର୍ଥକୁ ପାଣିରେ ପକାଇବାର ଅଧିକାର ତାଙ୍କର ନାହିଁ। ଜଣେ ନାଗରିକ ତା ନିଜ ସମସ୍ୟା କଥା ଉଠାଇବାକୁ ପ୍ରତିନିଧିଙ୍କୁ ଅନୁରୋଧ କରିଥିବେ। ଯଦି ସମ୍ପୃକ୍ତ ସାଂସଦ ସେ କଥା କହିବାକୁ ସୁଯୋଗ ନପାଇଲେ, ତେବେ ଏଥିପାଇଁ କିଏ ଉତ୍ତରଦାୟୀ ହେବ? କିଛି ଦିନ ପରେ ରାଜ୍ୟ ବିଧାନସଭା ଅଧିବେଶନ ବସିବ। ସେଠାରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିବ। ଏହା ଏକ ଖରାପ ପରମ୍ପରାରେ ପରିଣତ ହୋଇଛି। ଏହାକୁ ରୋକିବା ନିହାତି ଜରୁରୀ। ସଂସଦ ବା ବିଧାନସଭାରେ ହଟ୍ଟଗୋଳ ଏକ ଗର୍ହିତ ଅପରାଧ।

## ବନ୍ୟପ୍ରାଣୀଙ୍କ ସୁରକ୍ଷା ଓ ଜଙ୍ଗଲ ନିଆଁ

“ *ଜଳବାୟୁର ଆର୍ଦ୍ରତା ଓ ପବନର ବେଗ ଉପରେ ପ୍ରାକୃତିକ ବନାଗ୍ନି ନିର୍ଭର କରିଥାଏ। ବାୟୁମଣ୍ଡଳରେ ଉତ୍ତାପର ମାତ୍ରାବୃଦ୍ଧି ଯଦିଓ ଜଙ୍ଗଲରେ ନିଆଁ ଲାଗିବାର ପ୍ରତ୍ୟକ୍ଷ କାରଣ ନୁହେଁ, ମାତ୍ର ଏହାଦ୍ୱାରା ଶୁଖିଯାଉଥିବା ଗଛବୃକ୍ଷ, ବୃଦ୍ଧି ପାଉଥିବା ପବନର ବେଗ ସାମାନ୍ୟ ନିଆଁକୁ ଜଙ୍ଗଲବ୍ୟାପୀ କରାଇ ଦେଇଥାଏ । ପବନର ଅଧିକ ଗତି ଓ ପାହାଡ଼ରୁ ଗଡ଼ି ଆସୁଥିବା ବଡ଼ ବଡ଼ ପଥର ପରସ୍ପର ସହିତ ଥକ୍କା ଲାଗି ନିଆଁ ସୃଷ୍ଟି କରିଥାନ୍ତି। ଏହା ସତ୍ୟ ଯେ, ଜଙ୍ଗଲ ମୁଲକରେ ସାଧାରଣତଃ ବସବାସ କରନ୍ତି ଆଦିବାସୀ । ସେମାନେ ନିଜର ଜୀବନଜୀବିକା ପାଇଁ ପୋଡୁଚାଷ ଉପରେ ନିର୍ଭର କରନ୍ତି । ଖରାଦିନ ଓ ଶୀତଦିନ ଆସିଲେ ସେମାନେ ଏଥିରେ ନିଆଁ ଲଗାଇ ଦେଇଥାଆନ୍ତି ।*

**॥ ଅଲେଖ ଚନ୍ଦ୍ର ସାମଲ ॥**

ଆଜି ବିଶ୍ୱ ବନ୍ୟପ୍ରାଣୀ ଦିବସ। ବନ୍ୟ ଜୀବମାନଙ୍କର ଶରୀରର ବିଭିନ୍ନ ଅଂଶକୁ ବେଆଇନ ଭାବେ ଚାଲାଣ କରିବା ଏବେ ବିଶ୍ୱର ଅନ୍ୟତମ ଲାଭଦାୟକ ବ୍ୟାପାର ପାଲଟିଛି। ସେ ହାତୀଦାନ୍ତ ହେଉ ବା ଗଣ୍ଡା ଶିଙ୍ଘ କିମ୍ବା ବାଘ ଶରୀରର ବିଭିନ୍ନ ଅଂଶ। ଚୋରା ଚାଲାଣକାରୀମାନେ ଏହାକୁ ବିକ୍ରି କରି ପ୍ରଚୁର ଅର୍ଥ ରୋଜଗାର କରୁଛନ୍ତି। ବିଶେଷ କରି ଏସିଆ ଏବଂ ଆଫ୍ରିକାରେ ଏହି ବ୍ୟବସାୟର ବଜାର ଖୁବ୍ ବ୍ୟାପକ। ଏପରିସ୍ଥଳେ ବିପଦରେ ଥିବା ବନ୍ୟପ୍ରାଣୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ୨୦୧୩ ମସିହା ଡିସେମ୍ବର ୨୦ ତାରିଖରେ ଜାତିସଂଘର ସାଧାରଣ ସଭାରେ ମାର୍ଚ୍ଚ ୩ ତାରିଖକୁ ବିଶ୍ୱ ବନ୍ୟପ୍ରାଣୀ ଦିବସ ଭାବେ ପାଳନ କରିବା ଲାଗି ଘୋଷଣା କରାଯାଇଥିଲା। ସେବେଠାରୁ ମାର୍ଚ୍ଚ ୩ ତାରିଖକୁ ବିଶ୍ୱ ବନ୍ୟପ୍ରାଣୀ ଦିବସ ଭାବେ ପାଳନ କରାଯାଉଛି। ଏହି ଦିନ ବିଲୁପ୍ତ ହୋଇଆସୁଥିବା ବନ୍ୟପ୍ରାଣୀଙ୍କ ସଂପର୍କରେ ସଚେତନତା ସୃଷ୍ଟି କରାଯିବା ସହିତ ବନ୍ୟପ୍ରାଣୀ ଅପରାଧ ବିରୋଧରେ ଲଢ଼ିବାକୁ ଲୋକମାନଙ୍କୁ ପ୍ରେରିତ କରାଯାଏ। ଏହି ଅବସରରେ ଜାତିସଂଘ, ବିଭିନ୍ନ ସଂଗଠନ ପକ୍ଷରୁ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥାଏ। ତେବେ ବନାଗ୍ନି ଫଳରେ ଯେଉଁ ଜୈବ ବିବିଧତା ନଷ୍ଟ ହେଉଛି ପରିଶେଷରେ ଅଙ୍ଗାରକାମ୍ଳ ଶୋଷଣର କ୍ଷମତା କମୁଛି, ମୃତ୍ତିକା କ୍ଷୟ ସାଙ୍ଗକୁ ମୃତ୍ତିକାର ଉର୍ବରତା ହ୍ରାସ ପାଉଛି, ତାହା ସବୁ ହିସାବକୁ ନେଲେ କ୍ଷତିର ପରିମାଣ ଯାହା ହେବ ତାହା ଅକଳ୍ପନୀୟ । କାରଣ ଏହାଦ୍ୱାରା ଜଳବାୟୁରେ ବିଭ୍ରାଟ ଦେଖାଦେବା ସାଙ୍ଗକୁ ପରିବେଶ ଅସୁରକ୍ଷିତ ହୋଇପଡୁଛି ଯାହାକୁ କୌଣସି ମୂଲ୍ୟରେ ତଉଲିବା ଅସମ୍ଭବ । ଫରେଷ୍ଟ ସର୍ଭେ ଇଣ୍ଡିଆର ରାଜ୍ୟୱାରି ଜଙ୍ଗଲ ନିଆଁ ସମ୍ବନ୍ଧରେ ପ୍ରଦତ୍ତ ତଥ୍ୟ ଏଠାରେ ଉଲ୍ଲେଖ ଯୋଗ୍ୟ କରାଯିବା ପ୍ରାସଙ୍ଗିକ ମନେ ହୁଏ । ୨୦୨୦ର ତଥ୍ୟ ଅନୁଯାୟୀ ଆମ ରାଜ୍ୟ ଓଡ଼ିଶାରେ ୪୭,୧୪୫ ବର୍ଗ କିଲୋମିଟର ଜଙ୍ଗଲ ରହିଛି । ଯାହାକି ସମଗ୍ର ଦେଶର ଜଙ୍ଗଲ ଅଞ୍ଚଳର ୭.୩୪ ପ୍ରତିଶତ । ତନ୍ମଧ୍ୟରୁ ୨୫୯୦ ବର୍ଗ କିଲୋମିଟର ଜଙ୍ଗଲ ବନାଗ୍ନିପ୍ରବଣ । ସେହିପରି ଆନ୍ଧ୍ରପ୍ରଦେଶରେ ୪୭,୨୫୬ ବର୍ଗକିଲୋମିଟର ଜଙ୍ଗଲ ମଧ୍ୟରୁ ୧୨୯ ବର୍ଗକିଲୋମିଟର, ଅରୁଣାଚଳ ପ୍ରଦେଶରେ ୬୮,୬୬୧ ବର୍ଗକିଲୋମିଟରରୁ ୧୦୧ ବର୍ଗକିଲୋମିଟର, ଛତିଶଗଡ଼ରେ ୫୭,୪୮୪ ବର୍ଗକିଲୋମିଟର ମଧ୍ୟରୁ ୧୨୧ ବର୍ଗକିଲୋମିଟର, ଝାଡ଼ଖଣ୍ଡରେ ୨୧,୭୪୩ ବର୍ଗକିଲୋମିଟରରୁ ୪୭୨ ବର୍ଗକିଲୋମିଟର, କର୍ଣ୍ଣାଟକରେ ୩୨,୩୪୩ ବର୍ଗକିଲୋମିଟରରୁ ୧୦୭ ବର୍ଗକିଲୋମିଟର, ମଧ୍ୟପ୍ରଦେଶରେ ୭୭,୯୧୨ ବର୍ଗକିଲୋମିଟରରୁ ୩୦୯୬ ବର୍ଗକିଲୋମିଟର, ମହାରାଷ୍ଟ୍ରରେ ୪୩,୮୫୯ ବର୍ଗକିଲୋମିଟରରୁ ୫୮୪ ବର୍ଗକିଲୋମିଟର ଓ ଉତ୍ତରାଞ୍ଚଳରେ ୨୩,୨୫୪ ବର୍ଗକିଲୋମିଟରରୁ ୪୪୯୨ ବର୍ଗକିଲୋମିଟର ଜଙ୍ଗଲ ନିଆଁ ଲାଗି କ୍ଷତିଗ୍ରସ୍ତ ହୋଇଥାଏ ।

ଜଳବାୟୁର ଆର୍ଦ୍ରତା ଓ ପବନର ବେଗ ଉପରେ ପ୍ରାକୃତିକ ବନାଗ୍ନି ନିର୍ଭର କରିଥାଏ। ବାୟୁମଣ୍ଡଳରେ ଉତ୍ତାପର ମାତ୍ରାବୃଦ୍ଧି ଯଦିଓ ଜଙ୍ଗଲରେ ନିଆଁ ଲାଗିବାର ପ୍ରତ୍ୟକ୍ଷ କାରଣ ନୁହେଁ, ମାତ୍ର ଏହାଦ୍ୱାରା ଶୁଖିଯାଉଥିବା ଗଛବୃକ୍ଷ, ବୃଦ୍ଧି ପାଉଥିବା ପବନର ବେଗ ସାମାନ୍ୟ ନିଆଁକୁ ଜଙ୍ଗଲବ୍ୟାପୀ କରାଇ ଦେଇଥାଏ । ପବନର ଅଧିକ ଗତି ଓ ପାହାଡ଼ରୁ ଗଡ଼ି ଆସୁଥିବା ବଡ଼ ବଡ଼ ପଥର ପରସ୍ପର ସହିତ ଥକ୍କା ଲାଗି ନିଆଁ ସୃଷ୍ଟି କରିଥାନ୍ତି। ଏହା ସତ୍ୟ ଯେ, ଜଙ୍ଗଲ ମୁଲକରେ ସାଧାରଣତଃ ବସବାସ କରନ୍ତି ଆଦିବାସୀ । ସେମାନେ ନିଜର ଜୀବନଜୀବିକା ପାଇଁ ପୋଡୁଚାଷ ଉପରେ ନିର୍ଭର କରନ୍ତି । ଖରାଦିନ ଓ ଶୀତଦିନ ଆସିଲେ ସେମାନେ ଏଥିରେ ନିଆଁ ଲଗାଇ ଦେଇଥାଆନ୍ତି । ଦରପୋଡ଼ା ଗଛରୁ ସେମାନେ ଅଙ୍ଗାର ସଂଗ୍ରହ କରି ବଜାରରେ ବିକ୍ରି କରିଥାଆନ୍ତି । ଅଧିକ ପରିମାଣରେ ଅଙ୍ଗାର ସଂଗ୍ରହ ପାଇଁ ସେମାନେ ବିସ୍ତୀର୍ଣ୍ଣ ଜଙ୍ଗଲ ଅଞ୍ଚଳରେ ନିଆଁ ଲଗାଇ ଦେବା ଫଳରେ ଏହି ନିଆଁ ସାରା ଜଙ୍ଗଲକୁ ମାଡ଼ିଯାଇ ବ୍ୟାପକ କ୍ଷତି ଘଟାଇଥାଏ । ପୁଣି ଜଙ୍ଗଲଜାତ ସାମଗ୍ରୀ ଯଥା ମହୁଲ, ଶାଳମଞ୍ଜି ଟୋଳ ଆଦି ସଂଗ୍ରହ ସକାଶେ ଏସବୁ ଗଛର ମୂଳ ସଫା ରଖିବା ପାଇଁ ଆଦିବାସୀମାନେ ତଳେ ଝରିପଡୁଥିବା ଶୁଖିଲା ପତ୍ରରେ ନିଆଁ ଲଗାଇ ଦେଇଥାଆନ୍ତି । ଜୈବ ବିବିଧତା ନଷ୍ଟ ହେବା ସହ ବନ୍ୟଜନ୍ତୁ ଓ ବୃକ୍ଷଲତାଗୁଡ଼ିକର ବିଲୋପ ଘଟେ, ବନ୍ୟଜନ୍ତୁଙ୍କ ଆବାସସ୍ଥଳୀ ଉଜୁଡ଼ିଯାଏ । ସେମାନଙ୍କ ବଂଶ ବୃଦ୍ଧି ସୀମିତ ହୋଇଯାଏ । ଅନେକ ଜୀବଜନ୍ତୁଙ୍କର ପ୍ରାଣହାନୀ କାରଣରୁ ସେମାନଙ୍କ ସଂଖ୍ୟା ହ୍ରାସ ପାଏ । ଗଛ ଧ୍ୱଂସ ପାଉଥିବା ଯୋଗୁଁ ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ଶ୍ଳେଷଣରେ ବ୍ୟାଘାତ ଘଟେ । ଫଳରେ ପରିବେଶରେ ଅଙ୍ଗାରକାମ୍ଳର ମାତ୍ରା ବୃଦ୍ଧି ଘଟେ । ଜଙ୍ଗଲ ସମ୍ପଦ ହ୍ରାସଯୋଗୁଁ ବର୍ଷାର ପରିମାଣ ହ୍ରାସ ପାଏ । ଜଙ୍ଗଲ ଉପରେ ନିର୍ଭରଶୀଳ ବନବାସୀମାନଙ୍କର ଜୀବନଜୀବିକା ବିପନ୍ନ ହୁଏ । ଆବାସସ୍ଥଳୀ ଉଜୁଡ଼ିଯିବା କାରଣରୁ ଓ ଜଙ୍ଗଲରେ ମିଳୁଥିବା ଖାଦ୍ୟ ଦୁଷ୍ପ୍ରାପ୍ୟ ହେବାରୁ ବନ୍ୟଜନ୍ତୁମାନେ ଜନପଥକୁ ମାଡ଼ିଆସିବା ଫଳରେ ପଶୁ ମଣିଷ ବିବାଦ ବୃଦ୍ଧି ପାଏ ।

ଓଡ଼ିଶାରେ ୧୯୮୮ ପ୍ରଣୀତ ଜାତୀୟ ଜଙ୍ଗଲ ନୀତିରେ ଜଙ୍ଗଲ ନିଆଁକୁ ରୋକିବା ସହ ଏହାକୁ ପରିଚାଳନା ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ସବିଶେଷ ମାର୍ଗଦର୍ଶିକା ରହିଛି। ସାମ୍ପ୍ରତିକ ସୂଚନା ପ୍ରଯୁକ୍ତିର ଜ୍ଞାନକୌଶଳ ଦ୍ୱାରା ଜଙ୍ଗଲ ନିଆଁ ଉପରେ ରୋଗ ଲଗାଇବା ସହ କେନ୍ଦ୍ର ସରକାର ୨୦୦୦ ମସିହାରେ ଏ ନେଇ କିଛି ନିୟମ ଜାରି କରିଛନ୍ତି। ସେହିପରି ଭାରତୀୟ ଜଙ୍ଗଲ ଆଇନରେ ଜଙ୍ଗଲରେ ନିଆଁ ଲଗାଇବା ଏକ ଦଣ୍ଡନୀୟ ଅପରାଧ ଭାବେ କଡ଼ାକଡ଼ି ଉଲ୍ଲେଖ ରହିଛି। ଏଥିରେ ଜଙ୍ଗଲ ଉପରେ ନିର୍ଭରଶୀଳ ସ୍ଥାନୀୟ ଲୋକଙ୍କୁ ଜଙ୍ଗଲ ନିଆଁ ରୋକିବା ପାଇଁ ସାମିଲ କରିବାକୁ ବ୍ୟବସ୍ଥା ରହିଛି । ଜଙ୍ଗଲ ପୋଡ଼ି ରୋକିବାକୁ ଓଡ଼ିଶା ଜଙ୍ଗଲ ଅଧିନିୟମ ୧୯୭୯ ବିଶେଷ ଭାବେ ପ୍ରସ୍ତୁତ ହୋଇଛି । ଏଥିରେ ସଂରକ୍ଷିତ ଓ ଖୋଲା ଜଙ୍ଗଲରେ ନିଆଁ ଲଗାଇବାକୁ ସମ୍ପୂର୍ଣ୍ଣ ନିଷେଧ କରାଯିବା ସହ ଜଙ୍ଗଲ ପାଖରେ ନିଆଁର ବ୍ୟବହାର ଉପରେ ମଧ କଟକଣା ଜାରି କରାଯାଇଛି । ଓଡ଼ିଶା ଜଙ୍ଗଲ (ସଂଶୋଧନ) ଆଇନ ୨୦୦୧ର ୨୭ ଧାରାର ଉପଧାରା (କ)୧ରେ ଜଙ୍ଗଲରେ ନିଆଁ ଲଗାଇବା ଓ ଜଳନ୍ତା ନିଆଁକୁ ଛାଡ଼ି ଆସିବା ଭଳି କାର୍ଯ୍ୟ କଲେ ଜେଲ ଓ ଜରିମାନାର ବ୍ୟବସ୍ଥା ମଧ ରହିଛି । ଜଙ୍ଗଲରେ କୌଣସି କାରଣବଶତଃ ଅଗ୍ନି ଦେଖାଯିବା ମାତ୍ରେ ନିକଟସ୍ଥ ଗ୍ରାମଗୋଷ୍ଠୀକୁ ସୂଚୀତ କରାଇବା ଦ୍ୱାରା ସେମାନେ ନିଆଁ ଲିଭାଇବାକୁ ଉଦ୍ୟମ କରିବା, ଗ୍ରାମରେ ଆଇନ କରି ଜଙ୍ଗଲ ନିଆଁ ଆଇନ ଉଲ୍ଲଂଘନକାରୀଙ୍କୁ ଦଣ୍ଡିତ କରିବା, ଶିକାର, ଲଘୁବନଜାତ ଦ୍ରବ୍ୟ ସଂଗ୍ରହ, ଫସଲ ସୁରକ୍ଷା, ପୋଡୁଚାଷ ପାଇଁ ନିଆଁର ବ୍ୟବହାରକୁ ନିଷିଦ୍ଧ କରିବା ସକାଶେ କ୍ଷମତା ପ୍ରଦାନ କରାଯାଇଛି। ଜଣାଯାଇଛି ଯେ, ଓଡ଼ିଶାରେ ୨୦୦୫ ମସିହାରେ ଯେଉଁ ପରିମାଣରେ ଜଙ୍ଗଲ ପୋଡ଼ି ହୋଇଥିଲା ତାହା ସମଗ୍ର ଦେଶରେ ତୃତୀୟ ଏବଂ ଏହାର ପରିମାଣ ୫.୪୯ ପ୍ରତିଶତ। ଆମ୍ଭେମାନେ ପ୍ରକୃତି ପ୍ରଦତ୍ତ ଜଙ୍ଗଲ ସମ୍ପଦ ନଷ୍ଟ କରୁଥିବାରୁ ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରୁଛୁ। କେବଳ ଭାରତରେ ନୁହେଁ ଭୟାବହ ଜଙ୍ଗଲ ନିଆଁ, ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ଅପୂରଣୀୟ କ୍ଷତି କରୁଛି। ବହୁ ବିଳମ୍ବରେ ହେଲେ ବି ଭାରତରେ ଅତ୍ୟାଧୁନିକ ବ୍ୟବସ୍ଥା ମାଧମରେ ଜଙ୍ଗଲ ନିଆଁକୁ ଆୟତ୍ତ କରିବାର ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉଛି। ସେହିପରି ବନ୍ୟପ୍ରାଣୀ ମାନଙ୍କ ସୁରକ୍ଷା ପାଇଁ ସରକାର କଡ଼ାକଡ଼ି ଆଇନ କରିବା ପରେ ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗରେ ଅନେକ ସାମାଜିକ ଅନୁଷ୍ଠାନମାନେ ନିୟମିତ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି। ଜଙ୍ଗଲରେ କେଉଁଠି ନିଆଁ ଲାଗୁଛି ତାହା ଉପରେ ନଜର ରଖିବା ପାଇଁ ବିଦେଶୀ ରାଷ୍ଟ୍ରଗୁଡ଼ିକରେ ଜଙ୍ଗଲ ଭିତରେ ନିରୀକ୍ଷଣ ମଞ୍ଚ ପ୍ରସ୍ତୁତ କରାଯାଇ ଦୂରବିକ୍ଷଣ ଯନ୍ତ୍ର ସାହାଯ୍ୟ ନେଇ ନିୟମିତ ପହରାର ବ୍ୟବସ୍ଥା ହୋଇଛି । ନିରୀକ୍ଷଣ ମଞ୍ଚରେ ଦିଗ ନିର୍ଣ୍ଣାୟକ ଯନ୍ତ୍ର ମଧ ଲଗାଯାଇଛି, ଯାହାଫଳରେ ଜଙ୍ଗଲ ଉପରେ ସଠିକ୍ ନଜର ରଖାଯାଇପାରୁଛି । ନିଆଁ ଲାଗିଥିବା ଜଙ୍ଗଲ ଉପରେ ବାଲିବର୍ଷା, ଫୋମ ଓ ଅଗ୍ନି ନିର୍ବାପନ ଗ୍ୟାସର ପ୍ରୟୋଗ, କୃତ୍ରିମ ବର୍ଷା ଆଦି କରାଇବାର ବ୍ୟବସ୍ଥା କରାଯାଇଛି । ମାତ୍ର ସେହି ତୁଳନାରେ ଆମ ଦେଶର କୌଣସି ଅତ୍ୟାଧୁନିକ ସାଧନର ବ୍ୟବସ୍ଥା ନାହିଁ । ଜଙ୍ଗଲ ହେଉଛି ଆମ ପ୍ରକୃତି ମାତାର ଅନବଦ୍ୟ ରୂପ। ଏହାକୁ ଭଲପାଇବା ଦ୍ୱାରା କେବଳ ପ୍ରକୃତି ନୁହେଁ ଆମେ ଆମ ନିଜ ଜୀବନକୁ ସୁନ୍ଦର ଓ ସାର୍ଥକ କରିପାରିବା।

ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ : ୯୪୩୭୨୫୭୧୨୩

## ଏକ ଐଶୀକଳା ସଂପନ୍ନ ବରପୁତ୍ର

**॥ ଫଜଲ ହକ ଖାନ୍ ॥**

କାଳରେ ଧର୍ମର ଗ୍ଲାନି ଘଟିବ । କଳକୀ ଅବତାର ଆସିବେ । ରାମରାଜ୍ୟ ପ୍ରତିଷ୍ଠା ହେବ । ଅଶାନ୍ତ ଜଗତକୁ ଶାନ୍ତିର ବାର୍ତ୍ତାବହ ଆସି ଶାନ୍ତି ସ୍ଥାପନା ଦିଗରେ ଉନ୍ନତି ମୂଳକ କାର୍ଯ୍ୟ କରିବେ । ବିଶ୍ୱ ଶାନ୍ତି, ବିଶ୍ୱ ଭ୍ରାତୃଭାବ ସୃଷ୍ଟି କରାଯିବ । ବସୁଧୈବ କୁଟୁମ୍ବକମର ସୁନ୍ଦର ବାତାବରଣ ମଧ୍ୟରେ ଜନଜୀବନ ନିର୍ଭୟରେ ଶ୍ୱାସ ପ୍ରଶ୍ୱାସ ନେଇପାରିବେ। ଏହି ପରି ପ୍ରାୟ ସବୁ ଧର୍ମଗ୍ରନ୍ଥରେ ଉଲ୍ଲେଖ ଓ ଭବିଷ୍ୟତ ବାଣୀ ରହିଛି । ଧର୍ମ ସର୍ବଦା ସଂସ୍କାର, ସେବା, ତ୍ୟାଗ, ସହଯୋଗ ଏବଂ ଶିଷ୍ଟାଚାର ଶିଖାଇଥାଏ । ମନୁଷ୍ୟ ମାତ୍ର ଦୁଇଜାତି। ପୁରୁଷ ଏବଂ ସ୍ତ୍ରୀ । ବାକି ଅନ୍ୟ ସବୁ ଗୋଷ୍ଠୀ ବା ସଂପ୍ରଦାୟ କେବଳ ଜଣେ ଅନ୍ୟକୁ ପରିଚୟ ଦେବାର ମାଧ୍ୟମ ଅଟେ ।

ଇସଲାମ ଧର୍ମ ଆଦିଧର୍ମ । ଇସଲାମ ଧର୍ମର ପ୍ରକୃତ ମର୍ମହେଲା, ଶାନ୍ତି, ସ୍ନେହ, ସୌହାର୍ଦ୍ଦ୍ୟ, ସହାନୁଭୂତି, ସଦ୍‌ଭାବନା, ସହିଷ୍ଣୁତା, ସମ୍ବେଦନଶୀଳତା, ସହଯୋଗିତା, ସମନ୍ୱୟତା, ସଂଯମତା, ସରଳତା ଏବଂ ସତ୍ୟତା । ମହାମହିମ ଅବତାର ହଜରତ ମୁହମ୍ମଦ ସଲ୍ଲମ କରୁଣାର ସାଗର ହୋଇ ସମଗ୍ର ସଂସାର ପାଇଁ ଆସିଥିଲେ । ତାଙ୍କ ଭବିଷ୍ୟତବାଣୀ ଅନୁଯାୟୀ ତାଙ୍କ ଦାସତ୍ୱରେ ୧୪୦୦ ଶହ ବର୍ଷ ପରେ ୧୮୩୫ ମସିହାରେ ପ୍ରତିଶ୍ରୁତ ମସିହ ଓ ମେହେଦୀ ମିର୍ଜା ଗୁଲାମ ଅହମଦ ଜନ୍ମ ନେଇ, ଇସଲାମ ଧର୍ମରେ ଦେଖାଯାଉଥିବା କଳୁଷିତକୁ ଦୂର କରିଥିଲେ । ତଥା ଇସଲାମ ଧର୍ମକୁ ପୁନଃର୍ଜୀବିତ କରିଥିଲେ। ମିର୍ଜା ଗୁଲାମ ଅହମଦଙ୍କ ଦ୍ୱାରା ପ୍ରତିଷ୍ଠିତ ସଂପ୍ରଦାୟକୁ ଅହମଦୀୟା ମୁସଲିମ ସଂପ୍ରଦାୟ କୁହାଯାଏ । ଅହମଦୀୟା ମୁସଲିମ ସଂପ୍ରଦାୟ ପ୍ରତିଷ୍ଠା ହେବାର ମୁଖ୍ୟ ଉଦ୍ଦେଶ୍ୟ ହେଲା, ଇସଲାମ ଧର୍ମର ବାସ୍ତବ ରୂପକୁ ଅଧିକ ସୁନ୍ଦର ଭାବେ ସଂସାର ସମ୍ମୁଖରେ ରଖିବା । ଏହାର ମୂଳ ଲକ୍ଷ୍ୟ ଇସଲାମ ଶାନ୍ତି ଓ ନିରାପତାର ଧର୍ମ ବୋଲି ମାନବ ସମାଜକୁ ବୁଝାଇବା । ତଥା ଭଗବାନ ଓ ଭକ୍ତଙ୍କ ମଧ୍ୟରେ ସୁସଂପର୍କ ସ୍ଥାପିତ କରିବା । ହଜରତ ଅହମଦଙ୍କ କାର୍ଯ୍ୟକଳାପ ପରେ ତାଙ୍କର ପାରମ୍ପରିକ କାର୍ଯ୍ୟକୁ ଏପରି ଏକ ଦକ୍ଷ ବର ପୁତ୍ର ଜନ୍ମନେଇ, ସେହି କାର୍ଯ୍ୟଭାରକୁ ତ୍ୱରାନ୍ୱିତ କରିବାର ଭବିଷ୍ୟତବାଣୀ ପ୍ରାୟ ସମସ୍ତ ଧର୍ମଶାସ୍ତ୍ରରେ ଲିପିବଦ୍ଧ ରହିଛି। ଯଦ୍ଦ୍ୱାରା ଇସଲାମର ଶାନ୍ତି ପୂର୍ଣ୍ଣ ବାର୍ତ୍ତା ସମଗ୍ର ସଂସାରରେ ପ୍ରସାର ଲାଭ କରିବ । ସୁତରାଂ ୨୦ ଫେବୃଆରୀ ୧୮୮୬ ମସିହାରେ ସେହି ଐଶୀବାଣୀ ଅନୁସାରେ ସର୍ବ ବ୍ୟାପକ, ସର୍ବଶକ୍ତିମାନ, ଦୟା ଓ ସଦା କରୁଣାମୟ ସର୍ବ ଅଧୀଶ୍ୱର ଅଲ୍ଲାଃ ହଜରତ ମିର୍ଜା ଅହମଦଙ୍କୁ ସମ୍ବୋଧିତ କରି କହିଛନ୍ତି;

“ମୁଁ ତୁମ୍ଭଙ୍କୁ ଏକ କରୁଣାର ଚିହ୍ନ ପ୍ରଦାନ କରୁଛି, ଯେଉଁ ରୂପେ ତୁମେ ମୋତେ ମାଗିଥିଲ, ଅତଏବ ମୁଁ ତୁମ୍ଭର ସେହି ଗୁହାରି ଶୁଣିଲି ଏବଂ ତୁମ୍ଭ ପ୍ରାର୍ଥନାକୁ ଅପାର ଦୟାପୂର୍ବକ ଅନୁଗ୍ରହୀତାର ସ୍ଥାନ ଦେଲି । ଅତଏବ ଦିବ୍ୟଶକ୍ତି, ଅନୁଗ୍ରହ ଓ ଐଶ୍ୱରିକ ସାନିଧର ଚିହ୍ନ ତୁମଠାରେ ପ୍ରକଟନ କରାଯାଉଛି। ହେ ତ୍ରିକାଳଜୟୀ (ତ୍ରିଭୂବନ ବିଜୟୀ) ମହାପୁରୁଷ! ତୁମେ ଧନ୍ୟ। ତୁମ୍ଭ ପ୍ରତି ଶାନ୍ତି ବର୍ଷଣ ହେଉ ଯେ ଜୀବନକୁ ଭଲ ପାଆନ୍ତୁ, ଈଶ୍ୱର ଏହା ବ୍ୟକ୍ତ କରି ତାଙ୍କୁ ମୃତ୍ୟୁର ଫାଶରୁ ମୁକ୍ତ କରନ୍ତି ।

ସୁତରାଂ ତୁମକୁ ଶୁଭ ସୂଚନା ଦିଆଯାଇଛି କି ଏକ ପବିତ୍ର ଓ ଐଶୀକଳା ସଂପନ୍ନ ବରପୁତ୍ର ତୁମକୁ ପ୍ରଦାନ କରାଯିବ। ଜଣେ ଅନୁରକ୍ତ ଦାସ (ପୁତ୍ର ସନ୍ତାନ) ତୁମ୍ଭଙ୍କୁ ପ୍ରାପ୍ତ ହେବ। ସେହି ପୁତ୍ର ତୁମରି ଔରସରୁ ତୁମ କୂଳରକ୍ଷକ ବଂଶଧର ବୋଲାଇବ। ସେ ତୁମର ଅତିଥି-ଏକ ସୁନ୍ଦର ସୁଢ଼ଳ ଅମୃତ ସନ୍ତାନ ତୁମ ଗୃହକୁ ଆସୁଛନ୍ତି। ତାହାର ନାମ ଦୁର୍ଲ୍ଲଭ, ଯଶସ୍ୱୀ ଓ ବଶୀର (ସୁ-ସମାଚାର ପ୍ରାପ୍ତ) ମଧ ଅଟେ। ତାହାକୁ ପୂଣ୍ୟାତ୍ମା ଦିଆଯାଇଛି। ସେ ପରମବ୍ରହ୍ମ ପରମେଶ୍ୱର ଆଲ୍ଲାଃଙ୍କ ପରମ ଜ୍ୟୋତି। ସେ ଅଭିନ୍ନନୀୟ ଯେ ସ୍ୱର୍ଗପୁରରୁ ଆସୁଛନ୍ତି। ତାଙ୍କରି ଆଗମନ ସହିତ କରୁଣା ନିହିତ। ସେ ଅତ୍ୟନ୍ତ ଗରିମାମୟ, ଅପାର ସମ୍ପଦର ଅଧିକାରୀ। ସେ ଧରାପୃଷ୍ଠକୁ ଆସିବ ଏବଂ ମସିହା ପ୍ରାଣ ଓ ସତ୍ୟତାର ଆତ୍ମାରେ ସମୃଦ୍ଧିଶାଳୀ ହୋଇ ବହୁ ଦୁରାତ୍ମା ବ୍ୟାଧିକୁ ବିଶୋଧନ କରିବ। ସେ ଈଶ୍ୱରଙ୍କ ବାକ୍ୟ; କାରଣ ଈଶ୍ୱରଙ୍କ ପ୍ରେମ ଓ ଦୟାରେ ବିଭୂଷିତ ସେହି ଦେବପୁରୁଷଙ୍କୁ ଦିବ୍ୟ ବାକ୍ୟର ବ୍ୟାପକ ସମ୍ଭାର ସହିତ ପ୍ରେରଣ କରାଯାଇଛି। ସେ ଅତି ବିଚକ୍ଷଣ ବୁଦ୍ଧି, ବିଦ୍ୟା ଓ ପ୍ରତିଭା ସମ୍ପନ୍ନ ବ୍ୟକ୍ତି ହେବ। ତାଙ୍କ ହୃଦୟ ଉଦାରପୂର୍ଣ୍ଣ ଏବଂ ତାଙ୍କୁ ପ୍ରକାଶ୍ୟ ଓ ଗୁପ୍ତ ଜ୍ଞାନରେ ପରିପୂର୍ଣ୍ଣ କରାଯିବ। ସେ ଶୀଘ୍ର ଶୀଘ୍ର ବଢ଼ିବାରେ ଲାଗିବ ଏବଂ ଦଳିତ ନିଷ୍ପେସିତ ଜନଙ୍କ ସହାୟକ ଓ ତ୍ରାଣକର୍ତ୍ତାର ପରିଚୟକ ହେବ ଏବଂ ସେ ପୃଥିବୀର କୋଣେ କୋଣେ ସୁଖ୍ୟାତି ଅର୍ଜନ କରିବ ଏବଂ ସମସ୍ତ ଜାତି ତାହାଙ୍କ ଠାରୁ ଆଶିଷ ଲାଭ କରିବେ।’’

ଏହି ଭବିଷ୍ୟତବାଣୀ ଅନୁଯାୟୀ ୧୨ ଜାନୁଆରୀ ୧୮୮୯ ମସିହାରେ ମିର୍ଜା ଗୁଲାମ ଅହମଦ ମସିହ ଓ ମେହେଦୀଙ୍କ ଘରେ ଏକ ମହାନ ପୁତ୍ର ସନ୍ତାନ ଜନ୍ମଗ୍ରହଣ କରିଥିଲେ। ଯାହାଙ୍କ ନାମ ବଶିରୁଦ୍ଦିନ ମହମୁଦ ଅହମଦ । ଯାହାଙ୍କୁ ଅହମଦୀୟା ମୁସଲିମ ସମାଜରେ ମୁସଲେଃ ମଉଦ(ଅଙ୍ଗୀକୃତ ସଂସ୍କାରକ)ବୋଲି କୁହାଯାଏ । ଆପଣ ଐଶୀଶକ୍ତି ବଳରୁ ସାଂସାରିକ ଓ ଆଧ୍ୟାତ୍ମିକ ଜ୍ଞାନରେ ପରିପୂର୍ଣ୍ଣ ଥିଲେ।

୧୯୦୮ ମସିହାରେ ଯେତେବେଳେ ତାଙ୍କ ପିତୃ ମିର୍ଜା ଗୁଲାମ ଅହମଦ ମସିହ ଓ ମେହେଦୀଅ.ସଙ୍କ ଦେହାନ୍ତ ହେଲା, ସେତେବେଳେ ବିରୋଧୀମାନଙ୍କ ପରିହାସ ଓ ତାଚ୍ଛଲ୍ୟପୂର୍ଣ୍ଣ ଉଲ୍ଲାସକୁ ଦେଖି ଆପଣ ପିତାଙ୍କ ମୃତ ଶଯ୍ୟାଧାର ନିକଟରେ ଛିଡ଼ା ହୋଇ ଶପଥ କରି ଥିଲେ ଯେ,‘ଯଦି ସଂସାରବାସୀ ସମସ୍ତେ ମୋ ଠାରୁ ଦୂରେଇ ଯାଆନ୍ତି ଓ ମୁଁ ଏକାକି ରହିଯାଏ, ତେବେ ମୁଁ ଏକା ହିଁ ସାରା ଦୁନିଆର ମୁକାବିଲା କରିବି ଏବଂ କୌଣସି ବିରୋଧୀ ଓ ଶତ୍ରୁଙ୍କୁ ଭ୍ରୁକ୍ଷେପ କରିବି ନାହିଁ। ଆପଣ ନିଜର ଏହି ଶପଥକୁ ଅତି ଉତମ ରୂପେ ପାଳନ କରି ଇସଲାମର ଶାନ୍ତିପୂର୍ଣ୍ଣ ବାର୍ତ୍ତାକୁ କାହାରି ପ୍ରତି ଭୟ ନକରି ସାରା ଜୀବନ ଉକ୍ତ ଉତମ କାର୍ଯ୍ୟ ସମ୍ପାଦନରେ କଟାଇ ଥିଲେ। ଏହାର ଜ୍ୱଳନ୍ତ ପ୍ରମାଣ ଆପଣଙ୍କ ମହାନ କୀର୍ତିମାନରୁ ସ୍ପଷ୍ଟ ଅନୁମେୟ। ତାଙ୍କର ସଂପୂର୍ଣ୍ଣ ଚେଷ୍ଟା ଫଳରେ ବାସ୍ତବିକ ଇସଲାମ ଧର୍ମ ଅହମଦୀୟା ମୁସଲିମ ସମାଜ ସଂସାରର ଶେଷ ସୀମା ପର୍ଯ୍ୟନ୍ତ ପହଂଚିପାରିଛି । ତଥା ବିଶ୍ୱର ୨୧୪ ଗୋଟି ରାଷ୍ଟ୍ରରେ ପରିବ୍ୟାପ୍ତ । ଏହି ଅହମଦୀୟା ମୁସଲିମ ସଂପ୍ରଦାୟର ବର୍ତ୍ତମାନ ଆଧ୍ୟାତ୍ମିକ ଧର୍ମଗୁରୁ ହଜରତ ମିର୍ଜା ମସରୁର ଅହମଦ ଅହମଦୀୟା ମୁସଲିମ ସମାଜର ୫ମ ଖଲିଫା ରୂପେ ଲଣ୍ଡନ ଠାରେ ଅଧିଷ୍ଠିତ ହୋଇ ମାନବକଲ୍ୟାଣ,ଜନସେବା ତଥା ବିଶ୍ୱଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ଐକ୍ୟବଦ୍ଧ ହୋଇ ସର୍ବରାଷ୍ଟ୍ରର ରାଷ୍ଟ୍ରପତି, ଶାସକ, ରାଜା, ମହାରାଜା ଏବଂ ବହୁତ ବୁଦ୍ଧିଜୀବିମାନଙ୍କୁ ଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ଆହ୍ୱାନ ଦେଇ ଚାଲିଛନ୍ତି ।

ଆସନ୍ତୁ ଆଜି ଆମେ ସମସ୍ତେ ମିଳି ମିଶି ଇସଲାମର ସେହି ଶାନ୍ତି,ସହିଷ୍ଣୁତା ଏବଂ ସମନ୍ୱତାରର ଶିକ୍ଷାକୁ ଏକ ମନ ଏକ ପ୍ରାଣ ହୋଇ ସମଗ୍ର ସଂସାରରେ ପ୍ରସାରିତ କରିବା । ବିଶ୍ୱ ଶାନ୍ତି ତଥା ଭାଇଚାରାର ସମାଜ ଗଠନ କରିବା । ଏବଂ ଦେଶଦ୍ରୋହୀ, ଧର୍ମଦ୍ରୋହୀ ଶନ୍ତ୍ରାସବାଦମାନଙ୍କର ତାଣ୍ଡବଲୀଳାକୁ ଦମନ କରିବା। ସର୍ବେଭବନ୍ତୁ ସୁଖିନଃର ସହର ବସାଇବା। ଏହା ହିଁ ଆମର କାମନା ।

ୟୁନିଟ-୪, ଭୁବନେଶ୍ୱର
ଯୋଗାଯୋଗ:୯୬୯୨୨୫୦୫୭

## ଆମେ ଓ ଆମ ପରିବେଶର ପଶୁପକ୍ଷୀ

**॥ ବିପିନ ବିହାରୀ ମହାନ୍ତି ॥**

ବିଶ୍ୱର ଜନସଂଖ୍ୟା ବୃଦ୍ଧି ସନ୍ତୁଳିତ ପୃଥିବୀକୁ ଅସନ୍ତୁଳିତ କରିବା ଓ ବିଶ୍ୱ ପ୍ରଦୂଷଣ ବଢ଼ାଇବାର ମୁଖ୍ୟ କାରଣ। ଜନସଂଖ୍ୟା ଚାପ କାରଣରୁ ବିଶ୍ୱର ଖାଦ୍ୟ, ବାସସ୍ଥାନ, ଶିକ୍ଷା, ସ୍ୱାସ୍ଥ୍ୟ, କର୍ମ ସଂସ୍ଥାନ, ପରିବହନ, ଯୋଗାଯୋଗ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସମସ୍ୟା ସୃଷ୍ଟି ହେବା ସହିତ ବିଭିନ୍ନ ପ୍ରତିଯୋଗୀତାମୂଳକ କାରଣରୁ ସନ୍ଦେହ ଓ ଅହଂକାର ହେତୁ ବିଶ୍ୱ ଏବେ ତୃତୀୟ ବିଶ୍ୱଯୁଦ୍ଧ ଆଡ଼କୁ ଆଗେଇ ଚାଲିଛି । ଏହି ପରିପ୍ରେକ୍ଷୀରେ ମଣିଷ ଯେ ଖାଲି ଏକା ଶିକାର ହେଉଛି ବା ହେବ, ତାହା ନୁହେଁ ଏ ପ୍ରକୃତି ବା ପରିବେଶ ମଧ୍ୟରେ ବସବାସ କରୁଥିବା ସମସ୍ତ ଜୀବକୁଳ ଯଥା ଉଭିଦ ଓ ପଶୁପକ୍ଷୀ ତାର ଶୀକାର ହେଉଛନ୍ତି ଏବଂ ହେବେ। କହିବା ବାହୁଲ୍ୟ ଯେ ସୃଷ୍ଟିର ଆରମ୍ଭରୁ ଏ ଧରିତ୍ରୀରେ କେବଳ ମଣିଷର ସଂଖ୍ୟା ସବୁଠୁ କମ୍ ଥିଲା। ଏ ପରିବେଶ ଉଭିଦ ଓ ପଶୁପକ୍ଷୀ ଦ୍ୱାରା ଭରପୁର ଥିଲା । ଏହିପରି ପରିବେଶ ମଧ୍ୟରେ ଅନ୍ୟାନ୍ୟ ପ୍ରାଣୀମାନଙ୍କ ମଧ୍ୟରେ ମଣିଷ ଥିଲା ଗୋଟିଏ ପଶୁ ।ସମୟକ୍ରମେ ଭୌଗୋଳିକ ବା ଜଳବାୟୁ ପରିବର୍ତ୍ତନ କାରଣରୁ ଅନେକ ଜୀବ ଏ ପୃଥିବୀରୁ ନିଶ୍ଚିହ୍ନ ହୋଇଗଲେଣି । ଜନସଂଖ୍ୟାର ଆବଶ୍ୟକତାକୁ ମେଂଟାଇବାକୁ ଯାଇ ପରିବେଶର ଅନେକ ଜଙ୍ଗଲ ଧ୍ୱଂସ ହୋଇଗଲାଣି, ପଶୁପକ୍ଷୀମାନେ ବାସସ୍ଥାନ ଅଭାବରୁ ଏବଂ ମଣିଷର ଶୀକାର ହେତୁ ଲୋପ ହୋଇଗଲେଣି ଏବଂ ଅନେକ କିଛି ବିଲୁପ୍ତ ପ୍ରାୟ।

ଏ ସବୁଥି ପାଇଁ ମଣିଷ ଦାୟୀ । ତାର କିରିତ କର୍ମ ପାଇଁ ଏ ପୃଥିବୀ ଓ ତା’ର ଅନ୍ତେଃବାସୀ ଏବେ ଧ୍ୱଂସ ବା ବିଲୁପ୍ତ ମୁଖୀ। ପ୍ରତିଟି ସଜୀବ ଓ ନିର୍ଜୀବ ବିଶେଷ ଏ ପ୍ରକୃତି ଓ ପରିବେଶରେ ଗୋଟିଏ ଗୋଟିଏ ଅମୂଲ୍ୟ ଅଂଶ। ନିର୍ଜୀବଟିର ଯେମିତି ତିଷ୍ଠିବାର ଅଧିକାର ଅଛି ସେମିତି ପ୍ରତିଟି ଜୀବବିଶେଷଙ୍କର ବଂଚିବାର ଅଧିକାର ଅଛି । ଏ ସୁନ୍ଦର ବିଶ୍ୱର ପ୍ରତ୍ୟେକ ଗୋଟିଏ ଗୋଟିଏ ବିଚିତ୍ର ଏବଂ ସୌନ୍ଦର୍ଯ୍ୟ ସୃଷ୍ଟି । ପୃଥିବୀ ତା’ର ପ୍ରାକୃତିକ ନିୟମଚୟରେ ଏସବୁର ସନ୍ତୁଳନ ରଖିଥିଲା ଅଥଚ ଆମେ କରୁଛୁ କ’ଣ ? ମଣିଷ ସ୍ୱାର୍ଥ ପାଇଁ କରୁଛି କ’ଣ ? ସ୍ୱାର୍ଥ ହିଁ ସବୁ ଅନର୍ଥର କାରଣ। ଏକଥା ସେ ବୁଝିବା ଉଚିତ୍। ବିବେକ ଲଗାଇ ବିଚାର କରିବା ଉଚିତ୍ ଯେ ତା ପାଇଁ କ’ଣ କରଣୀୟ ବା କଣ ବର୍ଜନୀୟ ।ସଂକ୍ଷେପରେ ଏନେଇ ଏତିକି କୁହାଯାଇପାରେ ଯେ ମଣିଷ ନିଜକୁ ବଂଚାଇଲା ପରି ସେ ତା’ ପରିବେଶରେ ଥିବା ସମସ୍ତ ଜୀବ, ବିଶେଷ କରି ଜଙ୍ଗଲ ଓ ପଶୁପକ୍ଷୀଙ୍କ ପ୍ରତି ଧ୍ୟାନ ଦେବା ଉଚିତ୍ । ଧାର୍ମିକ ମତରେ ବୃକ୍ଷଛେଦନ ଓ ଜୀବହତ୍ୟା ମହାପାପ। ସେମିତି ବୃକ୍ଷରୋପଣ ଓ ପଶୁପକ୍ଷୀଙ୍କୁ ଆଶ୍ରୟ ପ୍ରଦାନ ମହାପୁଣ୍ୟ। ବୈଜ୍ଞାନିକ ମତରେ ପରିବେଶ ସନ୍ତୁଳନ ଓ ଜୀବର ସୁରକ୍ଷା ନିମନ୍ତେ ଏସବୁର ସଂରକ୍ଷଣର ଆବଶ୍ୟକତା ଅଛି । ପୃଥିବୀର ଏମିତି ସୃଷ୍ଟି ନାହିଁ ଯାହାର ମଣିଷ ବା ଆଉ କାହା ପ୍ରତି ଆବଶ୍ୟକତା ନାହିଁ । ଏଠି ବିଷଧର ସାପ ବା ମଶାଟିର ବି ଗୁରୁତ୍ୱ ଅଛି । କୌଣସି ସୃଷ୍ଟି ଅପକାର ବା ଉପକାର ରହିତ ନୁହଁନ୍ତି । ସମସ୍ତେ ବ୍ୟବହାରକୁ ନେଇ ଫଳାଫଳ ଦିଅନ୍ତି ।ଜୀବେ ଦୟା ଧର୍ମ । ପ୍ରତ୍ୟେକ ଧର୍ମଶାସ୍ତ୍ର ଏହା କୁହେ । ସେମାନଙ୍କ ପ୍ରତି କରୁଣା ଓ ସହାନୁଭୂତି ପ୍ରଦର୍ଶନ ଆମର କର୍ତବ୍ୟ । ଆମଠୁ ସେମାନେ ବଂଚିବାର ଅଧିକାର ଦାବି କରନ୍ତି । ଖାଦ୍ୟ ଶୃଙ୍ଖଳରେ କିଏ କାହାର ଖାଦ୍ୟ ହେଲେ ହେଁ, ସମସ୍ତେ ଆମ ଦ୍ୱାରା ଲାଳିତ ଓ ପାଳିତ ହେବାର ଅଛି; ତାଙ୍କ ବଂଶ ବଢ଼ାଇବାର ସହଯୋଗ କରିବାର ଅଛି । ଆମ ପରି ଏ ପରିବେଶରେ ପଶୁପକ୍ଷୀମାନେ ବଂଚନ୍ତୁ । ଏହି କଥା ସୂଚାଇ ଦେବା ଏବଂ ଏହାର ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ୪ ଅକ୍ଟୋବରକୁ ବିଶ୍ୱ ପଶୁପକ୍ଷୀ ଦିବସ ରୂପେ ପାଳନ କରାଯାଏ । ଏହି ଦିବସଟି ପ୍ରଥମେ ୧୯୩୧ ମସିହାରେ ପରିବେଶ ବିଜ୍ଞାନୀମାନେ ଏକ ବୈଠକରେ ଆରମ୍ଭ କରିଥିଲେ । ଏହି ଦିବସରେ ବିଶ୍ୱବ୍ୟାପୀ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଆରମ୍ଭ କରାଯାଏ । ଆର୍ଜେଂଟିନାରେ ଏହି ଦିବସଟି ଏପ୍ରିଲ ମାସ ୨୯ ତାରିଖରେ ପାଳିତ ହୁଏ।

ପ୍ରକୃତି, ପରିବେଶ ତଥା ଏଥିରେ ବସବାସ କରୁଥିବା ଜୀବଜନ୍ତୁଙ୍କ ଜଣେ ଅନନ୍ୟ ପୂଜାରୀ ଫ୍ରାନ୍‌ସିସ୍ ଅଫ୍ ଆସିସିଙ୍କ ସ୍ମୃତି ଉପଲକ୍ଷେ ଅନୁଷ୍ଠିତ ଉତ୍ସବକୁ ବିଶ୍ୱ ପଶୁଦିବସ ରୂପେ ପାଳନ କରାଯାଉଅଛି । ଏହିଦିନର ନିକଟତମ ରବିବାରରେ ବିଶ୍ୱରେ ଥିବା ସମସ୍ତ ଗୀର୍ଜାରେ ପଶୁପକ୍ଷୀଙ୍କ ଉଦ୍ଦେଶ୍ୟରେ ସମୂହ ପ୍ରାର୍ଥନା ସଭା ଆୟୋଜିତ ହୋଇଥାଏ । ଫ୍ରାନ୍‌ସିସ୍ ଖ୍ରୀଷ୍ଟିଆନ୍ ଥିବାରୁ ଏହା ଚାଲିଥିଲା । ଏବେ ଏହା ଆଉ ଖ୍ରୀଷ୍ଟିଆନ୍ ଉତ୍ସବ ନହୋଇ ଜାତିଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏହାକୁ ପାଳନ କରନ୍ତି । ଏଥିପାଇଁ ୱାଇଲଡ଼ ଲାଇଫ୍ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ତରଫରୁ ବିଭିନ୍ନ ସ୍କୁଲ କଲେଜ ଓ ଅନ୍ୟାନ୍ୟ ସ୍ଥାନରେ ସଚେତନଧର୍ମୀ କାର୍ଯ୍ୟକ୍ରମମାନ ହାତକୁ ନିଆଯାଇଥାଏ । ଏତଦ୍‌ବ୍ୟତୀତ ବିଭିନ୍ନ ବଦାନ୍ୟ ବ୍ୟକ୍ତିବିଶେଷ କିମ୍ବା କର୍ମୀମାନେ ଆନିମଲ ଚାରିଟି ବା ବଦାନ୍ୟ ପଶୁ ଅନୁଷ୍ଠାନ ଯେମିତି ଗୋଶାଳା ଇତ୍ୟାଦିଙ୍କୁ ସ୍ୱଇଚ୍ଛାରେ ଅର୍ଥ ଦାନ କରିଥାନ୍ତି । ଅନେକ କୌଣସି ଏକ ଗୃହପାଳିତ ପଶୁର ପୃଷ୍ଟପୋଷକତା ପାଇଁ ଶପଥ ନେଇଥାନ୍ତି ଓ କାର୍ଯ୍ୟରେ ପରିଣତ କରିଥାନ୍ତି । ଅନ୍ୟ କେହି ଆମିଷ ଭୋଜନ ପରିତ୍ୟାଗ କରିଥାନ୍ତି । ଆସନ୍ତୁ ବିଶ୍ୱ ପଶୁପକ୍ଷୀଙ୍କ ମଙ୍ଗଳାର୍ଥେ ଆମେ ବି କିଛି କରିବା ।

**ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନ ବିହାରୀ ପାଠାଗାର, ଜଟଣୀ**

# ମଦ୍ୟପଙ୍କ ଆଡ୍ଡାସ୍ଥଳି ପାଲଟିଛି ୧୨୨ ବର୍ଷର ଐତିହାସିକ ବିଦ୍ୟାଳୟ





ଜୁନାଗଡ଼, (ମହାଭାରତ) : ସ୍ୱାଧୀନତା ପୂର୍ବରୁ, ୧୯୦୪ ମସିହାରେ ପ୍ରତିଷ୍ଠିତ ହୋଇଥିବା କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ମହିଚଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆଜି ୧୨୨ ବର୍ଷର ଗୌରବମୟ ଇତିହାସକୁ ବହନ କରୁଛି। ଦୀର୍ଘ ୧୨ ଦଶନ୍ଧି ଧରି ଏହି ବିଦ୍ୟାଳୟରୁ ପାଠ ପଢ଼ି ଅନେକ ପିଢ଼ିର ଛାତ୍ରଛାତ୍ରୀ ନିଜ ଭବିଷ୍ୟତ ଗଢ଼ିଛନ୍ତି। ଅନେକଙ୍କ ଜୀବନରେ ଏହି ବିଦ୍ୟାଳୟ ଜ୍ଞାନର ଆଲୋକ ଜଳାଇଛି । କିନ୍ତୁ ପରିତାପର ବିଷୟ, ଏଭଳି ଏକ ଐତିହାସିକ ଶିକ୍ଷାନୁଷ୍ଠାନ ଆଜି କିଛି ଅସାମାଜିକ ଓ ମଦ୍ୟପ ବ୍ୟକ୍ତିଙ୍କ ଅସାମାଜିକ କାର୍ଯ୍ୟକଳାପର ଶିକାର ହେଉଛି। ଅଭିଯୋଗ ଅନୁସାରେ, ଜୁନାଗଡ଼ ବ୍ଲକ ଅନ୍ତର୍ଗତ ମହିଚଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସ୍ୱାଧୀନତା ପୂର୍ବରୁ ବା ୧୯୦୪ ମସିହାରେ ନିର୍ମାଣ ହୋଇଥିଲା । ବର୍ତ୍ତମାନ ବିଦ୍ୟାଳୟରେ ବାଳବାଟିକା ରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୪୬ ଜଣ ଛାତ୍ରଛାତ୍ରୀ ଥିବା ବେଳେ ୬ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରି ଅଛନ୍ତି । ବିଦ୍ୟାଳୟ ପରିସରରେ ନିୟମିତ ଭାବେ ମଦ୍ୟପାନ କରାଯାଉଛି। ମଦ ପିଇବା ପରେ ବୋତଲ ଭାଙ୍ଗିବା ସହ ମଦ ଜରି, ଗ୍ଲାସ ଓ ଅନ୍ୟାନ୍ୟ ଆବର୍ଜନା ବିଦ୍ୟାଳୟ ପରିସରରେ ଫିଙ୍ଗି ଦିଆଯାଉଛି। ଫଳରେ ଯେଉଁ ପରିସରରେ ଛାତ୍ରଛାତ୍ରୀମାନେ ଶିକ୍ଷାର ଆଲୋକ ପାଇବା କଥା, ସେହି ପରିବେଶ ଅଳିଆ ଆବର୍ଜନାରେ ଭରିଯାଉଛି। ଭଙ୍ଗା ମଦ ବୋତଲ ଓ ଆବର୍ଜନା ଯୋଗୁଁ ବିଦ୍ୟାଳୟ ପରିସରର ପରିବେଶ ମଧ୍ୟ ପ୍ରଦୂଷିତ ହେଉଛି। ବିଦ୍ୟାଳୟର ଶିକ୍ଷକମାନେ ବାରମ୍ବାର ପରିସର ସଫା କରୁଥିଲେ ମଧ୍ୟ ତାହାର କିଛି ସ୍ଥାୟୀ ସମାଧାନ ହେଉନାହିଁ। ଶିକ୍ଷକମାନେ ଯେତେଥର ସଫା କରୁଛନ୍ତି, ପୁଣି ସେତେଥର କିଛି ମଦ୍ୟପ ବ୍ୟକ୍ତି ବିଦ୍ୟାଳୟ ପରିସରକୁ ମଦ୍ୟପାନର ଆଡ୍ଡାସ୍ଥଳୀରେ ପରିଣତ କରୁଥିବା ଅଭିଯୋଗ ହେଉଛି। ମନୁଷ୍ୟ ଜନ୍ମ ନେବା ପରେ ଦିନେ ନା ଦିନେ ମୃତ୍ୟୁବରଣ କରେ। କିନ୍ତୁ ୧୯୦୪ ମସିହାରେ ଜନ୍ମ ନେଇଥିବା ଏହି ବିଦ୍ୟାଳୟ ନିଜେ ଅମର ହୋଇ ଅସଂଖ୍ୟ ଛାତ୍ରଛାତ୍ରୀଙ୍କ ଜୀବନକୁ ନୂଆ ଦିଗ ଦେଇଛି। ଏହି ବିଦ୍ୟାଳୟରୁ ପାଠ ପଢ଼ି ବାହାରିଥିବା କେତେ ପିଢ଼ି ଆଜି ସମାଜର ବିଭିନ୍ନ କ୍ଷେତ୍ରରେ ନିଜ ପରିଚୟ ସୃଷ୍ଟି କରିଛନ୍ତି, ତାହାର ହିସାବ କରିବା ମଧ୍ୟ ସହଜ ନୁହେଁ। ଯେଉଁ ବିଦ୍ୟାଳୟ ଦିନେ ହଜାର ହଜାର ସ୍ୱପ୍ନକୁ ଆକାର ଦେଇଛି, ଆଜି ସେହି ବିଦ୍ୟାଳୟ ନିଜ ପରିସରରେ ଭଙ୍ଗା ମଦ ବୋତଲ ଓ ଆବର୍ଜନାର ଦୃଶ୍ୟ ଦେଖିବାକୁ ବାଧ ହେଉଛି। ଯେପରି ନିଜ ଛାତି ଭିତରେ ଶତାବ୍ଦୀର ଯନ୍ତ୍ରଣାକୁ ଚାପି ରଖି ନିରବରେ ସବୁକିଛି ସହି ଚାଲିଛି ଏହି ଐତିହାସିକ ଶିକ୍ଷାନୁଷ୍ଠାନ। ଏଭଳି ଐତିହାସିକ ବିଦ୍ୟାଳୟ ପରିସରରେ ମଦ୍ୟପାନ ଭଳି ଅସାମାଜିକ କାର୍ଯ୍ୟକଳାପକୁ ତୁରନ୍ତ ବନ୍ଦ କରିବା ସହ ବିଦ୍ୟାଳୟର ସୁରକ୍ଷା ଓ ସ୍ୱଚ୍ଛତା ପ୍ରତି ଗୁରୁତ୍ୱ ଦେବାକୁ ଅଭିଭାବକ ଓ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଶିକ୍ଷାର ମନ୍ଦିର ଭାବେ ପରିଚିତ ଏହି ବିଦ୍ୟାଳୟକୁ ମଦ୍ୟପଙ୍କ ଆଡ୍ଡାରୁ ମୁକ୍ତ କରି ଏହାର ଗୌରବମୟ ପରମ୍ପରା ଓ ମର୍ଯ୍ୟାଦାକୁ ରକ୍ଷା କରିବା ଏବେ ସମସ୍ତଙ୍କ ଦାୟିତ୍ୱ। ଏନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନରେନ୍ଦ୍ର ମେହେରଙ୍କୁ ପଚାରିବାରୁ।ସେ କହିଥିଲେ ଯେ, ଆମେ ବିଦ୍ୟାଳୟ ପରିସରକୁ ଯେତେ ସଫା କଲେ ମଧ୍ୟ ମଦ୍ୟପ ମାନେ ରାତିରେ ମଦ ପିଇ ଏଭଳି ବୋତଲ ଭାଙ୍ଗିବା ସହିତ ଅଳିଆ ଆବର୍ଜନା କରୁଛନ୍ତି । ବର୍ତ୍ତମାନ ପୁଣିଥରେ ସଫାକରାଯିବ ବୋଲି କହିଥିଲେ ।

# ବିକାଶ ନାମରେ ଦୁର୍ନୀତି



ବ୍ରହ୍ମଗିରି, (ମହାଭାରତ): ପୁରୀ ଜିଲ୍ଲା ବ୍ରହ୍ମଗିରି ବ୍ଲକରେ ଦେଖିବାକୁ ମିଳିଛି ବ୍ୟାପକ ଦୁର୍ନୀତି। 'ବିକଶିତ ଗାଁ ବିକଶିତ ଓଡ଼ିଶା' ପାଲଟିଛି ଦୁର୍ନୀତିର ମାଧ୍ୟମ। ଲକ୍ଷ ଲକ୍ଷ ଟଙ୍କା ହେଉଛି ଏହି ପ୍ରକଳ୍ପ ମାଧ୍ୟମରେ ସ୍ୱାହା। ଦୁର୍ନୀତି ରୋକିବାରେ ପ୍ରଶାସନର ନିଷ୍କ୍ରିୟତା ସାଧାରଣରେ ଦେଖିବାକୁ ମିଳୁଛି। ଖୋଦ୍ ପ୍ରଶାସନର ଅଧିକାରୀମାନେ ଏହି ଦୁର୍ନୀତିର ପ୍ରଛଦପଟ୍ଟ ର ନାୟକ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ବ୍ରହ୍ମଗିରି ଗ୍ରାମପଞ୍ଚାୟତର ମଥୁରା ଗ୍ରାମରେ ୮୮୦୦୦୦ ଟଙ୍କାରେ ନିର୍ମାଣ ହୋଇଥିବା ରାସ୍ତା ମାସ କେଇଟାର ଦୁଇଫାଳ ହୋଇ ଖଣ୍ଡ,ଖଣ୍ଡ ହୋଇଯାଇଥିବା ଦେଖିବାକୁ ମିଳିଛି। ଉକ୍ତ ରାସ୍ତା କାମରେ ଏତେ ଅର୍ଥ ଖର୍ଚ୍ଚ ହୋଇନଥିବା କିଛି ସ୍ଥାନୀୟ ଲୋକେ କହିଛନ୍ତି। ଅନ୍ୟପଟେ ବ୍ରାହ୍ମଣିଆ ଗ୍ରାମପଞ୍ଚାୟତର ପଞ୍ଚାୟତ ଅଫିସ୍ ପରିସରରେ ଏକ ଫ୍ୟାସିଲିଟ ସେଣ୍ଟର୍ ନିର୍ମାଣ ହୋଇଛି । ଯେଉଁ ବିଲ୍ଡିଂ ନିର୍ମାଣ ହୋଇଛି ତାହା ପୁଣି ଏକ ଅସୁରକ୍ଷିତ କୋଠା ଉପରେ । ଛାତ ଫାଟି ରଡ ବାହାରକୁ ବାହାରି ପଡ଼ିଛି ଯାହା ଖୁବ୍ କମ୍ ଦିନରେ ତଳକୁ ଗଳିଯିବାର ଅନେକ ସମ୍ଭାବନା ଅଛି । ତେବେ ଏଠି ପ୍ରଶ୍ନ ଉଠୁଛି ଯେଉଁ ଛାତ ସୁରକ୍ଷିତ ନୁହେଁ ତାଉପରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଛାତ କରିବା ପାଇଁ ସଂପୃକ୍ତ ଯନ୍ତ୍ରୀ କିଭଳି ଅନୁମତି ଦେଇଛନ୍ତି? ଏଭଳି ଅନେକ ଦୁର୍ନୀତି ଦେଖିବାକୁ ମିଳିଛି ବ୍ରହ୍ମଗିରି ବ୍ଲକରେ। ଖବର ପ୍ରସାରଣ ପରେ ଏଭଳି ଦୁର୍ନୀତି ରୋକିବାରେ ବିଭାଗୀୟ ଅଧିକାରୀ କିଭଳି କାର୍ଯ୍ୟାନୁଷ୍ଠାନ ନେଉଛନ୍ତି ଅପେକ୍ଷାର ବିଷୟ ।

## ବିଜୁ ଶ୍ରମିକ ସାମୁଖ୍ୟ ପୁର୍ନଗଠନ ଅରିନ୍ଦମ ସାର୍ଖେଲ ହେଲେ ମହାସଚୀବ



ପାରାଦୀପ, (ମହାଭାରତ) : ବିଜୁ ଜନତା ଦଳ ନେତା, ପାରାଦୀପର ଜଣାଶୁଣା ଶ୍ରମିକ ନେତା ଅରିନ୍ଦମ୍ ସାର୍ଖେଲ (ବାପି)ଙ୍କୁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ବିଜୁ ଶ୍ରମିକ ସାମୁଖ୍ୟର ମହାସଚୀବ ଭାବେ ଦାୟିତ୍ୱ ଦେଇଛନ୍ତି । ଏହି କମିଟିର ସଭାପତି ଭାବେ କଟକ ମେୟର ସୁବାସ ସିଂ ମନୋନୀତ ହୋଇଛନ୍ତି ।

## ବାରହା ଆକ୍ରମଣରେ ବୃଦ୍ଧ ଗୁରୁତର

ଦଶପଲ୍ଲା (ମହାଭାରତ): ଜମିରେ ପାଣି ମଡ଼ାଉଥିବା ସମୟରେ ଜଙ୍ଗଲୀ ବାରହା ଆକ୍ରମଣରେ ଜଣେ ବୃଦ୍ଧ ଗୁରୁତର ଆହତ ହୋଇଛନ୍ତି। ଆହତ ବ୍ୟକ୍ତିଜଣକ ଦଶପଲ୍ଲା ଏନ୍ଏସି ୯ ନମ୍ବର ୱାର୍ଡ ? ଲୁଣି ଗ୍ରାମର ଦୁଃଶାସନ ନାୟକ (୬୩) ବୋଲି ଜଣାପଡ଼ିଛି।ମିଳିଥିବା ସୂଚନା ଅନୁସାରେ, ରବିବାର ଦିନଦୁଃଶାସନ ସରିଗଣ୍ଡା ପଞ୍ଚାୟତ ଅନ୍ତର୍ଗତ କୁକୁପ୍ରସାଦ ମୌଜାର କର୍ଣ୍ଣିଆ ଜମିରେ ପାଣି ମଡ଼ାଉଥିଲେ। ଏହି ସମୟରେ ଅଚାନକ ନିକଟସ୍ଥ ଜଙ୍ଗଲରୁ ଏକ ବାରହା ବାହାରି ଆସି ତାଙ୍କୁ ପ୍ରାଣଘାତୀ ଆକ୍ରମଣ କରିଥିଲା। ବାରହା ଆକ୍ରମଣରେ ଦୁଃଶାସନ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଆହତଙ୍କୁ ସହାୟତା ଯୋଗାଇଦେବାକୁ ଦାବି ହୋଇଛି। ଅନ୍ୟ ପକ୍ଷରେ ବନ୍ୟଜନ୍ତୁ ଆକ୍ରମଣ ପାଇଁ ଅନୁକମ୍ପା ରାଶି ପ୍ରଦାନ କରାଯିବ ବୋଲି ବନ ଅଧିକାରୀ ଶ୍ରୀନିବାସ ଦାସ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

## ଘର ଭିତରୁ ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

କପ୍ତିପଦା, (ମହାଭାରତ) : ଘର ଭିତରୁ ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର। ଉଦଳା ଥାନା ଏନଏସି ୧୦ ନମ୍ବର ୱାର୍ଡ ରେ ଘଟିଛି ଏଭଳି ଘଟଣା। ସଂଜିତ କୁମାର ସାହୁ ତାଙ୍କ ପୁଅ ଏବଂ ସ୍ତ୍ରୀ ଙ୍କ ସହିତ ମନ୍ଦିର ଯାଇଥିଲେ। ଘରେ ଏକୁଟିଆ ତାଙ୍କ ଝିଅ ଅମ୍ବିକା ସାହୁ ରହିଥିଲେ। ହେଲେ ମନ୍ଦିର ରୁ ଘରକୁ ଫେରିବା ପରେ ଝିଅ ଘର ଭିତରେ କବାଟ କିଳି ରହିଥିବା ଦେଖିବାକୁ ପାଇଥିଲେ ସଂଜିତ। ଝିଅ କୁ ଅନେକ ଥର ଡାକିବା ସହିତ ଘର ର କବାଟ ବାଡେଇଥିଲେ। ହେଲେ ଝିଅ କବାଟ ଖୋଲି ନ ଥିଲା। ଯାହା ପରେ ଉକ୍ତ ଘର ସ୍କାଏ ଲାଇଟ ଆଡୁ ଦେଖିବା ପରେ ଝିଅ କୁ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଥିଲେ। ଏବଂ ତା ପରେ ଘର ର କବାଟ ଭାଙ୍ଗି ଘର ଭିତରୁ ଝିଅ କୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଉଦଳା ମେଡିକାଲରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଏକ ମାସ ପୂର୍ବରୁ ଅମ୍ବିକା ଙ୍କ ଲଗ୍ନଧରା ସରିଥିବା ବେଳେ ସବୁ କିଛି ଠିକ ଥିଲା। ତେବେ କଣ ପାଇଁ ଅମ୍ବିକା ଏଭଳି ଚରମ ନିଷ୍ପତ୍ତି ନେଲେ ତାହା ଏବେ ବି ସନ୍ଦେହରେ। ଖବର ପାଇ ଉଦଳା ପୋଲିସ ଘଟଣା ର ତଦନ୍ତ ଆରମ୍ଭ କରିଛି।

# ବ୍ଲକସ୍ତରୀୟ ଜାତୀୟ ଦିବସ ପାଳନ ଦାବିରେ ଜିଲ୍ଲାପାଳଙ୍କୁ ଦାବିପତ୍ର, ପ୍ରଶାସନର ଉଦାସୀନତାକୁ ନେଇ ପ୍ରଶ୍ନ



ମୋହନା, (ମହାଭାରତ): ଦେଶର ଦୁଇ ମହାନ ଜାତୀୟ ଦିବସ—ସ୍ୱାଧୀନତା ଦିବସ ଓ ଗଣତନ୍ତ୍ର ଦିବସ। ଜାତୀୟ ଓ ରାଜ୍ୟସ୍ତରଠାରୁ ଜିଲ୍ଲାସ୍ତର ପର୍ଯ୍ୟନ୍ତ ଏହି ଦିବସଗୁଡ଼ିକୁ ଉତ୍ସାହ ଓ ଉଦ୍ଦୀପନାର ସହ ପାଳନ କରାଯାଉଥିବା ବେଳେ ବ୍ଲକସ୍ତରରେ ଏହାର ସାମୂହିକ ଆୟୋଜନକୁ ନେଇ ମୋହନା ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ବ୍ଲକସ୍ତରରେ ପ୍ରଶାସନିକ ନେତୃତ୍ୱରେ ଜାତୀୟ ଦିବସ ପାଳନ ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ସୋମବାର ମୋହନା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଆୟୋଜିତ ଜିଲ୍ଲାସ୍ତରୀୟ ଜନଅଭିଯୋଗ ଶୁଣାଣି ଶିବିରରେ ଗଜପତି ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଅନୁପସ୍ଥିତ ଥିବାରୁ ଅତିରିକ୍ତ ଜିଲ୍ଲାପାଳ ମୁନିନ୍ଦ୍ର ହନାଗା ଦାବିପତ୍ର ଗ୍ରହଣ କରିଥିଲେ। ଏହାର ତୁରନ୍ତ ସମାଧାନ ପାଇଁ ମୋହନା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି । ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ, ମୋହନା ବ୍ଲକରେ ପ୍ରତିବର୍ଷ ସ୍ୱାଧୀନତା ଦିବସ ଓ ଗଣତନ୍ତ୍ର ଦିବସକୁ ପ୍ରଶାସନିକ ନେତୃତ୍ୱରେ ସାମୂହିକ ଭାବେ ପାଳନ କରାଯାଉନାହିଁ। ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ନିଜସ୍ୱ ସ୍ତରରେ ଦିବସ ପାଳନ କରୁଥିଲେ ମଧ୍ୟ ବ୍ଲକସ୍ତରରେ ଏକ ବଡ଼ ସାମୂହିକ ଆୟୋଜନର ଅଭାବ ରହିଛି। ଉପାନ୍ତ ଆଦିବାସୀ ଅଧ୍ୟୁଷିତ ଗଜପତି ଜିଲ୍ଲାର ମୋହନା ରାଜ୍ୟର ଦ୍ୱିତୀୟ ବୃହତ୍ତମ ବ୍ଲକ ଏବଂ ଏକ ବିଧାନସଭା ମଣ୍ଡଳୀର ସଦରମହକୁମା ହୋଇଥିବା ସତ୍ତ୍ୱେ ଜାତୀୟ ଦିବସ ପାଳନକୁ ନେଇ ପ୍ରଶାସନିକ ଉଦାସୀନତା କାହିଁକି—ଏହାକୁ ନେଇ ଅଞ୍ଚଳରେ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ, ଗଜପତି ଉତ୍ସବ ଜିଲ୍ଲା ଓ ବ୍ଲକସ୍ତରରେ ବ୍ୟାପକ ଆୟୋଜନ ସହ ପାଳନ କରାଯାଉଥିବା ବେଳେ ଦେଶର ଦୁଇ ପ୍ରମୁଖ ଜାତୀୟ ଦିବସ ପାଇଁ ସେହିଭଳି ପ୍ରଶାସନିକ ତତ୍ପରତା କାହିଁକି ଦେଖାଯାଉନାହିଁ, ତାହା ଏବେ ଚର୍ଚ୍ଚାର ବିଷୟ ହୋଇଛି। ଏହି ପ୍ରସଙ୍ଗକୁ ନେଇ ଗଜପତି ଜିଲ୍ଲାର କ୍ୟାମେରାମ୍ୟାନ ତଥା ଡକ୍ୟୁମେଣ୍ଟାରୀ ଚଳଚ୍ଚିତ୍ର ନିର୍ମାତା ସୁଜ୍ଞାନ ସାଗରଙ୍କ ପକ୍ଷରୁ ଏକ ସଚେତନତା ଅଭିଯାନ ମଧ୍ୟ ଆରମ୍ଭ ହୋଇଛି। ଜିଲ୍ଲାର ବହୁ ବୁଦ୍ଧିଜୀବୀ ଏହି ଅଭିଯାନରେ ସାମିଲ ହୋଇ ଜାତୀୟ ଦିବସକୁ ବ୍ଲକସ୍ତରରେ ସାମୂହିକ ଭାବେ ପାଳନ କରିବାକୁ ମତ ରଖିଛନ୍ତି। ଅଞ୍ଚଳବାସୀଙ୍କ ଦାବି, ଆଗାମୀ ଦିନରେ ମୋହନା ବ୍ଲକରେ ପ୍ରଶାସନିକ ନେତୃତ୍ୱରେ ଜନସାଧାରଣ, ବିଭିନ୍ନ ଅନୁଷ୍ଠାନ ଓ ଲୋକପ୍ରତିନିଧିଙ୍କ ସହଯୋଗରେ ଅଗଷ୍ଟ ୧୫ ସ୍ୱାଧୀନତା ଦିବସ ଏବଂ ଜାନୁଆରୀ ୨୬ ଗଣତନ୍ତ୍ର ଦିବସକୁ ଗରିମା ଓ ଉତ୍ସାହର ସହ ପାଳନ କରାଯାଉ। ଦାବିପତ୍ର ପ୍ରଦାନ ସମୟରେ କ୍ୟାମେରାମ୍ୟାନ ସୁଜ୍ଞାନ ସାଗର, ସମାଜସେବୀ ପ୍ରଶାନ୍ତ ବୀର, ପ୍ରଭାକର ନାୟକଙ୍କ ସମେତ ବହୁ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

## ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚଙ୍କ ସ୍ୱାମୀଙ୍କ ଅନିୟମିତତା କାର୍ଯ୍ୟ ବିରୋଧରେ ଦାବିପତ୍ର

ରେଢ଼ାଖୋଲ, (ମହାଭାରତ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ ଲୁହାପଙ୍କ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚଙ୍କ ସ୍ୱାମୀଙ୍କ ବିଭିନ୍ନ କାର୍ଯ୍ୟରେ ଅନିୟମିତତା ମନମୁଖୀ କାର୍ଯ୍ୟ କରୁଥିବାକୁ ନେଇ ଶାନ୍ତନୁ କୁମାର ପ୍ରଧାନ ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହନ୍ତ ଓ ବିଡିଓ ରାଜେନ୍ଦ୍ର ନାରାୟଣ ସେନାପତିଙ୍କୁ ଏକ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗରେ ଉଲ୍ଲେଖ କରିଛନ୍ତି ଯେ ଗତ ୧୯ ତାରିଖରେ ଗ୍ରାମପଞ୍ଚାୟତରେ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ରହିଥିଲା। ଏଥିରେ ପିଇଓ ଙ୍କ ତତ୍ତ୍ୱାବଧାନରେ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଚାଲିଥିଲା ମାତ୍ର କାର୍ଯ୍ୟାଳୟ ଭିତରକୁ ବର୍ତ୍ତମାନର ସରପଞ୍ଚଙ୍କ ସ୍ୱାମୀ ଅଶ୍ୱିନୀ କୁମାର ପ୍ରଧାନ ଅଫିସ ଭିତରକୁ ଯାଇ ନୂତନ ଭାବେ ପାଇଥିବା ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ଏବଂ ଭତ୍ତା ଖାତାରେ ସେମାନଙ୍କ ନାମ ଲେଖିଥିଲେ। ଅଶ୍ୱିନୀ କୁମାର ପ୍ରଧାନ କୌଣସି ପଦପଦବୀରେ ନଥାଇ ଭତ୍ତା ଖାତା ଆଣିବା ଲେଖିବା ଏବଂ ଭତ୍ତା ବାଣ୍ଟିବା ନିୟମ ବିରୋଦ୍ଧ ଅଟେ। ଖାତା କେଉଁଠୁ ଆଣିଲେ ଏବଂ ଜନପ୍ରତିନିଧିଙ୍କ ଅନୁପସ୍ଥିତିରେ ଭତ୍ତା ବାଣ୍ଟିବା ନିଶ୍ଚିତ ରୂପେ ମାନ୍ୟବର ହାଇକୋର୍ଟ ଓଡ଼ିଶା ଉକ୍ଟଭ-ଗ୍ୱଗ୍ୱସଗ୍ୱଙ୍କଗ୍ୱସକ୍ଟଭ ୭୩ ଇଙ୍କରଭୟଙ୍କରଭଗ୍ୱ ଇମଗ୍ୱ ଆଇନ୍ କୁ ଅମାନ୍ୟ ଏବଂ ସରପଞ୍ଚଙ୍କ କାର୍ଯ୍ୟ ପୋସ୍କୋ ସରପଞ୍ଚ ଦ୍ୱାରା କାର୍ଯ୍ୟ ନ କରିବାକୁ ଓଡ଼ିଶା ସରକାର ସମସ୍ତ ଜିଲ୍ଲାପାଳ ମାନଙ୍କୁ କଠୋର ନିର୍ଦ୍ଦେଶ ଦେଇଥିବା ସତ୍ତ୍ୱେ ଏଠାରେ ମାନ୍ୟବର ହାଇକୋର୍ଟ ଆଦେଶ ଓ ସରକାରଙ୍କ ଆଦେଶ ଉଲଂଘନ ହୋଇଛି ବୋଲି ଉଲ୍ଲେଖ କରିଛନ୍ତି। ଏଥିରେ ଯଥାଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

## ଲିଚୁ ମାଳ ଲଗାଉଥିବା ବେଳେ ଅଘଟଣ, ପାରାପିଟ୍ ଭାଙ୍ଗି ଯୁବକ ମୃତ

ଉମରକୋଟ, (ମହାଭାରତ) : ମହମ୍ମଦଙ୍କ ଜୟନ୍ତୀ ପାଳନ ପାଇଁ ଘର ଛାତ ଉପରେ ଲିଚୁ ଲାଇଟ୍ ମାଳ ଲଗାଉଥିବା ବେଳେ ଘଟିଛି ଅଘଟଣ। ଛାତ ଉପରେ ଥିବା ପାରାପିଟ୍ ଭାଙ୍ଗି ତଳକୁ ଖସି ପଡ଼ିବାରୁ ଜଣେ ୩୨ ବର୍ଷୀୟ ଯୁବକଙ୍କ ମୃତ୍ୟୁ ହୋଇଛି। ଉମରକୋଟ ସହରର ମସଜିଦ ନିକଟରେ ଆଜି ଦିନ ପ୍ରାୟ ୧୨ଟା ସମୟରେ ଏହି ଦୁଃଖଦ ଘଟଣା ଘଟିଛି। ମୃତ ଯୁବକ ହେଲେ ଆବାସ ଅଲି। ଉମରକୋଟ ସହରରେ ସେ 'ସୋନୁ' ନାମରେ ପରିଚିତ ଥିଲେ। ସୂଚନା ଅନୁଯାୟୀ, ମହମ୍ମଦଙ୍କ ଜୟନ୍ତୀ ଅବସରରେ ଘର ଛାତ ଉପରେ ଲିଚୁ ଲାଇଟ୍ ମାଳ ଲଗାଉଥିବା ସମୟରେ ସେ ପାରାପିଟ୍ ଉପରେ ଚଢ଼ିଥିଲେ। ଏହି ସମୟରେ ହଠାତ୍ ପାରାପିଟ୍ ଭାଙ୍ଗିଯିବାରୁ ସେ ତଳକୁ ଖସି ପଡ଼ିଥିଲେ। ତଳକୁ ପଡ଼ିବା ସମୟରେ ଘର ସମ୍ମୁଖରେ ଥିବା ପିଚୁ ରାସ୍ତାର ଧାରରେ ତାଙ୍କ ମୁଣ୍ଡ ଜୋରରେ ବାଜିଥିବା ଜଣାପଡ଼ିଛି। ଗୁରୁତର ଆହତ ଅବସ୍ଥାରେ ପରିବାର ଲୋକ ଓ ସାହିପଡ଼ୋଶୀ ତୁରନ୍ତ ତାଙ୍କୁ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ତେବେ ସେଠାରେ ଡାକ୍ତର ଆବାସଙ୍କୁ ମୃତ ଘୋଷଣା କରିଥିଲେ।

# ପିଏମ୍ ଶ୍ରୀ କେନ୍ଦ୍ରୀୟ ପ୍ରଭାରୀ ରାଜୀବ ଶର୍ମାଙ୍କ ମାଲକାନଗିରି ଗସ୍ତ



ମାଲକାନଗିରି, (ମହାଭାରତ): ପିଏମ୍ ଶ୍ରୀ ସ୍କୁଲ ଯୋଜନାର କେନ୍ଦ୍ରୀୟ ପ୍ରଭାରୀ ତଥା ଭାରତ ସରକାରଙ୍କ ଯୁଗ୍ମ ସଚିବ ରାଜୀବ ଶର୍ମା ଦୁଇ ଦିନିଆ ମାଲକାନଗିରି ଜିଲ୍ଲା ଗସ୍ତରେ ଆସି ବିଦ୍ୟାଳୟଗୁଡ଼ିକର ଶିକ୍ଷାଗତ ଅଗ୍ରଗତି ଓ ଭିତ୍ତିଭୂମିର ଅନୁଧ୍ୟାନ କରିଛନ୍ତି। ଗସ୍ତର ପ୍ରଥମ ଦିନରେ କେନ୍ଦ୍ରୀୟ ପ୍ରଭାରୀ ଶ୍ରୀ ଶର୍ମା, ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀଙ୍କ ସହ ମାଲକାନଗିରି ବ୍ଲକ୍ ?ର ସିନ୍ଧୀମାଲ ପିଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ କୋରୁକୋଣ୍ଡା ବ୍ଲକ୍ ?ର ବାଲିମେଳା ପିଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ବିଦ୍ୟାଳୟର ସକ୍ଷମ କେନ୍ଦ୍ର, ଭାଷା କେନ୍ଦ୍ର, ଇ-ପାଠାଗାର, ବିଜ୍ଞାନାଗାର, ଖେଳ ପଡ଼ିଆ ଏବଂ ଜାତୀୟ ଶିକ୍ଷା ନୀତି ୨୦୨୦ ଅନୁଯାୟୀ ଚାଲିଥିବା ପାଠପଢ଼ା କାର୍ଯ୍ୟକ୍ରମର ଅନୁଧ୍ୟାନ କରାଯାଇଥିଲା। ପରିଦର୍ଶନ ଶେଷରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କ ସଭାପତିତ୍ୱ ଓ ପ୍ରତ୍ୟକ୍ଷ ପରିଚାଳନାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲ୍ଲାପାଳ ଜିଲ୍ଲାରେ ପିଏମ୍ ଶ୍ରୀ ଯୋଜନାର ସଫଳ କାର୍ଯ୍ୟକାରିତା, ପ୍ରଶାସନିକ ସହଯୋଗ ଏବଂ ଭିତ୍ତିଭୂମିର ବିକାଶ ସମ୍ପର୍କରେ କେନ୍ଦ୍ରୀୟ ପ୍ରଭାରୀଙ୍କୁ ବିଶେଷ ଭାବେ ଅବଗତ କରାଇବା ସହ ସମସ୍ତ ପିଏମ୍ ଶ୍ରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଶିକ୍ଷା ବିଭାଗର ଅଧିକାରୀମାନଙ୍କୁ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ପାଇଁ କଡ଼ା ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ କେନ୍ଦ୍ରୀୟ ପ୍ରଭାରୀ ଶ୍ରୀ ଶର୍ମା କହିଛନ୍ତି, ମାଲକାନଗିରି ଭଳି ପ୍ରାନ୍ତୀୟ ଜିଲ୍ଲାରେ ପିଏମ୍ ଶ୍ରୀ ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ଓ ଜାତୀୟ ଶିକ୍ଷା ନୀତି ୨୦୨୦ର କାର୍ଯ୍ୟକାରିତା ବେଶ୍ ପ୍ରଶଂସନୀୟ। ଛାତ୍ରଛାତ୍ରୀଙ୍କ ଆଭ୍ୟନ୍ତରୀଣ ଦକ୍ଷତାର ବିକାଶ ଏବଂ ଆଧୁନିକ ଜ୍ଞାନକୌଶଳର ବ୍ୟବହାର ଦ୍ୱାରା ଏହି ବିଦ୍ୟାଳୟଗୁଡ଼ିକ ଆଗାମୀ ଦିନରେ ଗୁଣାତ୍ମକ ଶିକ୍ଷାର ମାପଦଣ୍ଡ ସାଜିବ। ଜିଲ୍ଲାରେ ଶିକ୍ଷାର ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବା ନେଇ ଜିଲ୍ଲାପାଳ ପ୍ରକାଶ କରିଛନ୍ତି ଯେ, ପିଏମ୍ ଶ୍ରୀ ଯୋଜନା ମାଧ୍ୟମରେ ଜିଲ୍ଲାର ସରକାରୀ ବିଦ୍ୟାଳୟଗୁଡ଼ିକର କାୟାକଳ୍ପ ବଦଳିବାରେ ଲାଗିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରତିଟି ବିଦ୍ୟାଳୟରେ ସମସ୍ତ ଆବଶ୍ୟକୀୟ ସୁବିଧାସୁଯୋଗ ଯୋଗାଇ ଦେବା ସହ ପ୍ରତ୍ୟେକ ଛାତ୍ରଛାତ୍ରୀ ଯେପରି ଗୁଣାତ୍ମକ ଓ ଆଧୁନିକ ଶିକ୍ଷା ପାଇପାରିବେ, ସେଥିପାଇଁ ନିରନ୍ତର ପଦକ୍ଷେପ ଗ୍ରହଣ କରାଯାଉଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବେଦବର ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ଦାଶରଥି ସରାବୁ, ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ ଓ ଭାଗିରଥୀ ବେହେରା, ସମସ୍ତ ବ୍ଲକ୍ ଶିକ୍ଷା ଅଧିକାରୀ, ସମଗ୍ର ଶିକ୍ଷା କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଏବଂ ପିଏମ୍ ଶ୍ରୀ ବିଦ୍ୟାଳୟଗୁଡ଼ିକର ପ୍ରଧାନ ଶିକ୍ଷକମାନେ ଉପସ୍ଥିତ ଥିଲେ।

# ଆଳି ବ୍ଲକ୍ କଂଗ୍ରେସ କମିଟି ପକ୍ଷରୁ ବନ୍ୟା ବିପନ୍ନଙ୍କୁ ରିଲିଫ୍ ସହାୟତା



ଆଳି, (ମହାଭାରତ) : କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକର ବ୍ରାହ୍ମଣୀ, ଖରସ୍ରୋତା ଓ କାଣୀ ନଦୀରେ ବନ୍ୟା ଆସିବା ଯୋଗୁଁ ଆଳି ବ୍ଲକର ୨୩ ଟି ପଞ୍ଚାୟତର ୪୭ ଟି ଗ୍ରାମର ୮୦ ହଜାର ଲୋକ ପାଣି ଘେରରେ ରହିଛନ୍ତି । ପ୍ରଶାସନ ସହିତ ରାଜନେତା ଓ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ବନ୍ୟା ବିପନ୍ନ ମାନଙ୍କୁ ସହାୟତାର ହାତ ବଢ଼ାଇଛନ୍ତି । ଏହି ଅବସରରେ ଜିଲ୍ଲା କଂଗ୍ରେସ କମିଟି ଓ ରାଜୀବ ଗାନ୍ଧୀ ପଞ୍ଚାୟତ ରାଜ ସଂଗଠନ ପକ୍ଷରୁ ବନ୍ୟା ବିପନ୍ନଙ୍କୁ ରିଲିଫ୍ ସହାୟତା ପ୍ରଦାନ କରାଯାଉଛି । କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସର ସାଙ୍ଗଠନିକ ଉପସଭାପତି ସତ୍ୟପ୍ରିୟ ସାମଲଙ୍କ ନେତୃତ୍ୱରେ ଆଳି ବ୍ଲକ ଅନ୍ତର୍ଗତ ନରେନ୍ଦ୍ରପୁର, ଲେଙ୍କାଡିଆ, ଦର୍ଶିପୁର,ପଦିନିପାଳ, ନୂଆପଡ଼ା ଓ ପତ୍ରପୁର ଗ୍ରାମ ପଞ୍ଚାୟତର ବନ୍ୟା ବିପନ୍ନଙ୍କୁ ସହାୟତା ଯୋଗାଇ ଦେଇଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ରାଜୀବ ଗାନ୍ଧୀ ପଞ୍ଚାୟତ ରାଜ ସଂଗଠନର ସଭାପତି ରାଜେଶ କୁମାର ରାଉତ, ଆଳି ବ୍ଲକ୍ କଂଗ୍ରେସ କମିଟିର ସଭାପତି ରବିନାରାୟଣ ବେହେରା, ବରିଷ୍ଠ କଂଗ୍ରେସ ନେତା ଦର୍ପ ସାହୁ, ପୂର୍ବତନ ସରପଞ୍ଚ ରୁବି ସାମଲ, ରାଜମୋହନ ସ୍ୱାଇଁ, ଆଶିଷ ସାହୁ, ଜୋନ୍ ସଭାପତି ମନଗୋବିନ୍ଦ ଦାସ, ଶୁଭମ ପରିଡ଼ା, ବବି ନାୟକ, ଛୋଟା ପଲେଇ ପ୍ରମୁଖ ଉପସ୍ଥିତ ରହି ବନ୍ୟା ବିପନ୍ନଙ୍କୁ ରିଲିଫ୍ ବଣ୍ଟନ କରି ସହାୟତା ପ୍ରଦାନ କରିଥିଲେ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## ଶେଷ ସୋମବାରରେ ଦୁର୍ଗାଭଟି ଦୁର୍ଗା ମନ୍ଦିରରେ ବୋଲବମ୍ ଭକ୍ତଙ୍କ ଭିଡ଼

**ରାଇଘର,(ମହାଭାରତ):** ପବିତ୍ର ଶ୍ରାବଣ ମାସର ଶେଷ ସୋମବାର ଅବସରରେ ରାଇଘର ବ୍ଲକ ଅନ୍ତର୍ଗତ କୁସୁମପୁର ଦୁର୍ଗାଭଟି ଦୁର୍ଗା ମନ୍ଦିର ପରିସରରେ ଦେଖିବାକୁ ମିଳିଛି ବୋଲବମ୍ ଭକ୍ତଙ୍କ ଭିଡ଼ । ଭୋଲାନାଥଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ଭୋର ସମୟରୁ ହିଁ ମନ୍ଦିର ଅଭିମୁଖେ ଭକ୍ତଙ୍କ ସୁଅ ଛୁଟିଥିଲା ।ବିଶେଷ କରି ପଡ଼ୋଶୀ ଛତିଶଗଡ଼ ଅଞ୍ଚଳରୁ ମଧ୍ୟ ବହୁ ସଂଖ୍ୟାରେ ବୋଲବମ୍ ଭକ୍ତ ଭାର ଧରି ଦୁର୍ଗାଭଟି ଦୁର୍ଗା ମନ୍ଦିରରେ ପହଞ୍ଚିଥିଲେ । ଶ୍ରଦ୍ଧା ଓ ଭକ୍ତିର ସହିତ ମନ୍ଦିରରେ ପହଞ୍ଚି ଶିବଲିଙ୍ଗରେ ଜଳାଭିଷେକ କରିବା ସହ ନିଜ ମନୋବାଞ୍ଛା ପୂରଣ ଓ ପରିବାରର ସୁଖ, ଶାନ୍ତି ଓ ସମୃଦ୍ଧି ପାଇଁ ଭଗବାନ ଶିବଙ୍କ ନିକଟରେ ପ୍ରାର୍ଥନା କରିଥିଲେ ।ମନ୍ଦିର ପରିସରରେ ଭକ୍ତମାନଙ୍କ ଦ୍ୱାରା 'ବୋଲବମ୍' ଓ 'ହର ହର ମହାଦେବ' ଧ୍ୱନିରେ ପରିବେଶ ଭକ୍ତିମୟ ହୋଇଉଠିଥିଲା । କାଉଡ଼ିଆ ଭକ୍ତମାନେ ନିଜର ଭାର ଧରି ଦୀର୍ଘ ପଥ ଅତିକ୍ରମ କରି ମନ୍ଦିରରେ ପହଞ୍ଚି ଜଳ ଢାଳିବା ସହ ମହାଦେବଙ୍କ ଆଶୀର୍ବାଦ କାମନା କରିଥିଲେ ।ଶ୍ରାବଣ ମାସରେ ଭଗବାନ ଶିବଙ୍କ ପ୍ରତି ଭକ୍ତମାନଙ୍କ ଏହି ଅଗାଢ଼ ଆସ୍ଥା ଓ ଭକ୍ତିର ନିଆରା ଦୃଶ୍ୟ ଦେଖିବାକୁ ମିଳିଥିଲା । ଜାତି ଧର୍ମ ଓ ଅଞ୍ଚଳର ସୀମା ଭୁଲି ଭକ୍ତମାନେ ଏକାଠି ହୋଇ ମହାଦେବଙ୍କ ଆରାଧନା କରିଥିଲେ ।ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ଭକ୍ତ ଓ ଭଗବାନଙ୍କ ମଧ୍ୟର ସମ୍ପର୍କ ହେଉଛି ଅତୁଟ ବନ୍ଧନ । ଶ୍ରଦ୍ଧା ଓ ବିଶ୍ୱାସର ସହ ଭଗବାନଙ୍କୁ ସ୍ମରଣ କଲେ ମନକୁ ଶାନ୍ତି ମିଳେ ବୋଲି ଭକ୍ତମାନେ ବିଶ୍ୱାସ କରନ୍ତି ।ଶେଷ ସୋମବାରରେ ଦୁର୍ଗାଭଟି ଦୁର୍ଗା ମନ୍ଦିରରେ ଏଭଳି ଭକ୍ତଙ୍କ ସମାଗମ ଅଞ୍ଚଳର ଧାର୍ମିକ ପରମ୍ପରା ଓ ଭକ୍ତିଭାବକୁ ଆହୁରି ଜୀବନ୍ତ କରିଥିବା ଦେଖିବାକୁ ମିଳିଥିଲା ।

### ସର୍ବେଜାଲ ପ୍ରାଥମିକ ବିଦ୍ୟାଳୟରେ ନିମ୍ନମାନର ମରାମତି ଅଭିଯୋଗ

## ବର୍ଷାରେ ଟିଣ ଛାତରୁ ଗଳୁଛି ପାଣି, ସ୍କୁଲରେ ତାଲା ଝୁଲାଇଲେ ଅଭିଭାବକ



**ସମ୍ବଲପୁର, :** ସ୍କୁଲ ରୂପାନ୍ତରଣ ଓ ମରାମତି ନାଁରେ ସରକାରୀ ଅର୍ଥର ବାଟମାରଣା ଏବଂ ପ୍ରଶାସନିକ ଉଦାସୀନତାର ଅଭିଯୋଗକୁ ନେଇ ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ଅନ୍ତର୍ଗତ ସର୍ବେଜାଲ ପ୍ରାଥମିକ ବିଦ୍ୟାଳୟରେ ତୀବ୍ର ଜନଅସନ୍ତୋଷ ଦେଖାଦେଇଛି । ବର୍ଷା ହେଲେ ଶ୍ରେଣୀ କୋଠରୀର ଟିଣ ଛାତରୁ ପାଣି ଗଳୁଥିବାରୁ ଛାତ୍ରଛାତ୍ରୀମାନେ ଅସୁବିଧାରେ ପାଠ ପଢୁଥିବା ଅଭିଯୋଗ କରି ଅଭିଭାବକ, ଛାତ୍ରଛାତ୍ରୀ ଓ ଶିକ୍ଷକମାନେ ସ୍କୁଲ ଫାଟକରେ ତାଲା ପକାଇ ବାହାରେ ଧାରଣାରେ ବସିଥିଲେ ।ସୂଚନା ଅନୁଯାୟୀ, ଗତ ଏପ୍ରିଲ ମାସରେ ଉକ୍ତ ଶ୍ରେଣୀ କୋଠରୀର ମରାମତି କାର୍ଯ୍ୟ ସମୟରେ ଟିଣ ଛାତ ଲଗାଯାଇଥିଲା । ତେବେ ଛାତ ଲଗାଇବାରେ ତ୍ରୁଟି ଓ ନିମ୍ନମାନର କାମ ଯୋଗୁଁ ବର୍ତ୍ତମାନ ବର୍ଷା ସମୟରେ ଛାତରୁ ଧାର ଧାର ପାଣି ଗଳୁଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି । ଏଥିଯୋଗୁଁ ଛାତ୍ରଛାତ୍ରୀଙ୍କ ବହିପତ୍ର ଓଦା ହେବା ସହ ଓଦା ଚଟାଣରେ ବସି ପାଠ ପଢିବାକୁ ପଡୁଛି ।ଏନେଇ ପୂର୍ବରୁ ସ୍କୁଲ ପରିଚାଳନା କମିଟି ପକ୍ଷରୁ ସମ୍ପୃକ୍ତ ଠିକାଦାରଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ତୁରନ୍ତ ସମାଧାନ କରାଯାଇନଥିବା ଗ୍ରାମବାସୀ କହିଛନ୍ତି । ସମସ୍ୟାର ସମାଧାନ ଆଶାରେ ଗତକାଲି ଗ୍ରାମବାସୀ ଓ ଅଭିଭାବକମାନେ ବ୍ଲକ କାର୍ଯ୍ୟାଳୟକୁ ଯାଇଥିଲେ । ତେବେ ବିଡିଓ ଉପସ୍ଥିତ ନଥିବାରୁ ସେମାନେ ତାଙ୍କୁ ଭେଟି ନପାରି ନିରାଶ ହୋଇ ଫେରିଥିଲେ ।ଏହାପରେ ଆଜି ସକାଳୁ ଅଭିଭାବକ, ଛାତ୍ରଛାତ୍ରୀ ଓ ଶିକ୍ଷକମାନେ ଏକାଠି ହୋଇ ସ୍କୁଲ ଫାଟକରେ ତାଲା ପକାଇ ବିକ୍ଷୋଭ ଆରମ୍ଭ କରିଥିଲେ । ଖବର ପାଇ ସିଆରସିସି ଆନନ୍ଦ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ । ମାତ୍ର ସ୍ଥାୟୀ ସମାଧାନର ଠୋସ୍ ପ୍ରତିଶ୍ରୁତି ନମିଳିବା ପର୍ଯ୍ୟନ୍ତ ତାଲା ଖୋଲାଯିବ ନାହିଁ ବୋଲି ଗ୍ରାମବାସୀ ଅଡ଼ି ବସିଥିଲେ ।ଅନ୍ୟପକ୍ଷରେ, ଅଭିଯୋଗ ସମ୍ପର୍କରେ ସମ୍ପୃକ୍ତ ଠିକାଦାରଙ୍କ ପ୍ରତିକ୍ରିୟା ନିଆଯିବାରୁ ସେ କହିଛନ୍ତି ଯେ, ଗତ ମାର୍ଚ୍ଚ ମାସରେ ପ୍ରବଳ କାଳବୈଶାଖୀ ଝଡ଼ତୋଫାନ ଯୋଗୁଁ ଛାତର ଗୋଟିଏ ସିଟ୍ ଉଡ଼ିଯାଇଥିଲା । ପରେ ତାହାର ମରାମତି କରାଯାଇଥିଲା । ତେବେ ମରାମତି ସମୟରେ ସାମାନ୍ୟ ଏପଟସେପଟ ହୋଇଥିବାରୁ ପାଣି ଗଳୁଥାଇପାରେ । ବର୍ଷା କମିଗଲେ ଖୁବ୍ ଶୀଘ୍ର ଛାତର ସ୍ଥାୟୀ ମରାମତି କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି । ତେବେ କୋମଳମତି ଶିଶୁମାନଙ୍କ ସୁରକ୍ଷା ଓ ଶିକ୍ଷା ପରିବେଶକୁ ଦୃଷ୍ଟିରେ ରଖି ଛାତର ତୁରନ୍ତ ସଠିକ୍ ପୁନରୁଦ୍ଧାର ସହ ମରାମତି କାର୍ଯ୍ୟର ମାନ ଯାଞ୍ଚ କରିବାକୁ ଜିଲ୍ଲା ପ୍ରଶାସନ ଓ ଶିକ୍ଷା ବିଭାଗ ନିକଟରେ ଦାବି ହୋଇଛି ।

## ବେନଗାଁ ସ୍କୁଲରେ ବିଜେପୁର ପୋଲିସର ନିଶାମୁକ୍ତ ଅଭିଯାନ

**ଲାଞ୍ଜିଗଡ(ମହାଭାରତ):** ଯୁବପିଢ଼ିଙ୍କୁ ନିଶାର କୁପ୍ରଭାବରୁ ଦୂରେଇ ରଖିବା ଏବଂ ଏକ ନିଶାମୁକ୍ତ ସୁସ୍ଥ ସମାଜ ଗଠନ ଲକ୍ଷ୍ୟରେ ବିଜେପୁର ପୋଲିସ ପକ୍ଷରୁ ବେନଗାଁ ବିଦ୍ୟାଳୟରେ ନିଶାମୁକ୍ତ ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ବିଜେପୁର ଥାନାଧିକାରୀ ତୁଳସୀ ରାମ ଶବରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ପୋଲିସ ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ନିଶା ସେବନର କୁପରିଣାମ ଏବଂ ଏହା ଦ୍ୱାରା ବ୍ୟକ୍ତି, ପରିବାର ଓ ସମାଜ ଉପରେ ପଡୁଥିବା ନକାରାତ୍ମକ ପ୍ରଭାବ ସମ୍ପର୍କରେ ସଚେତନ କରାଯାଇଥିଲା । ନିଶାଠାରୁ ଦୂରେଇ ରହି ନିଜର ଭବିଷ୍ୟତକୁ ଉଜ୍ଜ୍ୱଳ କରିବା ସହ ଅନ୍ୟମାନଙ୍କୁ ମଧ୍ୟ ନିଶା ବିରୋଧରେ ସଚେତନ କରିବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦିଆଯାଇଥିଲା ବିଶେଷକରି ଯୁବପିଢ଼ି ନିଶା କବଳରେ ପଡ଼ି ନିଜର ଅମୂଲ୍ୟ ଭବିଷ୍ୟତ ନଷ୍ଟ ନକରିବା ପାଇଁ ପୋଲିସ ପକ୍ଷରୁ ସଚେତନତାର ବାର୍ତ୍ତା ଦିଆଯାଇଥିଲା । ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ମାନେ ମଧ୍ୟ ନିଶାମୁକ୍ତ ସମାଜ ଗଠନ ପାଇଁ ନିଜ ନିଜ ସ୍ତରରେ ସଚେତନତା ସୃଷ୍ଟି କରିବାକୁ ସଂକଳ୍ପ ନେଇଥିଲେ । ବିଜେପୁର ପୋଲିସର ଏଭଳି ସଚେତନତାମୂଳକ ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳରେ ସ୍ୱାଗତ କରାଯାଇଛି । ନିଶାମୁକ୍ତ ସମାଜ ଗଠନରେ ପୋଲିସ ସହ ସାଧାରଣ ଲୋକଙ୍କ ସହଯୋଗ ଅତ୍ୟନ୍ତ ଜରୁରୀ ବୋଲି ଏହି ଅବସରରେ ମତ ପ୍ରକାଶ ପାଇଛି ।

### ମଝି ସମୁଦ୍ରରେ ଜାହାଜ ବୁଡିବା ଘଟଣା

## ନିଖୋଜ ୨୨ କର୍ମଚାରୀଙ୍କ ମିଳି ନାହିଁ ସନ୍ଧାନ

**ପାରାଦୀପ,(ମହାଭାରତ):** ଗତ ୨୦ ତାରିଖ ଦିନ ପାରାଦୀପ ବନ୍ଦରରୁ ଲୁହାପଥର ବୋଝେଇ ହୋଇ ଯାଉଥିବା ଜାହାଜ ଓସେନ୍ ଉଇନର ଜାହାଜ ପୋର୍ଟ ବ୍ଲେୟାର ନିକଟରେ ବୁଡିଯିବା ଘଟଣାକୁ ତିନି ଦିନ ବିତିଯାଇଛି । ଜାହାଜରେ ଥିବା ୨୪ଜଣ କର୍ମଚାରୀଙ୍କ ମଧ୍ୟରୁ କେବଳ ୨ଜଣଙ୍କୁ ସେହି ଦିନ ଉଦ୍ଧାର କରାଯାଇଥିବା ବେଳେ ଆଜି ପର୍ଯ୍ୟନ୍ତ ଅନ୍ୟ କୌଣସି କର୍ମଚାରୀଙ୍କ ସମ୍ପର୍କରେ ସୂଚନା ମିଳି ନାହିଁ ବୋଲି ପାରାଦୀପସ୍ଥିତ ଭାରତୀୟ କୋଷ୍ଟଗାର୍ଡ ତରଫରୁ ସୋମବାର ଅପରାହ୍ନରେ ସୂଚନା ମିଳିଛି । ନିଖୋଜ ଜାହାଜ କର୍ମଚାରୀଙ୍କୁ ଖୋଜିବା କାର୍ଯ୍ୟରେ କୋଷ୍ଟଗାର୍ଡ, ନୌସେନା




ନିୟୋଜିତ ହୋଇଥିଲେ ବି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ କାହାରି ସନ୍ଧାନ ମିଳି ପାରି ନାହିଁ ।

## ୧୯ ଲିଟର ମହୁଲି ମଦ ଜବତ, ୨ ଗିରଫ



**କରଞ୍ଜିଆ,(ମହାଭାରତ):** ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଅବକାରୀ ଥାନା ପକ୍ଷରୁ ଅବୈଧ ମହୁଲି ମଦ ବିରୋଧରେ ଚଢ଼ାଉ କରାଯାଇ ୧୯ ଲିଟର ମହୁଲି ମଦ ଜବତ କରାଯାଇଛି । ଏହି ଘଟଣାରେ ଦୁଇ ଜଣଙ୍କୁ ଗିରଫ କରି ଅବକାରୀ ବିଭାଗ ପକ୍ଷରୁ କୋର୍ଟ ଚାଲାଣ କରାଯାଇଛି ।ସୂଚନା ଅନୁଯାୟୀ, ଠାକୁରମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଖମଣ୍ଡିହା ଗ୍ରାମରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା । ଚଢ଼ାଉ ସମୟରେ ଗ୍ରାମର ଉର୍ବଶୀ ସାହୁ (୪୦)ଙ୍କ ନିକଟରୁ ବିକ୍ରି ଉଦ୍ଦେଶ୍ୟରେ ରଖାଯାଇଥିବା ୧୧ ଲିଟର ମହୁଲି ମଦ ଜବତ କରାଯାଇଥିଲା । ଏହାପରେ ଅବକାରୀ ବିଭାଗ ତାଙ୍କୁ ଗିରଫ କରିଥିଲା ।ସେହିପରି ଦିଗଧର ପଞ୍ଚାୟତ ଅନ୍ତର୍ଗତ ଖୁଣ୍ଟାପୋଷି ଗ୍ରାମରେ ମଧ୍ୟ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା । ଏଠାରେ ଆନାମଣି ମୁର୍ମୁ (୩୭)ଙ୍କ ନିକଟରୁ ବିକ୍ରି ପାଇଁ ରଖାଯାଇଥିବା ୮ ଲିଟର ମହୁଲି ମଦ ଜବତ ହୋଇଥିଲା । ଘଟଣାସ୍ଥଳରୁ ଆନାମଣି ମୁର୍ମୁଙ୍କୁ ମଧ୍ୟ ଗିରଫ କରାଯାଇଥିଲା । ଏହି ଦୁଇଟି ଘଟଣାକୁ ନେଇ ଅବକାରୀ ଥାନା ପୁଲିସ ପକ୍ଷରୁ ମାମଲା ନମ୍ବର ୯୬/୯୭/୨୦୨୬-୨୭ରେ ମାମଲା ରୁଜୁ କରାଯାଇଛି । ପରେ ଗିରଫ ହୋଇଥିବା ଉଭୟ ଅଭିଯୁକ୍ତଙ୍କୁ ଆଇନାନୁସାରେ କୋର୍ଟ ଚାଲାଣ କରାଯାଇଛି । ଏହି ଚଢ଼ାଉ ଅବକାରୀ ଥାନା ଅଧିକାରୀ ଲକ୍ଷ୍ମୀଧର ମାଝୀଙ୍କ ନେତୃତ୍ୱରେ କରାଯାଇଥିଲା । ଚଢ଼ାଉରେ ଏଏସଆଇ ଲକ୍ଷ୍ମଣ ନାୟକଙ୍କ ସମେତ ଚନ୍ଦ୍ରକାନ୍ତ ମୁଦୁଲି, ସସ୍ମିତା ବେହେରା ଓ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ । ଅବୈଧ ମଦ କାରବାର ବିରୋଧରେ ଆଗାମୀ ଦିନରେ ମଧ୍ୟ ଚଢ଼ାଉ ଜାରି ରହିବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି ।

## ସାହିତ୍ୟ ସଂସଦ ଆନୁକୂଲ୍ୟରେ ବର୍ଷା ସାହିତ୍ୟ ଆସର ଓ କବିତା ପାଠୋତ୍ସବ

**ପାରାଦୀପ (ମହାଭାରତ):** ପାରାଦୀପ ର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ମୋନାଲିସା ସାହିତ୍ୟ ସଂସଦ ଓ ପାରାଦୀପ ସାହିତ୍ୟ ସଂସଦ ମିଳିତ ଆନୁକୂଲ୍ୟରେ ବର୍ଷା ସାହିତ୍ୟ ଆସର ଓ କବିତା ପାଠୋତ୍ସ୍ୱ ନୂଆବଜାର ସ୍ଥିତ ଅଟଳ ବିହାରୀ ବାଜପେୟୀ ଟ୍ରଷ୍ଟ ସଭା ଗୃହରେ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ସ୍ତମ୍ଭକାର ଅକ୍ଷୟ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ କବୟିତ୍ରୀ ଗୋଲାପ ରାଣୀ ସାହୁ ଓ ମୁଖ୍ୟ ବକ୍ତା ଭାବେ କବି ଅନନ୍ତ କୁମାର ଦାସ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବରେ ପାରାଦୀପ ସାହିତ୍ୟ ସଂସଦ ସଭାନେତ୍ରୀ ତୁଳସୀ ବରାଳ ,ସମ୍ପାଦକ ପ୍ରଶାନ୍ତ କୁମାର ରାଉତ ଉପସ୍ଥିତ ଥିଲେ ।ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ମୋନାଲିସା ସାହିତ୍ୟ ସଂସଦ ର ସମ୍ପାଦିକା ସଂଘମିତ୍ରା ସ୍ୱାଇଁ ।ଏହି ଅବସରରେ ପ୍ରସିଦ୍ଧ ପାଲା ଗାୟକ ସ୍ୱର୍ଗତଃ ଜଗନ୍ନାଥ ବେହେରା ଓ ସଙ୍ଗୀତଜ୍ଞ ସ୍ୱର୍ଗତଃ ପ୍ରଣବ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଏକ ଶୋକ ପ୍ରସ୍ତାବ ଆଗତ କରାଯାଇ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଓଡ଼ିଆ ସାହିତ୍ୟରେ ବର୍ଷା ବର୍ଣ୍ଣନା ସମ୍ପର୍କରେ ନିମନ୍ତ୍ରିତ ଅତିଥିମାନେ ମୂଲ୍ୟବାନ ମନ୍ତବ୍ୟ ଦେଇଥିଲେ । କବି ପ୍ରେମ ଲତା ବାରିକ, ଧୃବ ଚରଣ ମହାପାତ୍ର,ବାବାଜୀ ଚରଣ ନାୟକ, ଲଗ୍ନଜିତ ରାଉତ, ନଳିନୀ ପ୍ରଭା ସାହୁ, ଉର୍ମିଳା ମହାନ୍ତି, କୌଶଲ୍ୟା ମହାନ୍ତି, କଳ୍ପନା ବେହେରା, ଜ୍ୟୋସ୍ନା ଦାସ, ପ୍ରଭାସ ଚନ୍ଦ୍ର ସ୍ୱାଇଁ, ବେଣୁଧର ମିଶ୍ର, ନିମାଇଁ ମହାପାତ୍ର, ଚିତ୍ରସେନ ମହାନ୍ତି, ଟୁନି ଖୋଜି, ରଞ୍ଜନ କୁମାର ଲେଙ୍କା, ପୁଷ୍ପା ଦାସ ପ୍ରମୁଖ ସ୍ୱରଚିତ ବର୍ଷା କବିତା ପାଠ କରିଥିଲେ । କବିତା ସଂଯୋଜନା କରିଥିଲେ ବିଜୟ କୁମାର ନାୟକ ।

## ଶିଶୁ-ବନ୍ଧୁ ପରିବେଶ ସୃଷ୍ଟି ନେଇ ଅଭିଭାବକ ଓ ଏସଏଚଜି ମହିଳାଙ୍କୁ ତାଲିମ




**ସମ୍ବଲପୁର , (ମହାଭାରତ):** ଶିଶୁ ଅଧିକାର, ଜାତିସଂଘ ଶିଶୁ ଅଧିକାର ସନ୍ଧି , ଶିଶୁ-ବନ୍ଧୁ ପରିବେଶ ସୃଷ୍ଟି, ସକାରାତ୍ମକ ପାରିବାରିକ ଲାଳନ-ପାଳନ ଓ ଶିଶୁ ସୁରକ୍ଷା ଉପରେ ଅଭିଭାବକ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି) ନେତୃତ୍ୱଙ୍କୁ ନେଇ ଏକ ତାଲିମ ଶିବିର ଡିଲେଇମାଲ ବ୍ଲକର କଂସର ପଞ୍ଚାୟତସ୍ଥିତ ମିଶନ ଭବନରେ ଅନୁଷ୍ଠିତ ହୋଇଯାଇଛି ।ସିଡ଼ି ପକ୍ଷରୁ ଆୟୋଜିତ ଏହି ତାଲିମ ଶିବିରରେ ଶିଶୁଙ୍କ ଅଧିକାର ଓ ସୁରକ୍ଷା ପ୍ରତି ପରିବାର ଏବଂ ସମୁଦାୟର ଦାୟିତ୍ୱ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ଶିଶୁଙ୍କ ପାଇଁ ସୁରକ୍ଷିତ, ସମ୍ମାନଜନକ ଓ ଶିଶୁ-ବନ୍ଧୁ ପରିବେଶ ଗଠନରେ ଅଭିଭାବକ, ଏସଏଚଜି ମହିଳା ଓ ସମୁଦାୟର ଭୂମିକା ସମ୍ପର୍କରେ ଅଂଶଗ୍ରହଣକାରୀମାନଙ୍କୁ ସଚେତନ କରାଯାଇଥିଲା ।ତାଲିମଦାତା ତଥା ସମ୍ବଲପୁର ଜିଲ୍ଲା ଶିଶୁ ମଙ୍ଗଳ ସମିତିର ସଦସ୍ୟ ଡାକ୍ତର ରାଜାରାମ ଷଡ଼ଙ୍ଗୀ ଶିଶୁ ଅଧିକାର, ଜାତିସଂଘ ଶିଶୁ ଅଧିକାର ସନ୍ଧି, ସକାରାତ୍ମକ ପାରିବାରିକ ଲାଳନ-ପାଳନ, ଶିଶୁ ସୁରକ୍ଷା ଓ ଶିଶୁ-ବନ୍ଧୁ ପରିବେଶ ସୃଷ୍ଟି ଉପରେ ବିସ୍ତୃତ ତାଲିମ ପ୍ରଦାନ କରିଥିଲେ । ଶିଶୁଙ୍କ ପ୍ରତି ହିଂସା, ଅବହେଳା ଓ ଅଧିକାର ଉଲ୍ଲଂଘନକୁ ରୋକିବା ସହ ଆବଶ୍ୟକ ସମୟରେ ସଠିକ୍ ସହାୟତା ଓ ସୁରକ୍ଷା ବ୍ୟବସ୍ଥା ସହ ଯୋଡ଼ିବା ନେଇ ମଧ୍ୟ ଆଲୋଚନା କରାଯାଇଥିଲା ।ପ୍ରାରମ୍ଭରେ ସିଡ଼ି ସଂଯୋଜକ ସଂସାର ବାଗ ତାଲିମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଅଭିଭାଷଣ ରଖିଥିଲେ । ତପନ ପ୍ରଧାନ, ସରିତା କୁଅଁର ଓ ବରୁଣ କୁମାର କୁଅଁର ତାଲିମ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।ଏହି ତାଲିମ ଶିବିରରେ କଂସର ପଞ୍ଚାୟତର ସମସ୍ତ ଏମବିକେ ଓ ସିଆରପିଙ୍କ ସମେତ ଅଭିଭାବକ ଏବଂ ଏସଏଚଜି ମହିଳାମାନେ ଅଂଶଗ୍ରହଣ କରିଥିଲେ । ଶିଶୁ ସୁରକ୍ଷାକୁ ନେଇ ସମୁଦାୟ ସ୍ତରରେ ସଚେତନତା ଓ ସାମୂହିକ ଦାୟିତ୍ୱବୋଧ ବୃଦ୍ଧି କରିବା ଏହି ତାଲିମର ପ୍ରମୁଖ ଲକ୍ଷ୍ୟ ଥିଲା ।

## ୭ କିଲୋ ୫୦୦ ଗ୍ରାମ ଗଞ୍ଜେଇ ଜବତ :ଜଣେ ଗିରଫ




**ରାଇଘର,(ମହାଭାରତ):** ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ କସକଙ୍ଗା ପଞ୍ଚାୟତ ର କୁଡିପାରାରେ ଚୋରା ଗଞ୍ଜେଇ କାରବାର ବିରୋଧରେ ରାଇଘର ଅବକାରୀ ବିଭାଗର ଜୋରଦାର ଅଭିଯାନ । ପେଟ୍ରୋଲିଂ ସମୟରେ କସକଙ୍ଗା ପଞ୍ଚାୟତ ଅନ୍ତର୍ଗତ କୁଡିପାରା ଗ୍ରାମରେ ଚଢ଼ାଉ କରି ୭ କିଲୋ ୫୦୦ ଗ୍ରାମ ଗଞ୍ଜେଇ ଜବତ କରିବା ସହ ଜଣେ ଯୁବକଙ୍କୁ ଗିରଫ କରିଛି ଅବକାରୀ ବିଭାଗ ।ଗିରଫ ଯୁବକ ହେଲେ କୁଡିପାରା ଗ୍ରାମର ଧନ ପ୍ରସାଦ ଗଣ୍ଡ (୩୧) । ତାଙ୍କ ନିକଟରୁ ଗଞ୍ଜେଇ ଜବତ କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି । ଏନେଇ କେସ୍ ନମ୍ବର ୧୧୩/୨୦୨୬-୨୭ ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ।ଏହି ମିଳିତ ପେଟ୍ରୋଲିଂ ଓ ଚଢ଼ାଉରେ ରାଇଘର ଅବକାରୀ ଥାନାର ଅଧିକାରୀ ସମୀର କୌଶଲ୍ୟ ନବରଙ୍ଗପୁର ଜିଲ୍ଲା ମୋବାଇଲ୍ ୟୁନିଟ୍ ?ର ଇନ୍ସପେକ୍ଟର ବୃନ୍ଦାବନ ମଣ୍ଡଳ ନବରଙ୍ଗପୁର ଅବକାରୀ ଥାନାର ଡଂଓଉ ଅନେଶ କୁମାର ନାଏକ ଉମରକୋଟ ଅବକାରୀ ଥାନାର ଇଂଓ ଶକ୍ତି ବେହେରାଙ୍କ ସମେତ ରାଇଘର ଉମରକୋଟ ସଦର ଓ ମୋବାଇଲ୍ ୟୁନିଟ୍ ?ର ଅବକାରୀ କର୍ମଚାରୀମାନେ ସାମିଲ ଥିଲେ ।ଗଞ୍ଜେଇ ଚୋରାଚାଲାଣ ରୋକିବା ପାଇଁ ଅବକାରୀ ବିଭାଗର ଏଭଳି ଅଭିଯାନ ଆଗକୁ ମଧ୍ୟ ଜାରି ରହିବ ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି ।

## ବୃକ୍ଷରୋପଣ କଲେ ଜୁନାଗଡ଼ ସାମ୍ବାଦିକ ସଂଘ

**ଜୁନାଗଡ,(ମହାଭାରତ):** ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ,ପ୍ରକୃତି କୋଳରେ ସବୁଜ ଗଛଲତା ପରିବେଷ୍ଟିତ ସବୁଜିମା ଭରା ପରିବେଶରେ ରହିଛି ଶନିଦେବଙ୍କ ମନ୍ଦିର ।ଏହି ପରିସର ମଧ୍ୟରେ ମହାକାଳ ମହାଦେବଙ୍କ ମନ୍ଦିର ସହ ରହିଛି ନବଗ୍ରହ ମନ୍ଦିର ।ଏହି ମନ୍ଦିର ରହିଛି କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ଚାରଭାଟି ପଞ୍ଚାୟତର ବ୍ରାହ୍ମଣୀଗୁଡା-କନ୍ଧସର୍ଗିଗୁଡା ମଧ୍ୟସ୍ଥଳୀରେ ।ଜୁନାଗଡ଼ ସହର ଠାରୁ ପଞ୍ଚ କିଲୋମିଟର ମଧ୍ୟରେ ରହିଛି ଏହି ମନ୍ଦିର ।ମନ୍ଦିର ନିର୍ମାଣ ହୋଇ ପ୍ରତିଷ୍ଠା ହେବା ଦିନଠାରୁ ,ପ୍ରସିଦ୍ଧି ହେବା ସହ ଜିଲ୍ଲା ତଥା ଜିଲ୍ଲା ବାହାରୁ ମଧ୍ୟ ଶ୍ରଦ୍ଧାଳୁ ଓ ଭକ୍ତମାନେ ଛୁଟି ଆସୁଛନ୍ତି ।ମନ୍ଦିର ପରିସରରେ ମୂଲ୍ୟବାନ ବୃକ୍ଷ ଯଥା ରୁଦ୍ରାକ୍ଷ,ଚନ୍ଦନ, ଚମ୍ପା, ବଉଳ, ଅଶୋକ ବୃକ୍ଷ ରହିତ ଅନ୍ୟାନ୍ୟ ହଜାର ହଜାର ବୃକ୍ଷ ରୋପଣ କରାଯାଇଛି, ଯଦ୍ୱାରା ପ୍ରକୃତି ପ୍ରେମୀ ,ପ୍ରକୃତିର ସୌନ୍ଦର୍ଯ୍ୟର ମଜା ନେଉଛନ୍ତି ।ଏହି ମନ୍ଦିର ପରିସରରେ ଜୁନାଗଡ଼ ସାମ୍ବାଦିକ ସଂଘ ପକ୍ଷରୁ ଶ୍ରାବଣର ଶେଷ ସୋମବାର ଦିନ ବୃକ୍ଷ ରୋପଣ କରାଯାଇଥିଲା ।

## ଲଗାଣ ବର୍ଷାରେ ଭାଙ୍ଗିଗଲା ଘର, ବେସାହାରା ହେଲେ ପରିବାର



**ଲକ୍ଷ୍ମୀପୂର, (ମହାଭାରତ):** ଲଗାଣ ବର୍ଷା ଛଡ଼ାଇଦେଲା ଗରିବ ପରିବାରର ଆଶ୍ରୟ । କିଛି ଦିନ ଧରି ଲଗାତାର ବର୍ଷା ହେବାରୁ ଘର ଭାଙ୍ଗିପଡ଼ିବା ସହ ଏବେ ମୁଣ୍ଡ ଗୁଞ୍ଜିବାକୁ ଜାଗା ନଥିବା ଅବସ୍ଥାରେ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି ଏକ ଗରିବ ପରିବାର । ଏଭଳି ଦୁର୍ଦ୍ଦଶାରେ ପଡ଼ିଛନ୍ତି କୋରାପୁଟ ଜିଲ୍ଲା ଲକ୍ଷ୍ମୀପୂର ବ୍ଲକ ପଞ୍ଚଡ଼ା ଗ୍ରାମ ପଞ୍ଚାୟତ ଅଧୀନ ମେଡ଼ାମ ଦୋରା ଗ୍ରାମର ବେଣୁ ମୁଦୁଲିଙ୍କ ପରିବାର । ସୂଚନା ଅନୁଯାୟୀ, ଗତ କିଛି ଦିନ ଧରି ଅଞ୍ଚଳରେ ଲଗାଣ ବର୍ଷା ଲାଗିରହିଥିଲା । ଲଗାତାର ବର୍ଷା ଯୋଗୁଁ ବେଣୁ ମୁଦୁଲିଙ୍କ ଘର ଧୀରେଧୀରେ ଦୁର୍ବଳ ହୋଇପଡ଼ିଥିଲା । ଶେଷରେ ବର୍ଷାର ଚାପ ସହିନପାରି ଘରର କିଛି ଅଂଶ ଭାଙ୍ଗିପଡ଼ିଥିବା ବେଳେ ଘରଟି ସମ୍ପୂର୍ଣ୍ଣ ଭାବେ ଅସୁରକ୍ଷିତ ହୋଇପଡ଼ିଛି । ଫଳରେ ପରିବାର ଲୋକଙ୍କ ମୁଣ୍ଡ ଉପରୁ ଆଶ୍ରୟ ହଟିଯାଇଛି ।ଘର ଭାଙ୍ଗିବା ଯୋଗୁଁ ଘରେ ଥିବା ଦୈନନ୍ଦିନ ବ୍ୟବହାରର ବିଭିନ୍ନ ସାମଗ୍ରୀ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିବା ପରିବାର ପକ୍ଷରୁ କୁହାଯାଇଛି । ଯେଉଁ ଘରଟି ପରିବାର ପାଇଁ ଏକମାତ୍ର ଆଶ୍ରୟ ଥିଲା, ଆଜି ସେହି ଘର ଭଙ୍ଗା ଓ ବିପଦସଙ୍କୁଳ ଅବସ୍ଥାରେ ପଡ଼ିରହିଛି । ବର୍ଷା ଦିନରେ ପରିବାର କେଉଁଠି ରହିବେ ଏବଂ କିପରି ଦିନ କାଟିବେ, ତାହାକୁ ନେଇ ଚିନ୍ତା ବଢ଼ିଛି । ଘର ଭାଙ୍ଗିଯିବା ପରେ ପରିବାର ଅସହାୟ ହୋଇ ପ୍ରଶାସନର ସହାୟତାକୁ ଅପେକ୍ଷା କରିଛି । ବର୍ଷାରେ ଘର ଭାଙ୍ଗିବା ଘଟଣାର ତଦନ୍ତ କରାଯାଇ କ୍ଷୟକ୍ଷତିର ଆକଳନ କରିବା ସହ ତୁରନ୍ତ ଆବଶ୍ୟକ ସହାୟତା ଯୋଗାଇଦେବାକୁ ପରିବାର ଓ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି ।ବିଶେଷକରି ବର୍ଷା ଦିନରେ ପରିବାରକୁ ସୁରକ୍ଷିତ ଆଶ୍ରୟ ଯୋଗାଇବା ସହ ସରକାରୀ ନିୟମ ଅନୁଯାୟୀ ଘରଭଙ୍ଗା କ୍ଷତିପୂରଣ ଓ ଅନ୍ୟାନ୍ୟ ସହାୟତା ମିଳିବ କି ନାହିଁ, ତାହାକୁ ନେଇ ପରିବାର ଆଶାରେ ରହିଛି । ଲଗାଣ ବର୍ଷାରେ ଆଶ୍ରୟ ହରାଇଥିବା ଏହି ପରିବାର ପାଖରେ ପ୍ରଶାସନ କେବେ ପହଞ୍ଚିବ ଏବଂ କେବେ ସହାୟତାର ହାତ ବଢ଼ାଇବ, ଏବେ ତାହା ଉପରେ ସମସ୍ତଙ୍କ ନଜର ।

## ରେବ ନଦୀରେ ବୁଡ଼ି ନାବାଳିକାଙ୍କ ମୃତ୍ୟୁ

**ଧାମନଗର:** ଭଦ୍ରକ ଜିଲ୍ଲା ଧାମନଗର ଥାନା ଅଞ୍ଚଳରେ ରେବ ନ ?ଦୀରେ ଏକ ଅଘଟଣ ଘଟିଛି । ଶୌଚ ପାଇଁ ନଦୀ ତୁଠକୁ ଯାଇଥିବା ବେଳେ ଗୋଡ଼ ଖସିଯିବାରୁ ପାଣିରେ ବୁଡ଼ି ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି । ଘଟଣାରେ ତାଙ୍କ ସହ ଥିବା ଅନ୍ୟ ୩ ଜଣ ସାଙ୍ଗ ଉଦ୍ଧାର ହୋଇଥିବା ଜଣାପଡ଼ିଛି । ଧାମନଗର ଥାନା ଅନ୍ତର୍ଗତ ଦଇପୁର ପଞ୍ଚାୟତର ନାରାୟଣପୁର ଗାଁର ନାଥ ସାହି ଚକ୍ରଧର ନାଥ ଙ୍କ ସାନ ଝିଅ ଇପ୍ସିତା ନାଥ (୧୭)ନିଜର ୩ ଜଣ ସାଙ୍ଗଙ୍କ ସହ କୁସୁମା ନିକଟସ୍ଥ ରେବ ନଦୀ ଘାଟକୁ ଶୌଚ ପାଇଁ ଯାଇଥିଲେ । ଶୌଚ କରୁଥିବା ସମୟରେ ହଠାତ୍ ଇପ୍ସିତାଙ୍କ ଗୋଡ଼ ଖସିଯିବାରୁ ସେ ନଦୀ ପାଣିରେ ବୁଡ଼ି ଯାଇଥିଲେ ।

# ରୁଷ୍‌ରେ ପୁଟିନଙ୍କୁ ଭେଟିଲେ ଜୟଶଙ୍କର



ମସ୍କୋ: ଦୁଇଦିନିଆ ରୁଷ୍ ଗସ୍ତରେ ଥିବା ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ସୋମବାର ମସ୍କୋରେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍‌ଙ୍କୁ ସାକ୍ଷାତ୍ କରିଛନ୍ତି। ସାକ୍ଷାତ୍ ସମୟରେ ଦୁଇ ଦେଶର ଦ୍ୱିପାକ୍ଷିକ ସମ୍ପର୍କ, ବାଣିଜ୍ୟ, ଆର୍ଥିକ ସହଯୋଗ, ଶକ୍ତି ଓ ପରମାଣୁ କ୍ଷେତ୍ର ସମେତ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା ହୋଇଛି। ଭାରତ-ରୁଷ୍ ମଧ୍ୟରେ ଚଳିତ ବର୍ଷ ଦ୍ୱିପାକ୍ଷିକ ବାଣିଜ୍ୟ ବୃଦ୍ଧି ପାଇଥିବାରୁ ପୁଟିନ୍ ଖୁସି ପ୍ରକାଶ କରିବା ସହ ଏଥିପାଇଁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଶ୍ରେୟ ଦେଇଛନ୍ତି। ରୁଷ୍-ଭାରତ ସମ୍ପର୍କର ବିକାଶ ଉପରେ ମୋଦୀ ବ୍ୟକ୍ତିଗତ ଭାବେ ବିଶେଷ ଧ୍ୟାନ ଦେଉଥିବା ପୁଟିନ୍ କହିଛନ୍ତି। ସେହିପରି ଦଶନ୍ଧି ଧରି ଦୁଇ ଦେଶ ମଧ୍ୟରେ ଗଢ଼ିଉଠିଥିବା ସମ୍ପର୍କ ଏବେ ମଧ୍ୟ ବିଭିନ୍ନ କ୍ଷେତ୍ରରେ ଜାରି ରହିଥିବା ସେ କହିଛନ୍ତି। ଜୟଶଙ୍କର ପୁଟିନ୍‌ଙ୍କୁ ମୋଦୀଙ୍କ ଶୁଭେଚ୍ଛା ଜଣାଇବା ସହ ତାଙ୍କର ବ୍ୟକ୍ତିଗତ ବାର୍ତ୍ତା ହସ୍ତାନ୍ତର କରିଛନ୍ତି। ଆନ୍ତଃସରକାରୀ କମିସନ୍ ବୈଠକରେ ଭଲ ଫଳାଫଳ ମିଳିଥିବା ସେ କହିଛନ୍ତି। ଦୁଇ ଦେଶର ଆର୍ଥିକ ସହଯୋଗରେ ବଡ଼ ବୃଦ୍ଧି ଘଟିଥିବା ଏବଂ ବାଣିଜ୍ୟ, ଶକ୍ତି, ଉର୍ବରକ ଓ ପରମାଣୁ କ୍ଷେତ୍ରରେ ଭାଗୀଦାରି ଆହୁରି ମଜଭୁତ ହେଉଥିବା ସେ ଜଣାଇଛନ୍ତି।

ଏହାପୂର୍ବରୁ ଜୟଶଙ୍କର ରୁଷ୍‌ର ପ୍ରଥମ ଉପପ୍ରଧାନମନ୍ତ୍ରୀ ଡେନିସ୍ ମାଣ୍ଟୁରୋଭଙ୍କ ସହ ମଧ୍ୟ ବାଣିଜ୍ୟ ଓ ଆର୍ଥିକ ସହଯୋଗ ବଢ଼ାଇବା ନେଇ ଆଲୋଚନା କରିଥିଲେ। ଆଗାମୀ ଏସ୍‌ସିଓ ଶିଖର ସମ୍ମିଳନୀରେ ମୋଦୀ ପୁଟିନ୍‌ଙ୍କୁ ଭେଟିବେ ଏବଂ ବ୍ରିକ୍ସ ଶିଖର ସମ୍ମିଳନୀ ପାଇଁ ପୁଟିନ୍‌ଙ୍କୁ ଭାରତରେ ସ୍ୱାଗତ କରାଯିବ ବୋଲି ଜୟଶଙ୍କର କହିଛନ୍ତି। ପୁଟିନ୍ ସେପ୍ଟେମ୍ବର ୧୨-୧୩ରେ ବ୍ରିକ୍ସ ଶିଖର ସମ୍ମିଳନୀ ପାଇଁ ଭାରତ ଆସିବେ ବୋଲି ଆଶା କରାଯାଉଛି।

# ମହୁଆଙ୍କ ଗିରଫ ପରୱାନା ଉପରେ ରହିତାଦେଶ ଲଗାଇଲେ ହାଇକୋର୍ଟ




କୋଲକାତା: ଟିଏମ୍‌ସି ସାଂସଦ ମହୁଆ ମୈତ୍ରଙ୍କ ବିରୋଧରେ କୃଷ୍ଣନଗର କୋର୍ଟ ଜାରି କରିଥିବା ଗିରଫ ପରୱାନା ଉପରେ ଆଜି କଲିକତା ହାଇକୋର୍ଟ ରହିତାଦେଶ ଲଗାଇଛନ୍ତି। ଉଲ୍ଲେଖଯୋଗ୍ୟ, ମହୁଆ ଏକ ଘୃଣା ଭାଷଣ ମାମଲାରେ ବାରମ୍ବାର କୃଷ୍ଣନଗର କୋର୍ଟରେ ହାଜର ହେବାରେ ବିଫଳ ହେବାରୁ କୋର୍ଟ ତାଙ୍କ ବିରୋଧରେ ଗିରଫ ପରୱାନା ଜାରି କରିଥିଲେ। ଏହାକୁ ଚ୍ୟାଲେଞ୍ଜ କରି ମହୁଆ ହାଇକୋର୍ଟ ଯାଇଥିଲେ। ଜଷ୍ଟିସ ଦେବାଂଶୁ ବସାକ ଓ ଆର୍ଯ୍ୟକ ଦତ୍ତଙ୍କ ଡିଭିଜନ୍ ବେଞ୍ଚ୍ ଆସନ୍ତା ଅଗଷ୍ଟ ୨୭ ତାରିଖରେ ଏହି ମାମଲାର ଶୁଣାଣି କରିବେ ବୋଲି କହିଛନ୍ତି।

ସୂଚନାଯୋଗ୍ୟ ମୈତ୍ର ମହିଳାଙ୍କୁ ଅପମାନିତ କରିଥିବା ଓ ଘୃଣା ଭାଷଣ ଦେଇଥିବା ଅଭିଯୋଗ ହୋଇଛି। ପରବର୍ତ୍ତୀ ନିର୍ଦ୍ଦେଶ ଜାରି ହେବା ପର୍ଯ୍ୟନ୍ତ ଖଣ୍ଡପୀଠ ମୈତ୍ରଙ୍କ ବିରୋଧରେ ଗିରଫ ପରୱାନା ଉପରେ ରହିତାଦେଶ ଲଗାଇଛନ୍ତି। ତେବେ ମୈତ୍ରଙ୍କ ଆଇନଜୀବୀ ଅର୍କୋ କୁମାର ଖଣ୍ଡପୀଠଙ୍କୁ କହିଛନ୍ତି, ମହୁଆ ସାଂସଦ ଥିବାବେଳେ ତାଙ୍କ ବିରୋଧରେ ଏହି ଅଭିଯୋଗ ହୋଇଛି ତେଣୁ ସଲ୍ଟ ଲେକ୍‌ରେ ଏକ ଏମ୍‌ପି/ଏମ୍‌ଏଲ୍‌ଏ କୋର୍ଟରେ ତାଙ୍କ ବିରୋଧରେ ଥିବା ମାମଲାର ଶୁଣାଣି କରାଯାଉ। ମହୁଆଙ୍କ ବିରୋଧରେ ଥିବା ଅଭିଯୋଗ ଭିତ୍ତିହୀନ ବୋଲି ସେ କହିଛନ୍ତି।

## ୨୦ ବିଦ୍ରୋହୀ ସାଂସଦଙ୍କୁ ଅଯୋଗ୍ୟ ଘୋଷଣା କରିବା ମାମଲା: ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହେଲା ଟିଏମ୍‌ସି

ନୂଆଦିଲ୍ଲୀ: ୨୦ ବିଦ୍ରୋହୀ ସାଂସଦଙ୍କୁ ଅଯୋଗ୍ୟ ଘୋଷଣା କରିବା ସଂକ୍ରାନ୍ତରେ ବାଚସ୍ପତି ଓମ୍ ବିର୍ଲା ତତ୍କାଳ ନିଷ୍ପତ୍ତି ନେବାକୁ ଦାବି କରି ଟିଏମ୍‌ସି ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଟିଏମ୍‌ସି ସାଧାରଣ ସମ୍ପାଦକ ଓ ଲୋକସଭା ସାଂସଦ ଅଭିଷେକ ବାନାର୍ଜୀ ଏନେଇ ସୁପ୍ରିମ୍‌କୋର୍ଟରେ ଏକ ଆବେଦନ କରିଛନ୍ତି। ଆସନ୍ତାକାଲି ଏହି ଆବେଦନ ଉପରେ ଶୁଣାଣି ହେବ। ଟିଏମ୍‌ସିର ବିଦ୍ରୋହୀ ସାଂସଦଙ୍କୁ ଅଯୋଗ୍ୟ ଘୋଷଣା କରିବା ପାଇଁ ହୋଇଥିବା ଆବେଦନ ଉପରେ ନିଷ୍ପତ୍ତି ନେବାରେ ବାଚସ୍ପତି ବିଳମ୍ବ କରୁଥିବାରୁ ଏହାକୁ ଚ୍ୟାଲେଞ୍ଜ କରି ଟିଏମ୍‌ସିସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ବାଚସ୍ପତି ଓମ୍ ବିର୍ଲା ଏହି ଅଯୋଗ୍ୟତା ପ୍ରସଙ୍ଗରେ ତୁରନ୍ତ ନିଷ୍ପତ୍ତି ନେବା ପାଇଁ ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେବାକୁ ବାନାର୍ଜୀ ତାଙ୍କ ଆବେଦନରେ ଅନୁରୋଧ କରିଛନ୍ତି। ସୁପ୍ରିମ୍‌କୋର୍ଟ ୱେବ୍‌ସାଇଟ୍ ଅନୁଯାୟୀ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀ ଓ ଭି ମୋହନାଙ୍କ ଖଣ୍ଡପୀଠ ଆସନ୍ତାକାଲି ଅଭିଷେକ ବାନାର୍ଜୀଙ୍କ ଆବେଦନ ଉପରେ ଶୁଣାଣି କରିବେ। ଟିଏମ୍‌ସି ଦାବି କରିଛି ଯେ, ୨୦ ଜଣ ସାଂସଦ ଦଳର ଚିହ୍ନରେ ନିର୍ବାଚିତ ହେବାପରେ ସେମାନେ ଅନ୍ୟ ଏକ ରାଜନେତିକ ଦଳରେ ଯୋଗ ଦେଲେ। ଏହାଦ୍ୱାରା ସମ୍ବିଧାନର ଦଳବିରୋଧୀ ବ୍ୟବସ୍ଥା ଅଧୀନରେ ସେମାନଙ୍କୁ ଅଯୋଗ୍ୟ ଘୋଷଣା କରାଯିବା ଉଚିତ। ଅନ୍ୟପକ୍ଷେ ବିଦ୍ରୋହୀ ସାଂସଦମାନେ ଦାବି କରିଛନ୍ତି ଯେ ଏହା ଏକ ବୈଧ ମିଶ୍ରଣ।

# 'ମନୁସ୍ମୃତି' ଉପରେ ରାହୁଲଙ୍କ ମନ୍ତବ୍ୟକୁ ଯୋଗୀ ଆଦିତ୍ୟନାଥଙ୍କ କଟାକ୍ଷ

ଲକ୍ଷ୍ନୌ : ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସୋମବାର କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କୁ ତାଙ୍କ 'ମନୁସ୍ମୃତି' ମନ୍ତବ୍ୟକୁ ନେଇ ତୀବ୍ର ସମାଲୋଚନା କରିଛନ୍ତି। ଭାରତର ପରମ୍ପରା ଓ ଐତିହ୍ୟକୁ ନିନ୍ଦା କରିବା ରାହୁଲ ତାଙ୍କ 'ଜନ୍ମଗତ ଅଧିକାର' ଭାବରେ ବ୍ୟବହାର କରୁଥିବା ଅଭିଯୋଗ କରିଛନ୍ତି। ଆଦିତ୍ୟନାଥ ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ୍ କରି ପଚାରିଥିଲେ ଯେ ସେ 'ସହରୀ ନକ୍ସଲ'ଙ୍କ ପ୍ରଭାବରେ ଆସି ଦେଶର ଯୁବପିଢ଼ିଙ୍କ ଭବିଷ୍ୟତକୁ କାହିଁକି ନଷ୍ଟ କରିବାକୁ ଚାହୁଁଛନ୍ତି ୧୮୫୭ ବିଦ୍ରୋହର ନେତା ରାଣା ବେଣୀମାଧବ ବକ୍ସ ସିଂହଙ୍କ ୨୨୨ତମ ଜନ୍ମବାର୍ଷିକୀ ପାଳନ ପାଇଁ ରାୟବରେଲିଠାରେ ଏକ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଆଦିତ୍ୟନାଥ କହିଛନ୍ତି ଯେ, ସଂସଦରେ ବିରୋଧୀ ଦଳ ନେତା ଭାବରେ ରାହୁଲ ଗାନ୍ଧୀଙ୍କର ଦେଶର ଗଣତନ୍ତ୍ର ପ୍ରତି ଏକ ଦାୟିତ୍ୱ ରହିଛି।



ରାହୁଲ ଏହି ଦେଶର ସମ୍ବିଧାନ ଅନୁଯାୟୀ ଶପଥ ନେଇଛନ୍ତି, କିନ୍ତୁ ଏହାର ପରମ୍ପରା ଓ ଐତିହ୍ୟ ମାନିବାକୁ ଚାହୁଁ ନାହାନ୍ତି। ରାହୁଲ ଉତ୍ତର ପ୍ରଦେଶର ରାୟବରେଲିରୁ ସାଂସଦ ଅଛନ୍ତି। ଯୋଗୀ ଆଦିତ୍ୟନାଥ କହିଛନ୍ତି, ରାହୁଲ ଗାନ୍ଧୀ ଉତ୍ତର ପ୍ରଦେଶ ବାହାରକୁ ଗଲେ ରାଜ୍ୟକୁ ଅପମାନ କରନ୍ତି। ସେ ବିଦେଶ ଗଲେ ଭାରତକୁ ଅପମାନିତ କରନ୍ତି। ଯେତେବେଳେ ଭାରତୀୟ ସେନା ସୀମାରେ ଶତ୍ରୁ ସହିତ ଲଢ଼ନ୍ତି, ରାହୁଲ ଗାନ୍ଧୀ ଏହାର ପ୍ରମାଣ ମାଗନ୍ତି। ଆତଙ୍କବାଦ ବିରୋଧୀ ଲଢ଼େଇରେ ଭାରତ ବିରୋଧୀ ଉପାଦାନଙ୍କୁ ପ୍ରୋତ୍ସାହିତ କରନ୍ତି। ରାହୁଲ ଗାନ୍ଧୀ ଅଯୋଧ୍ୟାରେ ରାମଙ୍କ ଅସ୍ତିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରନ୍ତି ବୋଲି ଯୋଗୀ କହିଛନ୍ତି। ମହାରାଷ୍ଟ୍ରର ପୁଣେରେ 'ଛାତ୍ରୋଁ କି ଗୁଞ୍ଜ' କାର୍ଯ୍ୟକ୍ରମରେ ରାହୁଲ ଗାନ୍ଧୀ ଦେଇଥିବା ମନ୍ତବ୍ୟ ଉପରେ ପ୍ରତିକ୍ରିୟା ପ୍ରକାଶ କରି ଆଦିତ୍ୟନାଥ କହିଛନ୍ତି, ତୁମେ ମନୁ, ରାମ ଓ ଭାରତର ଐତିହ୍ୟ ଉପରେ ପ୍ରଶ୍ନ ଉଠାଉଛ। ଯଦି ତୁମେ ମନୁଙ୍କ ବିଷୟରେ ଜାଣିବାକୁ ଚାହୁଁଛ, ତେବେ ଅଥର୍ବବେଦ, ଶତପଥ ବ୍ରାହ୍ମଣ ଓ ମତ୍ସ୍ୟ ପୁରାଣ (ଧାର୍ମିକ ଗ୍ରନ୍ଥ) ପଢ଼। ତୁମେ ସମସ୍ତ ସୂଚନା ପାଇବ ବୋଲି ରାହୁଲଙ୍କୁ ପରାମର୍ଶ ଦେଇ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ କହିଛନ୍ତି।

## ସୁପ୍ରିମକୋର୍ଟରେ ପହଞ୍ଚିଲା ଜେପିଏସ୍‌ସି ପରୀକ୍ଷା ଗଡ଼ବଡ଼ି ମାମଲା

ନୂଆଦିଲ୍ଲୀ:ଝାଡ଼ଖଣ୍ଡକମ୍ବାଇନ୍ ସିଭିଲ୍ ସର୍ଭିସେସ୍ ପ୍ରିଲିମିନାରୀ ପରୀକ୍ଷା ୨୦୨୫ ରେ ହୋଇଥିବା ଅନିୟମିତତାର ଏକ ନିରପେକ୍ଷ, ସମୟ-ସୀମାବଦ୍ଧ ସିବିଆଇ ତଦନ୍ତ ଦାବି କରୁଥିବା ଏକ ଆବେଦନ ଉପରେ ସୋମବାର ସୁପ୍ରିମକୋର୍ଟ କେନ୍ଦ୍ର, ଝାଡ଼ଖଣ୍ଡ ସରକାର ଓ ଝାଡ଼ଖଣ୍ଡ ଲୋକସେବା ଆୟୋଗକୁ ନୋଟିସ୍ ଜାରି କରିଛନ୍ତି। ଏହି ଜନସ୍ୱାର୍ଥ ମାମଲା ସୁପ୍ରିମକୋର୍ଟରେ ଆବେଦନକାରୀ ହରିଶରଣ ଦେବଗନଙ୍କ ଦ୍ୱାରା ଦାୟର କରାଯାଇଛି। ଆବେଦନରେ ୧୪ତମ ଜେପିଏସ୍‌ସି ପ୍ରିଲିମିନାରୀ ପରୀକ୍ଷା ସହିତ ଜଡିତ ମାମଲାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ତଦନ୍ତ ଦାବି କରାଯାଇଛି।

# ଇଥାନଲ୍‌ର 'ଗଣିତ' ନେଇ ପ୍ରଶ୍ନ: ଏଫ୍‌ସିଆଇ ଚାଉଳ କମ୍ ଦରରେ ଡିଷ୍ଟିଲରିକୁ ଦେଉଛନ୍ତି ସରକାର



ନୂଆଦିଲ୍ଲୀ: ପେଟ୍ରୋଲରେ ଇଥାନଲ୍ ମିଶ୍ରଣ ବଢ଼ାଇ ତୈଳ ଆମଦାନି ଉପରେ ନିର୍ଭରତା କମାଇବା ଲକ୍ଷ୍ୟରେ ଭାରତ ସରକାର ଇଥାନଲ୍ ବ୍ଲେଣ୍ଡେଡ୍ ପେଟ୍ରୋଲ୍ (ଇବିପି) କାର୍ଯ୍ୟକ୍ରମକୁ ଆଗକୁ ବଢ଼ାଇଛନ୍ତି। ତେବେ ଏହି ନୀତିର ଆର୍ଥିକ ଦିଗକୁ ନେଇ ଏବେ ପ୍ରଶ୍ନ ଉଠିଛି। ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ)ର ଅତିରିକ୍ତ ଚାଉଳ ଇଥାନଲ୍ ଉତ୍ପାଦନକାରୀ ଡିଷ୍ଟିଲରିକୁ ତୁଳନାତ୍ମକ ଭାବେ କମ୍ ଦରରେ ଦିଆଯାଉଥିବା ନେଇ ଏହି ଚର୍ଚ୍ଚା ଆରମ୍ଭ ହୋଇଛି। ୨୦୨୫-୨୬ରେ ଧାନ କିଣା, ସଂରକ୍ଷଣ, ପରିବହନ ଓ ଅନ୍ୟାନ୍ୟ ଖର୍ଚ୍ଚ ମିଶାଇ ଏଫ୍‌ସିଆଇକୁ ଚାଉଳର ମୂଲ୍ୟ କ୍ୱିଣ୍ଟାଲ୍ ପ୍ରତି ପ୍ରାୟ ୩,୮୮୯ ଟଙ୍କା ବା କିଲୋ ପ୍ରତି ବା ୩୮.୮୯ ଟଙ୍କା ପଡ଼ିଥିଲା। କିନ୍ତୁ ଇଥାନଲ୍ ଡିଷ୍ଟିଲରିକୁ ଏହି ଚାଉଳ ହାରାହାରି କିଲୋ ପ୍ରତି ପ୍ରାୟ ୨୩.୨୦ ଟଙ୍କା ଦରରେ ଦିଆଯାଇଛି। ଅର୍ଥାତ୍ ସରକାରଙ୍କ ଖର୍ଚ୍ଚ ଓ ବିକ୍ରି ମୂଲ୍ୟ ମଧ୍ୟରେ ପ୍ରତି କ୍ୱିଣ୍ଟାଲ୍‌ରେ ପ୍ରାୟ ୧,୬୦୦ ଟଙ୍କା ତଫାତ୍ ରହିଛି।

ସରକାରଙ୍କ କହିବା ଅନୁସାରେ, ଡିଷ୍ଟିଲରିକୁ ଦିଆଯାଉଥିବା ଚାଉଳ ଅତିରିକ୍ତ, ଭଙ୍ଗା, ପୋକରା କିମ୍ବା ଖରାପ ମାନର ଏବଂ ମଣିଷ ଖାଇବା ଉପଯୋଗୀ ନୁହେଁ। ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରାଳୟ ମଧ୍ୟ ଜୁଲାଇ ୩୧ରେ କହିଥିଲା ଯେ ଇଥାନଲ୍ କାର୍ଯ୍ୟକ୍ରମ ଦେଶର ଖାଦ୍ୟ ସୁରକ୍ଷା ଉପରେ ପ୍ରଭାବ ପକାଇନାହିଁ। ତେବେ କୃଷି ବିଶେଷଜ୍ଞ ସୁଧୀର ପଂୱାରଙ୍କ ମତରେ, ଭଙ୍ଗା ଚାଉଳ ହେଲେ ତାହା ଖାଦ୍ୟ ଅନୁପଯୋଗୀ ହୋଇଯାଏ ନାହିଁ। ଭାରତର ଇଥାନଲ୍ ଉତ୍ପାଦନ କ୍ଷମତା ମଧ୍ୟ ଗତ ଏକ ଦଶନ୍ଧିରେ ଦ୍ରୁତ ବଢ଼ିଛି। ୨୦୧୪ରେ ପ୍ରାୟ ୪୨୧ କୋଟି ଲିଟର ଥିବା ଉତ୍ପାଦନ କ୍ଷମତା ୨୦୨୬ରେ ପ୍ରାୟ ୨,୦୦୦ କୋଟି ଲିଟରରେ ପହଞ୍ଚିଛି। ଏବେ ପ୍ରାୟ ୭୦୦ କୋଟି ଲିଟରର ଅତିରିକ୍ତ କ୍ଷମତା ରହିଛି। ଦେଶରେ ପ୍ରାୟ ୩୭୦ ଡିଷ୍ଟିଲରି କାର୍ଯ୍ୟକ୍ଷମ ଥିବାବେଳେ ଆଉ ୪୦ଟି ନିର୍ମାଣାଧୀନ ରହିଛି। ସେପଟେ ମୁଖ୍ୟ ଆର୍ଥିକ ପରାମର୍ଶଦାତା ଭି. ଅନନ୍ତ ନାଗେଶ୍ୱରନ୍ ପୁରୁଣା ଗାଡ଼ି ପାଇଁ ଇ-୧୦ ପେଟ୍ରୋଲ୍ ଉପଲବ୍ଧ ରଖିବା ସପକ୍ଷରେ ମତ ଦେଇଛନ୍ତି। ଖାଦ୍ୟଶସ୍ୟ, କୃଷି, ଇଥାନଲ୍ ଉତ୍ପାଦନ ଓ ଇନ୍ଧନ ନୀତି ମଧ୍ୟରେ ସନ୍ତୁଳନ ରଖିବା ଏବେ ସରକାରଙ୍କ ପାଇଁ ବଡ଼ ଆର୍ଥିକ ଓ ନୀତିଗତ ପ୍ରଶ୍ନ ହୋଇଛି।

## କାନାଡ଼ାରେ ନିଜାର ହତ୍ୟା ପାଇଁ ନିଜକୁ ଦାୟୀ କଲା ଗୋଲ୍‌ଡି ବ୍ରାର୍

ନୂଆଦିଲ୍ଲୀ: କାନାଡ଼ାରେ ଖଲିସ୍ତାନୀ ସମର୍ଥିତ ବିଚ୍ଛିନ୍ନତାବାଦୀ ହରଦୀପ ସିଂହ ନିଜାର ହତ୍ୟା ଘଟଣାର ୩ ବର୍ଷ ପରେ ଭାରତୀୟ ବଂଶୋଦ୍ଭବ ଗ୍ୟାଙ୍ଗଷ୍ଟର ଗୋଲ୍‌ଡି ବ୍ରାର୍ ଏଥିପାଇଁ ନିଜକୁ ଦାୟୀ କରିଛି। ଗୋଲ୍‌ଡି ଦାବି କରିଛି ଯେ, ନିଜାର ହତ୍ୟା ମାମଲାରେ ତା'ର ଏବଂ ତା' ଗ୍ୟାଙ୍ଗ୍‌ର ହାତ ରହିଛି। ବ୍ରିଟେନ୍‌ରେ ଥିବା ଖଲିସ୍ତାନୀ ଆତଙ୍କବାଦୀପରମଜିତ ସିଂହ ପମ୍ମା ସହ ଆଲୋଚନାରେ ଗୋଲ୍‌ଡି କହିଛି ଯେ ଡ୍ରଗ୍ସ ନେଟୱର୍କ ସହ ଜଡ଼ିତ ଲୋକଙ୍କୁ ଏବଂ ଯୁବକମାନଙ୍କୁ ଶୋଷଣ କରୁଥିବା ଲୋକଙ୍କୁ ନିଜାର ସମର୍ଥନ କରୁଥିବାରୁ ସେ ଓ ତା' ସହଯୋଗୀମାନେ ନିଜାରକୁ ହତ୍ୟା କରିଥିଲେ। ଖଲିସ୍ତାନୀ ଆତଙ୍କବାଦୀ ପରମଜିତ ସିଂହ ସହ କଥାବାର୍ତ୍ତାର ଅଡିଓ ଲିକ୍ ହେବା ପରେ ଏହା ଜଣାପଡ଼ିଛି। ଗୋଲ୍‌ଡି ଦାବି କରିଛି ଯେ ଯେଉଁମାନେ ୧୬ରୁ ୧୭ ବର୍ଷ ବୟସର ଯୁବକମାନଙ୍କୁ ଡ୍ରଗ୍ସ ବିକ୍ରି କରିବାକୁ ପ୍ରଲୋଭିତ କରୁଥିଲେ ଏବଂ ଉସକାଉଥିଲେ ଓ ଯୁବକମାନଙ୍କୁ ବ୍ଲାକମେଲ୍ କରି ଡ୍ରଗ୍ସ ବିକ୍ରି କରିବା ସହ ଗୁପ୍ତ ସୂଚନାଦାତା ହେବାକୁ ବାଧ୍ୟ କରୁଥିଲେ ନିଜାର ସେହି ଲୋକମାନଙ୍କୁ ସମର୍ଥନ କରୁଥିଲା। ସେଥିପାଇଁ ଗୋଲ୍‌ଡିର ଟିମ୍ ତାକୁ ହତ୍ୟା କରିଛନ୍ତି ବୋଲି ସେ କହିଛି। ନିଜାର ମଧ୍ୟ ଅବୈଧ ଅସ୍ତ୍ର କାରବାରରେ ଜଡ଼ିତ ଥିଲା ବୋଲି ଗୋଲ୍‌ଡି ଦାବି କରିଛି। ଏହାକୁ ସେ ହତ୍ୟାର ଅନ୍ୟ ଏକ କାରଣ ଭାବେ ଉଲ୍ଲେଖ କରିଥିବା ଦାବି କରାଯାଇଛି। ତେବେ କଥାବାର୍ତ୍ତା ସମୟରେ ଗୋଲ୍‌ଡି ବ୍ରାର୍ ନିଜେ ଡ୍ରଗ୍ସ ସମ୍ବନ୍ଧୀୟ କାରବାରରେ ଜଡ଼ିତ ଥିବା ଅଭିଯୋଗକୁ ଖଣ୍ଡନ କରିଛି।

## ବେଜିଂରେ ପହଞ୍ଚିଲେ ଡୋଭାଲ

ବେଜିଂ: ଜାତୀୟ ସୁରକ୍ଷା ଉପଦେଷ୍ଟା ଅଜିତ ଡୋଭାଲ ଏବେ ୨ ଦିନିଆ ଚୀନ୍ ଗସ୍ତରେ ଅଛନ୍ତି। ଭାରତ-ଚୀନ୍ ସୀମା ସଂକ୍ରାନ୍ତରେ ୨୫ତମ ସ୍ୱତନ୍ତ୍ର ପ୍ରତିନିଧି (ଏସ୍‌ଆର)-ସ୍ତରୀୟ ଆଲୋଚନାରେ ଭାଗ ନେବା ପାଇଁ ଡୋଭାଲ ଆଜି ଚୀନ୍ ରାଜଧାନୀ ବେଜିଂରେ ପହଞ୍ଚିଛନ୍ତି। ସେ ଚୀନ୍ ବିଦେଶ ମନ୍ତ୍ରୀ ଓ ତାଙ୍କ ପ୍ରତିପକ୍ଷ ୱାଙ୍ଗ୍ ୟିଙ୍କ ସହ କଥା ହେବେ। ଅରୁଣାଚଳ ପ୍ରଦେଶ ସମେତ ସୀମା ପ୍ରସଙ୍ଗକୁ ନେଇ ଦୁଇ ରାଷ୍ଟ୍ର ମଧ୍ୟରେ ବିବାଦ ଲାଗି ରହିଥିବାବେଳେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ଡୋଭାଲଙ୍କ ଏହି ଗସ୍ତ ଓ ସୀମା କଥାବାର୍ତ୍ତାକୁ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି। ମଙ୍ଗଳବାର ଏହି ଗୁରୁତ୍ୱପୂର୍ଣ୍ଣ ସୀମା ଆଲୋଚନା ହେବ। ଉଲ୍ଲେଖଯୋଗ୍ୟ ୨୦୨୦ ମସିହାର ଗଲୱାନ୍ ସଂଘର୍ଷ ଓ ପୂର୍ବ ଲଦାଖରେ ଦୀର୍ଘ ସମୟ ଧରି ଚାଲିଥିବା ସାମରିକ ଉତ୍ତେଜନା ପରେ ଭାରତ-ଚୀନ୍ ସମ୍ପର୍କ ଗୁରୁତର ଭାବେ ପ୍ରଭାବିତ ହୋଇଥିଲା। ତେବେ ଏହା ପରେ ଉଭୟ ପକ୍ଷ ସମ୍ପର୍କକୁ ସ୍ଥିର କରିବା ଉଦ୍ଦେଶ୍ୟରେ ଅନେକ ପଦକ୍ଷେପ ନେଇଛନ୍ତି।

## ପ୍ରବଳ ବର୍ଷାରେ ଧସିଲା ଅଳିଆ ପାହାଡ଼, ୩୦ ମୃତ

ନୂଆଦିଲ୍ଲୀ: ଆଫ୍ରିକୀୟ ଦେଶ ଗିନିରେ ଏକ ବଡ଼ ଦୁର୍ଘଟଣା ଘଟିଛି । ରବିବାର ଭୋର ସମୟରେ ରାଜଧାନୀ କୋନାକ୍ରିର ସବୁଠାରୁ ବଡ଼ କଚରା ପାହାଡ଼ ଧସି ପଡ଼ିଛି । ଏହି ଘଟଣାରେ ଅତି କମରେ ୩୦ ଜଣଙ୍କ ମୃତ୍ୟୁ ହୋଇଛି । ଅନେକ ଝୁପଡ଼ି ମାଟି ଓ କଚରା ତଳେ ପୋତି ହୋଇଯାଇଛନ୍ତି । ଅଧିକାରୀମାନେ କହିଛନ୍ତି ଯେ ରବିବାର ରାତି ପ୍ରାୟ ୨ଟାରୁ ଭାରି ବର୍ଷା ହୋଇଥିଲା । ବର୍ଷା ଯୋଗୁଁ 'ଡାର୍ ଏସ୍ ସଲାମ' ଅଞ୍ଚଳରେ ଜମା ହୋଇଥିବା କଚରା ଖସିବା ଆରମ୍ଭ କରିଥିଲା । ପରେ ଏହା ଲ୍ୟାଣ୍ଡସ୍ଲାଇଡର ରୂପ ନେଇ ନିକଟରେ ଥିବା ଝୁପଡ଼ିଗୁଡ଼ିକୁ ଚାପି ଦେଇଥିଲା । ଘଟଣାସ୍ଥଳରେ ଉଦ୍ଧାରକାରୀ ଦଳ ପହଞ୍ଚି ମାଟି ଓ କଚରା ତଳେ ଫସିଥିବା ଲୋକଙ୍କୁ ଖୋଜୁଛନ୍ତି । ଏହି ଘଟଣାରେ ୬ ଜଣ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି । ଅଧିକାରୀଙ୍କ ସୂଚନା ଅନୁସାରେ, ଏହି ବଡ଼ ଖୋଲା କଚରା ଡମ୍ପକୁ ବନ୍ଦ କରିବା ପାଇଁ ରବିବାର ନିଷ୍ପତ୍ତି ନିଆଯାଇଥିଲା । ଏହାର ଆଖପାଖରେ ରହୁଥିବା ଲୋକଙ୍କୁ ମଧ୍ୟ ଜାଗା ଖାଲି କରିବାକୁ ନୋଟିସ୍ ଦିଆଯାଇଥିଲା । ଏହି କାରଣରୁ ଅନେକ ପରିବାର ପୂର୍ବରୁ ସେଠାରୁ ଚାଲିଯାଇଥିଲେ । ତଥାପି ଦୁର୍ଘଟଣା ସମୟରେ ଅନେକ ଲୋକ ସେଠାରେ ରହୁଥିଲେ। ଘଟଣାସ୍ଥଳରେ ପହଞ୍ଚିଥିବା ଆଞ୍ଚଳିକ ପ୍ରଶାସନ ଓ ବିକେନ୍ଦ୍ରୀକରଣ ମନ୍ତ୍ରୀ ଡିଏନାବୁ ଟୁରେ କହିଛନ୍ତି ଯେ, ବଞ୍ଚିଥିବା ପରିବାରଗୁଡ଼ିକୁ ଅନ୍ୟ ସ୍ଥାନରେ ରଖିବାର ବ୍ୟବସ୍ଥା କରାଯିବ । ମାଟି ଓ କଚରା ତଳେ ଆହୁରି ଲୋକ ଫସିଥିବା ଆଶଙ୍କା ରହିଛି । ତେଣୁ ମୃତ୍ୟୁସଂଖ୍ୟା ଆହୁରି ବଢ଼ିପାରେ । ଉଦ୍ଧାରକାରୀ ଦଳ ଲଗାତାର ଖୋଜାଖୋଜି ଜାରି ରଖିଛି । ଲୋକଙ୍କୁ ଘଟଣାସ୍ଥଳରୁ ଦୂରରେ ରହିବାକୁ ମଧ୍ୟ କୁହାଯାଇଛି ।

# ଇମ୍ରାନ ଖାନଙ୍କ ଚିକିତ୍ସା ପାଇଁ ଏକାଠି ହେଲେ ୨୧ ପୂର୍ବତନ କ୍ୟାପେ୍ଟନ, ପ୍ରଧାନମନ୍ତ୍ରୀ ସରିଫଙ୍କୁ ଚିଠି ଲେଖିଲେ



ପାକିସ୍ତାନ : ଇମ୍ରାନ ଖାନଙ୍କ ପାଇଁ ଏକାଠି ହେଲେ ୨୧ ପୂର୍ବତନ କ୍ୟାପେ୍ଟନ। ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ୧୯୯୨ ବିଶ୍ୱକପ୍ ବିଜେତା କ୍ୟାପେ୍ଟନ୍ ଇମ୍ରାନ ଖାନଙ୍କ ସ୍ୱାସ୍ଥ୍ୟ ଓ ଚିକିତ୍ସାକୁ ନେଇ ପୁଣି ଥରେ ଏକାଠି ହୋଇଛନ୍ତି ବିଶ୍ୱ କ୍ରିକେଟର ୨୧ ଜଣ ପୂର୍ବତନ ଅଧିନାୟକ। ଭାରତର ସୁନିଲ ଗାଭାସ୍କର, କପିଲ ଦେବ ଓ ଦିଲୀପ ଭେଙ୍ଗସରକରଙ୍କ ସମେତ ୯ଟି ଦେଶର ପୂର୍ବତନ କ୍ୟାପେ୍ଟନମାନେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫଙ୍କୁ ଚିଠି ଲେଖି ଇମ୍ରାନଙ୍କୁ ଉପଯୁକ୍ତ ଚିକିତ୍ସା ଓ ମାନବିକ ବ୍ୟବହାର ନିଶ୍ଚିତ କରିବାକୁ ଅପିଲ୍ କରିଛନ୍ତି। ଏହି ୨୧ ଜଣଙ୍କ ମଧ୍ୟରେ ଆଲାନ ବର୍ଡର, ଗ୍ରେଗ୍ ଚାପେଲ, ଇଆନ୍ ଚାପେଲ, ଷ୍ଟିଭ୍ ୱ, ଆଡାମ ଗିଲକ୍ରିଷ୍ଟ, ମାଇକେଲ ଆଥରଟନ, ଆଲାଷ୍ଟେୟାର କୁକ୍, ନାସେର ହୁସେନ, କ୍ଲାଇଭ୍ ଲୟଡ୍, ଅର୍ଜୁନ ରଣତୁଙ୍ଗା ଓ ଜନ୍ ରାଇଟଙ୍କ ଭଳି ନାମୀ କ୍ରିକେଟର ରହିଛନ୍ତି। ଗତ ଫେବ୍ରୁଆରୀରେ ୧୪ ଜଣ ପୂର୍ବତନ କ୍ୟାପେ୍ଟନ୍ ଇମ୍ରାନଙ୍କ ଚିକିତ୍ସା ନେଇ ଏଭଳି ଅପିଲ୍ କରିଥିଲେ। ଏଥର ଆଉ ୭ ଜଣ ଏଥିରେ ସାମିଲ ହୋଇ ସଂଖ୍ୟା ୨୧ରେ ପହଞ୍ଚିଛି। ପାକିସ୍ତାନ ସୁପ୍ରିମକୋର୍ଟ ଅଗଷ୍ଟ ୧୮ରେ ଇମ୍ରାନ ଖାନଙ୍କୁ ଇସଲାମାବାଦର ଶିଫା ଇଣ୍ଟରନ୍ୟାସନାଲ ହସ୍ପିଟାଲକୁ ନେଇ ଏକ ବିଶେଷଜ୍ଞ ମେଡିକାଲ ବୋର୍ଡ ଦ୍ୱାରା ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ବୋର୍ଡରେ ଇମ୍ରାନଙ୍କ ବ୍ୟକ୍ତିଗତ ଡାକ୍ତରଙ୍କୁ ସାମିଲ କରିବା ସହ ପରିବାର ସଦସ୍ୟଙ୍କ ସହ ସପ୍ତାହକୁ ଥରେ ସାକ୍ଷାତର ସୁଯୋଗ ଦେବାକୁ ମଧ୍ୟ କୋର୍ଟ କହିଥିଲେ। ତେବେ ପୂର୍ବତନ କ୍ୟାପେ୍ଟନମାନଙ୍କ ଚିଠିରେ କୁହାଯାଇଛି ଯେ, ଇମ୍ରାନଙ୍କ ହସ୍ପିଟାଲ ରହଣି ଅତ୍ୟନ୍ତ ସ୍ୱଳ୍ପ ସମୟର ଥିଲା ଏବଂ ସୁପ୍ରିମକୋର୍ଟ ନିର୍ଦ୍ଦେଶିତ ବୋର୍ଡ ପୂର୍ଣ୍ଣ ଭାବେ ତାଙ୍କ ସ୍ୱାସ୍ଥ୍ୟ ଆକଳନ କରିବା ପୂର୍ବରୁ ତାଙ୍କୁ ପୁଣି ଆଦିଆଲା ଜେଲକୁ ଫେରାଇ ଦିଆଯାଇଥିଲା ବୋଲି ପରିବାର ଓ ଆଇନଜୀବୀଙ୍କ ଦାବି ରହିଛି। ପୂର୍ବତନ କ୍ୟାପେ୍ଟନମାନେ ମୁଖ୍ୟତଃ ତିନୋଟି କଥା ଉପରେ ଜୋର ଦେଇଛନ୍ତି।

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଇମ୍ରାନଙ୍କ ବ୍ୟକ୍ତିଗତ ଡାକ୍ତରଙ୍କୁ ସାମିଲ କରି ମେଡିକାଲ ବୋର୍ଡକୁ ସ୍ୱାଧୀନ ଓ ପୂର୍ଣ୍ଣ ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ଦିଆଯାଉ; ସାପ୍ତାହିକ ପାରିବାରିକ ସାକ୍ଷାତରେ କୌଣସି ବାଧା ନ ଦିଆଯାଉ; ଏବଂ ମେଡିକାଲ ବୋର୍ଡ ଯେଉଁ ଚିକିତ୍ସା ସୁପାରିସ କରିବ, ତାହା ବିଳମ୍ବ ନକରି ଯୋଗାଇ ଦିଆଯାଉ। ବିଶେଷକରି ଇମ୍ରାନଙ୍କ ଡାହାଣ ଆଖିର ଦୃଷ୍ଟିଶକ୍ତି ସମସ୍ୟା ଉପରେ ସେମାନେ ଚିନ୍ତା ପ୍ରକାଶ କରିଛନ୍ତି। ଚିଠିରେ ପୂର୍ବତନ କ୍ୟାପେ୍ଟନମାନେ ସ୍ପଷ୍ଟ କରିଛନ୍ତି ଯେ ସେମାନେ ପାକିସ୍ତାନର ଆଭ୍ୟନ୍ତରୀଣ ରାଜନୀତି କିମ୍ବା ଆଇନଗତ ପ୍ରକ୍ରିୟାରେ ମତ ଦେବାକୁ ଚାହୁଁନାହାନ୍ତି। ସେମାନଙ୍କ ଅପିଲ୍ କେବଳ ଜଣେ ପୂର୍ବତନ ସାଥୀ ଓ ପ୍ରତିଦ୍ୱନ୍ଦ୍ୱୀ କ୍ରିକେଟରଙ୍କ ପ୍ରତି ମାନବିକତା ଏବଂ କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଚିକିତ୍ସା ସୁନିଶ୍ଚିତ କରିବା ପାଇଁ। ୭୩ ବର୍ଷୀୟ ଇମ୍ରାନ ୨୦୨୩ରୁ ଜେଲରେ ଅଛନ୍ତି।

# ହକି ବିଶ୍ୱକପ୍ : ସେମିରୁ ଭାରତୀୟ ପୁରୁଷ ଓ ମହିଳା ଆଉଟ୍

ନୂଆଦିଲ୍ଲୀ, ୨୪।୮ : ବିଧିବଦ୍ଧ ଭାବେ ହକି ବିଶ୍ୱକପର ସେମି ଫାଇନାଲ ରେସରୁ ବିଦାୟ ନେଇଛି ଭାରତ। ରବିବାର ଭାରତୀୟ ମହିଳା ଦଳ ଓ ଆଜି ଭାରତୀୟ ପୁରୁଷ ଦଳ ହକି ବିଶ୍ୱକପର ଦ୍ୱିତୀୟ ରାଉଣ୍ଡରୁ ବିଦାୟ ନେଇଛନ୍ତି।

ଭାରତୀୟ ମହିଳା ଦଳ ନିଜର ଶେଷ ମ୍ୟାଚ୍‌କୁ ଅଷ୍ଟ୍ରେଲିଆ ସହ ୦-୦ରେ ଶେଷ କରିଥିଲେ ହେଁ ଗୋଲ

## ଆର୍ଜେଣ୍ଟିନାଠୁ ହାରିଲା ପୁରୁଷ ଦଳ, ଅଷ୍ଟ୍ରେଲିଆ ସହ ଡ୍ର ରଖିଲେ ମହିଳା





ବ୍ୟବଧାନ ଦୃଷ୍ଟିରୁ ସେମି ଫାଇନାଲ ରେସ୍‌ରୁ ବାଦ ପଡିଥିଲା। ଆଉ ଭାରତୀୟ ପୁରୁଷ ଦଳକୁ ସେମି ରେସ୍‌ରେ ରହିବା ପାଇଁ ଆର୍ଜେଣ୍ଟିନକା ୨ ଗୋଲ ବ୍ୟବଧାନରେ ହରାଇବାର ଥିଲା। କିନ୍ତୁ ଆର୍ଜେଣ୍ଟିନା ୫-୩ରେ ମ୍ୟାଚ୍ ଜିତି ନିଜର ସେମି ଫାଇନାଲ ଆଶା ବଜାୟୀ ରଖିଛି।

ଆଜିର କର ବା ମର ମ୍ୟାଚ୍‌ରେ ଭାରତୀୟ ଖେଳାଳି ଆରମ୍ଭରୁ ହିଁ ନର୍ଭସ ହୋଇ ଯାଇଥିଲେ। ମ୍ୟାଚ୍‌ର ୪୦ ସେକେଣ୍ଡ ମଧ୍ୟରେ ଆର୍ଜେଣ୍ଟିନା ଗୋଲ ସ୍କର କରି ଭାରତକୁ ବ୍ୟାକଫୁଟକୁ ଠେଲି ଦେଇଥିଲା। ଜୋଆକ୍ୱିନ ତୋସକାନି ଫିଲ୍ଡ ଗୋଲ କରି ଭାରତ ଶିବିରରେ ନିରାଶା ଖେଳାଇ ଦେଇଥିଲେ। ଏହାର ୬ ମିନିଟ ପରେ ଆର୍ଜେଣ୍ଟିନାକୁ ମିଳିଥିବା ପେନାଲ୍ଟି କର୍ଣ୍ଣର।

ଏହାକୁ ଡେଲା ଟୋରେ ଗୋଲରେ ପରିଣତ କରି ସ୍ଥିତି ୨-୦ କରିଥିଲେ। ୦-୨ରେ ପଛରେ ଥିଲେ ମଧ୍ୟ ଭାରତ କମବ୍ୟାକ ପାଇଁ ଚେଷ୍ଟା କରିଥିଲା। ସୁଖଜିତ ମ୍ୟାଚ୍‌ର ୧୦ମ ମିନିଟ୍‌ରେ ଗୋଲ କରି ସ୍ଥିତିକୁ ୧-୨ କରିଥିଲେ।

ଦ୍ୱିତୀୟ କ୍ୱାର୍ଟରରେ ଆର୍ଜେଣ୍ଟିନା ଘନଘନ ଆକ୍ରମଣ କରିଥିଲା। ଭାରତ କେବଳ ଏହାକୁ ଡିଫେଣ୍ଡ କରିବା ଛଡା ଆଉ କିଛି କରିପାରି ନଥିଲା। ଦ୍ୱିତୀୟ କ୍ୱାର୍ଟର ଗୋଲ ଶୂନ୍ୟ ରହିବାରୁ ହାଫ ଟାଇମ ସୁଦ୍ଧା ସ୍ଥିତି ୧-୨ ରହିଥିଲା। ଭାରତ ପ୍ରଥମ ୩୦ ମିନିଟରେ କୌଣସି ପିସି ହାସଲ ନ କରିବା ମଧ୍ୟ ସମସ୍ତଙ୍କୁ ଚକିତ କରିଥିଲା। ହାଫ ଟାଇମ ପରେ ରଣନୀତି ବଦଳାଇଥିଲା ଆର୍ଜେଣ୍ଟିନା। ପୂର୍ବାପେକ୍ଷା ଦଳ ଅଧିକ ଆକ୍ରମଣ କରିଥିଲା। ହେଲେ ଭାରତ ପ୍ରଥମେ ଏହାକୁ ରୋକିଥିଲା। ଦଳକୁ ପିସି ବି ମିଳିଥିଲା। କିନ୍ତୁ ଏହାକୁ ଅଧିନାୟକ ହରମନପ୍ରୀତି ସିଂହ ୪ଥରର ପ୍ରୟାସରେ ବି ଗୋଲରେ ପରିଣତ କରିପାରି ନଥିଲେ।ଏହାପରେ ଆର୍ଜେଣ୍ଟିନା ଗୋଲ ବର୍ଷା କରିଥିଲା। ୩୩ତମ ମିନିଟରେ ଡୋମେନେ ଫିଲ୍ଡ ଗୋଲ କରିଥିବା ବେଳେ ଡି ଭିତରେ ଭାରତ ଭୁଲ କରିବାରୁ ଆର୍ଜେଣ୍ଟିନକା ୪୫ତମ ମିନିଟରେ ପେନାଲ୍ଟି ଷ୍ଟ୍ରୋକ ମିଳିଥିଲା। ଏହାକୁ ଡୋମେନେ ପୁଣି ଗୋଲରେ ପରିଣତ କରି ସ୍ଥିତି ୪-୧ କରି ଦେଇଥିଲେ।ଭାରତ ୧-୪ରେ ପଛରେ ଥିବା ବେଳେ ୫୩ତମ ମିନିଟରେ ଲୁକାସ ତୋସକାନି ପୁଣି ଗୋଟିଏ ଫିଲ୍ଡ ଗୋଲ କରିଥିଲେ। ଏଥିସହ ଭାରତର ବିଜୟକୁ ସଂପୂର୍ଣ୍ଣ ଭାବେ ଧୂଳିସାତ କରି ଦେଇଥିଲେ। ଭାରତ ୫୮ତମ ମିନିଟରେ ସୁଖଜିତଙ୍କ ଷ୍ଟିକରୁ ଆଉ ଗୋଟିଏ ଗୋଲ ପାଇଥିଲା। ମ୍ୟାଚ୍‌ର ୫୯ତମ ମିନିଟରେ ହାର୍ଦ୍ଦିକ ସିଂହ ପେନାଲ୍ଟି ଷ୍ଟ୍ରୋକରୁ ତୃତୀୟ ଗୋଲ କରିଥିଲେ। ଶେଷ ମିନିଟରେ ଭାରତକୁ ସ୍ଥିତି ୪-୫ କରିବାର ସୁଯୋଗ ମିଳିଥିଲା। କିନ୍ତୁ ପିସିକୁ ହରମନପ୍ରୀତ ପୁଣି ଗୋଲ କରିବାରେ ବିଫଳ ହୋଇଥିଲେ। ଶେଷରେ ଆର୍ଜେଣ୍ଟିନା ୫-୩ରେ ମ୍ୟାଚ୍ ଜିତି ସେମି ଫାଇନାଲ ରେସରେ ନିଜକୁ ବଜାୟୀ ରଖିଛି। ଯଦି ନେଦରଲ୍ୟାଣ୍ଡସ ବଡ ବ୍ୟବଧାନରେ ଇଂଲଣ୍ଡକୁ ହରାଇ ଦେବ, ତା'ହେଲେ ଆର୍ଜେଣ୍ଟିନା ସେମି ଫାନାଲକୁ ଯାଇ ପାରିବ।

# ଜୁରେଲଙ୍କ ଶତକରେ ଭାରତ ୫୦୩, ଶ୍ରୀଲଙ୍କା ୮/୨

କଲମ୍ବୋ, ୨୪।୮ : ଭାରତ ନିୟନ୍ତ୍ରଣରେ କଲୋମ୍ବୋ ଟେଷ୍ଟ। ପ୍ରଥମ ଦିନରେ ଦେବଦତ୍ତ ପଡିକ୍କଲ ଓ ଦ୍ୱିତୀୟରେ ଶତକ ମାରିଛନ୍ତି ଧ୍ରୁବ ଜୁରେଲ। ପ୍ରଥମ ଦିନରେ ରିଟାୟର୍ଡ ହର୍ଟ ହୋଇଥିବା ରଷଭ ପନ୍ତ ବି ଆଜି ଖେଳିଛନ୍ତି ୬୩ ରନର ଦମଦାର ଇନିଂସ।ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟେଷ୍ଟର ପ୍ରଥମ ଇନିଂସରେ ଭାରତ ୯ ୱିକେଟ ହରାଇ ୫୦୩ ରନ କରିବା ପରେ ପାଳି ଘୋଷଣା କରିଛି। ଭାରତ ପାଳି ଘୋଷଣା କରିବା ପରେ ଶ୍ରୀଲଙ୍କା ଦ୍ୱିତୀୟ ଦିନରେ ୩ ଓଭର ବ୍ୟାଟିଂ କରିଛି। କିନ୍ତୁ ଘରୋଇ ଟିମ ୮

## ପନ୍ତଙ୍କ ଅର୍ଦ୍ଧଶତକ

ରନରେ ୨ ୱିକେଟ ହରାଇ ଦେଇଛି।ଶ୍ରୀଲଙ୍କା ଦ୍ୱିତୀୟ ୱିକେଟ ଦିବସର ଶେଷ ବଲରେ ହରାଇବା ଘରୋଇ ଦର୍ଶକଙ୍କୁ ନିରାଶ କରିଛି। ଷ୍ଟମ୍ପ ଅପସାରଣ ବେଳକୁ କେବଳ କାମିଲ ମିଶରା ୫ ରନ କରି ଅପରାଜିତ ରହିଛନ୍ତି। ଭାରତ ପାଇଁ ପ୍ରସିଦ୍ଧ କ୍ରିଷ୍ଣା ଓ ମାନବ ସୂତାର ଗୋଟିଏ ଲେଖାଏ ୱିକେଟ ନେଇଛନ୍ତି।

ପ୍ରଥମ ଦିନରେ ପାଡିକ୍କଲଙ୍କ ୧୧୭ ରନ ଯୋଗୁ ଭାରତ ଖେଳ ଶେଷ ସୁଦ୍ଧା ୫ ୱିକେଟ ହରାଇ ୩୦୦ ରନ କରିଥିଲା। ଆଜି ଜୁରେଲ ୭ ରନ ଓ ଡେବ୍ୟୁଟାଣ୍ଟ ସାରାଂଶ ଜୈନ ୪ ରନରୁ ନିଜର ଇନିଂସ ଆରମ୍ଭ କରିଥିଲେ। କିନ୍ତୁ ସାରାଂଶ କେବଳ ଆଉ ୨ ରନ କରି ପ୍ୟାଭିଲିୟ ଫେରିଥିଲେ। ଆଉ ଏହାପରେ ଆସିଥିଲେ ପନ୍ତ।ସେ ଜୁରେଲଙ୍କ ସହ ମିଶି ଦଳୀୟ ସ୍କୋର ଆଗକୁ ନେଇଥିଲେ। ଉଭୟ ଦ୍ରୁତଗତିରେ ରନ ସଂଗ୍ରହ କରି ନିଜ ନିଜର ଅର୍ଦ୍ଧଶତ ହାସଲ କରିଥିଲେ। ଦଳୀୟ ସ୍କୋରକୁ ୪୦୦ ପାର କରାଇ ଦେଇଥିଲେ। ହେଲେ ଲଞ୍ଚ ପରେ ବଡ ଶଟ ଖେଳିବାକୁ ଯାଇ ୬୩ ରନରେ ଆଉଟ ହୋଇଥିଲେ ପନ୍ତ। ପନ୍ତ ଆଉଟ ହେବା ବେଳକୁ ଦଳୀୟ ସ୍କୋର ୪୧୯ ଥିଲା। ଏହି ଠାରୁ ସ୍ଥିତି ସମ୍ଭାଳିଥିଲେ ଜୁରେଲ। ପ୍ରଥମେ ସେ ମାନବ ସୂତାରଙ୍କ ସହ ମିଶି ନିଜର ଶତକ ଅଭିମୁଖେ ଯାଇଥିଲେ। ଭାରତ ମଧ୍ୟ ଦୃଢ଼ ସ୍ଥିତିରେ ପହଞ୍ଚି ଯାଇଥିଲା। କିନ୍ତୁ ଜୁରେଲ ୯୫ ରନରେ ଥିବା ବେଳେ ବର୍ଷା ହୋଇଥିଲା। ମାନବ ମଧ୍ୟ ୧୮ ରନ କରି ଆଉଟ ହୋଇ ଯାଇଥିଲେ। ଗୋଟିଏ ପଟେ ବର୍ଷା ଓ ଆଉ ଗୋଟିଏ ପଟେ ମାତ୍ର ୨ଟି ୱିକେଟ ଥିବାରୁ ଜୁରେଲଙ୍କ ଶତକ ପୂରଣ ନେଇ ଆଶଙ୍କା ପ୍ରକାଶ ପାଇଥିଲା।





ହେଲେ ମହମ୍ମଦ ସିରାଜ ତାଙ୍କୁ ଭରପୂର ସାଥ ଦେଇଥିଲେ।କିଛି ସମୟ ପରେ ବର୍ଷା ମଧ୍ୟ ଛାଡ ଯାଇଥିଲା। ବର୍ଷା ଛାଡି ଖେଳ ଆରମ୍ଭ ହେବା ମାତ୍ରେ ଜୁରେଲ ନିଜ ଟେଷ୍ଟ କ୍ୟାରିୟରର ଦ୍ୱିତୀୟ ଟେଷ୍ଟ ଶତକ ହାସଲ କରିଥିଲେ। ଶତକ ହାସଲ କରିବା ମାତ୍ରେ ତାଙ୍କ ବ୍ୟାଟରୁ ଦେଖିବାକୁ ମିଳିଥିଲା ଛକା।କିନ୍ତୁ ପରବର୍ତ୍ତୀ ଓଭରର ପ୍ରଥମ ବଲରେ ୩ ରନ କରିଥିବା ମହମ୍ମଦ ସିରାଜ ଆଉଟ ହୋଇଯାଇଥିଲେ। କିନ୍ତୁ ସେ ୨୯ଟି ବଲର ସାମ୍ନା କରି ଜୁରେଲଙ୍କ ଶତକ ପୂରଣରେ ସହାୟତା କରିଥିଲେ।

ସିରାଜ ଆଉଟ ହେବା ପରେ ଜୁରେଲ କିଛି ବଡ ଶଟ ଖେଳି ଦଳୀୟ ସ୍କରକୁ ୫୦୦ ପାର କରିଥିଲେ। ଦଳୀୟ ସ୍କର ୪୯୯ ରନ ଥିବା ବେଳେ ପ୍ରସିଦ୍ଧ କ୍ରିଷ୍ଣାଙ୍କ ବ୍ୟାଟ୍‌ରୁ ଦେଖିବାକୁ ମିଳିଥିଲା ଚୌକା। ଏହି ଚୌକା ସହ ଭାରତର ସ୍କର ୫୦୦ ପାର କରିଥିଲା। ଭାରତ ୫୦୩/୯ ସ୍ଥିତିରେ ଥିବା ବେଳେ ଅଧିନାୟକ ଶୁବମନ ଗିଲ୍ ପାଳି ଘୋଷଣା କରିଥିଲେ। ଏହି ସମୟରେ ଜୁରେଲ ୧୧୫ ରନ କରିଥିଲେ। ଭାରତ ପାଳି ଘୋଷଣା କରିବାରୁ ଶ୍ରୀଲଙ୍କାକୁ ଦ୍ୱିତୀୟ ଦିନରେ ୩ ଓଭର ବ୍ୟାଟିଂ କରିବାକୁ ପଡିଥିଲା। ହେଲେ ଦ୍ୱିତୀୟ ଓଭରର ପ୍ରଥମ ବଲରେ ପ୍ରସିଦ୍ଧ ୧ ରନ କରିଥିବା ଲାହିରୁ ଉଦାରାଙ୍କୁ ଆଉଟ କରିଥିଲେ। ଶ୍ରୀଲଙ୍କା ୧ ରନରେ ପ୍ରଥମ ୱିକେଟ ହରାଇଥିଲା।ଖେଳ ସରିବାକୁ ୧୦ଟି ବଲ ବାକି ଥିବାରୁ ଶ୍ରୀଲଙ୍କା ନାଇଟ ୱାଚମ୍ୟାନ ଭାବେ ପ୍ରଭତ ଜୟସୁରିୟାଙ୍କୁ ପଠାଇଥିଲା। ସେ ମଧ୍ୟ ୬ଟି ବଲ ସାମ୍ନା କରି ୨ ରନ କରିଥିଲେ। କିନ୍ତୁ ଦିବସର ଶେଷ ବଲରେ ମାନବ ସୂତାର ତାଙ୍କୁ ଆଉଟ କରି ସବୁ କିଛି ଓଲଟପାଲଟ କରି ଦେଇଛନ୍ତି। ଏବେ ଶ୍ରୀଲଙ୍କା ଭାରତ ପ୍ରଥମ ଇନିଂସ ଠାରୁ ଆହୁରି ୪୯୫ ରନ ଦୂରରେ ରହିଛି।

# ଭାରତ ବିପକ୍ଷ ଟି-୨୦ ସିରିଜ୍ ପାଇଁ ଆଫଗାନିସ୍ତାନ ଦଳ ଘୋଷିତ

ନୂଆଦିଲ୍ଲୀ: ଆସନ୍ତା ମାସରେ ଭାରତ ବିପକ୍ଷରେ ଟି-୨୦ ସିରିଜ୍ ଖେଳିବ ଭାରତ । ତିନି ମ୍ୟାଚ୍ ବିଶିଷ୍ଟ ମ୍ୟାଚ୍ ଅନୁଷ୍ଠିତ ହେବାକୁ ଯାଉଛି। ତେବେ ଭାରତ ବିପକ୍ଷ ସିରିଜ୍ ପାଇଁ ଘୋଷଣା ହୋଇଛି ଆଫଗାନିସ୍ତାନ ଦଳ। ଇବ୍ରାହିମଙ୍କ ନେତୃତ୍ୱରେ ଦଳ ଭାରତ ବିପକ୍ଷରେ ମଇଦାନକୁ ଓହ୍ଲାଇବ । ସବୁଠୁ ବଡ଼ କଥା ହେଲା, ଏହି ସିରିଜ୍ ମାଧ୍ୟମରେ ଦଳର ଘାତକ ଦ୍ରୁତ ବୋଲର ନବୀନ-ଉଲ୍-ହକ୍ ପୁନର୍ବାର ଜାତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି।

ଆଫଗାନିସ୍ତାନ କ୍ରିକେଟ୍ ବୋର୍ଡର ସୂଚନା ଅନୁଯାୟୀ, ଭାରତ ଏବଂ ଆଫଗାନିସ୍ତାନ ମଧ୍ୟରେ ଏହି ତିନି ମ୍ୟାଚ ବିଶିଷ୍ଟ ଟି-୨୦ ସିରିଜ୍ ନୂଆଦିଲ୍ଲୀର ଅରୁଣ ଜେଟଲୀ କ୍ରିକେଟ୍ ଷ୍ଟାଡିୟମରେ ଅନୁଷ୍ଠିତ ହେବ।ସିରିଜ୍ର କାର୍ଯ୍ୟସୂଚୀ ମୁତାବକ, ପ୍ରଥମ ମୁକାବିଲା ସେପ୍‌ଟେମ୍ବର ୧୩ରେ, ଦ୍ୱିତୀୟ ମ୍ୟାଚ୍ ସେପ୍‌ଟେମ୍ବର ୧୫ରେ ଏବଂ ତୃତୀୟ ତଥା ଅନ୍ତିମ ଟି-୨୦ ମ୍ୟାଚ୍ ସେପ୍‌ଟେମ୍ବର ୧୭ ତାରିଖରେ ଖେଳାଯିବ।

ଡାହାଣହାତୀ ଦ୍ରୁତ ବୋଲର ନବୀନ-ଉଲ୍-ହକ୍ ଆହତ କାରଣରୁ ଦଳରୁ ବାହାରେ ଥିଲେ।କାନ୍ଧରେ ଆଘାତ ଲାଗିବା ଯୋଗୁଁ ସେ ୱେଷ୍ଟଇଣ୍ଡିଜ୍ ବିପକ୍ଷ ସିରିଜ୍ ଏବଂ ଟି-୨୦ ବିଶ୍ୱକପ୍ରୁ ବଞ୍ଚିତ ହୋଇଥିଲେ।ବର୍ତ୍ତମାନ ସମ୍ପୂର୍ଣ୍ଣ ଫିଟ୍ ହୋଇ ସେ ଦଳକୁ ଫେରିଥିବାରୁ ଆଫଗାନିସ୍ତାନର ପେସ୍ ଆଟାକ୍ ଅଧିକ ଶକ୍ତିଶାଳୀ ହୋଇଛି।ତାଙ୍କ ସହିତ ଫଜଲହକ ଫାରୁକୀ ଏବଂ ଅଜମତୁଲ୍ଲା ଉମରଜାଇ ମଧ୍ୟ ଦ୍ରୁତ ବୋଲିଂ ଭାର ସମ୍ଭାଳିବେ।ଏହାଛଡ଼ା ଅଭିଜ୍ଞ ଅଲରାଉଣ୍ଡର ଗୁଲବଦୀନ ନାଏବ ମଧ୍ୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଆଫଗାନିସ୍ତାନର ସବୁଠୁ ବଡ଼ ଶକ୍ତି ଏହାର ସ୍ପିନ୍ ଆଟାକ୍ । ଏହି ଦଳରେ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ସ୍ପିନର୍ ରସିଦ ଖାନଙ୍କ ସହିତ ନୂର ଅହମଦ, ମୁଜିବ ଉର ରହମାନ ଏବଂ ନାଙ୍ଗ୍ୟାଲ ଖରୋଟିଙ୍କ ଭଳି ଘାତକ ସ୍ପିନର୍ ସାମିଲ ଅଛନ୍ତି।ଅଭିଜ୍ଞ ଅଲରାଉଣ୍ଡର ମହମ୍ମଦ ନବୀ ମଧ୍ୟ ଦଳର ମଧ୍ୟକ୍ରମକୁ ଅଧିକ ମଜବୁତ ଏବଂ ସନ୍ତୁଳିତ କରିବେ।

# ଏସୀୟ କ୍ରୀଡ଼ା ଟେନିସ୍ ଦଳ ଚୟନକୁ ନେଇ ପ୍ରଶ୍ନ ଉଠାଇଲେ ବୋପନ୍ନା

ନୂଆଦିଲ୍ଲୀ, ୨୪।୮ : ଦୁଇ ଥର ଏସୀୟ କ୍ରୀଡ଼ା ସ୍ୱର୍ଣ୍ଣ ପଦକ ବିଜେତା ରୋହନ ବୋପନ୍ନା ଆଗାମୀ ଏସୀୟ କ୍ରୀଡ଼ା ପାଇଁ ଭାରତୀୟ ଟେନିସ୍ ଦଳରେ କରାଯାଇଥିବା ପରିବର୍ତ୍ତନକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଲିଙ୍କଡଇନ୍‌ରେ ଏକ ବିବୃତି ଜାରି କରି ବୋପନ୍ନା ଏହି ଚୟନ ନିୟମର ସମ୍ଭାବ୍ୟ ପ୍ରଭାବକୁ ନେଇ ଚିନ୍ତା ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଭାରତର ମହିଳା ଏକକରେ ଏକ ନମ୍ବର ଓ ଦୁଇ ନମ୍ବର ଖେଳାଳିଙ୍କ ସମେତ ୫ ଜଣ ଖେଳାଳି କଠିନ ପରିଶ୍ରମ କରି ନିଜର ମାନ୍ୟତା ହାସଲ କରିଛନ୍ତି। ଏଥିରେ କୌଣସି ସର୍ଟକଟ୍ କିମ୍ବା ବିଶେଷ ସୁବିଧା ନଥିଲା। ଏହି ଖେଳାଳିମାନେ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗନେଇ, ଯୋଗ୍ୟତା ହାସଲ କରିବା ସହ ନିଜ ସ୍ଥାନ ପ୍ରମାଣ କରିଛନ୍ତି। ତେଣୁ ଚୟନ ନିୟମର ପରିବର୍ତ୍ତନ ଏହି ଖେଳାଳିଙ୍କ କ୍ୟାରିୟର ଉପରେ କି ପ୍ରଭାବ ପକାଇବ, ସେ ନେଇ ବୋପନ୍ନା ପ୍ରଶ୍ନ ଉଠାଇଛନ୍ତି।

କ୍ରୀଡ଼ା ମନ୍ତ୍ରଣାଳୟର ନିର୍ଦ୍ଦେଶାବଳୀ ଅନୁଯାୟୀ, ଏସୀୟ କ୍ରୀଡ଼ା ଟେନିସ୍ ଦଳ ଚୟନ ପାଇଁ ଏସିଆର ଶ୍ରେଷ୍ଠ ୮ ମାନ୍ୟତା ମଧ୍ୟରେ ଥିବା ଖେଳାଳିଙ୍କୁ ମୁଖ୍ୟ ମାନଦଣ୍ଡ କରାଯାଇଛି। ଏହା ଫଳରେ ମାନସ ଧାମନେ, ବୈଷ୍ଣବୀ ଆଡକର, ସହଜା ଯାମଲାପଲ୍ଲୀ, ବୈଦେହୀ ଚୌଧୁରୀ ଓ ପ୍ରାର୍ଥନା ଥୋମ୍ବାରେଙ୍କ ଭଳି ଖେଳାଳି ବାଦ ପଡ଼ିଛନ୍ତି।

# ଜୈସ୍ୱାଲ ଦୋଷୀ, ଗଣିବେ ୨୫% ଫାଇନ୍

ନୂଆଦିଲ୍ଲୀ, ୨୪।୦୮ : ଯଶସ୍ୱୀ ଜୈସ୍ୱାଲ ପୁଣି ଥରେ ହେଡଲାଇନରେ । ସେ ଚର୍ଚ୍ଚାରେ ରହିବାର କରାଣ ତାଙ୍କ ବ୍ୟାଟିଂ ନୁହେଁ ବରଂ ପଡ଼ିଆରେ ତାଙ୍କର ଖରାପ ଆଚରଣ । କଲମ୍ବୋ ଟେଷ୍ଟ ମଝିରେ ଯଶସ୍ୱୀ ଜୈସ୍ୱାଲଙ୍କୁ ଜରିମାନା କରାଯାଇଛି । ମ୍ୟାଚର ପ୍ରଥମ ଦିନରେ ଜୈସ୍ୱାଲ ଓ ଶ୍ରୀଲଙ୍କାର ଦ୍ରୁତ ବୋଲର ଅସିଥା ଫର୍ଣ୍ଣାଣ୍ଡୋଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜିଥିଲା । ଅସିଥା ଜୈସ୍ୱାଲଙ୍କୁ ଆଉଟ୍ କରି କିଛି କହିଥିଲେ, ଯାହା ପରେ ଏହି ଭାରତୀୟ ବ୍ୟାଟ୍?ର ପାଭିଲିୟନ ଫେରୁଥିବାବେଳେ ପୁଣି ପଛକୁ ଫେରି ଆସିଥିଲେ । ଶ୍ରୀଲଙ୍କା ବୋଲରଙ୍କୁ କିଛି କହିଥିଲେ । ଅମ୍ପାୟାର, ଉଭୟ ଟିମ୍‌ର ଖେଳାଳିଙ୍କ ବିରୋଧରେ ଅଭିଯୋଗ କରିଥିଲେ ଏବଂ ବର୍ତ୍ତମାନ ଉଭୟ ଜୈସ୍ୱାଲ ଏବଂ ଅସିଥା ଦୋଷୀ ସାବ୍ୟସ୍ତ ହୋଇଛନ୍ତି । ସେମାନଙ୍କୁ ମ୍ୟାଚ୍ ଫିସ୍‌ରୁ ୨୫ ପ୍ରତିଶତ କାଟ୍ ହୋଇଛି ।



ଯଶସ୍ୱୀଙ୍କୁ କେତେ ଜରିମାନା କରାଯାଇଛି ବାମହାତୀ ଭାରତୀୟ ଓପନର ଯଶସ୍ୱୀ ଜୈସ୍ୱାଲଙ୍କ ମ୍ୟାଚ୍ ଫି ୨୫ ପ୍ରତିଶତ ହ୍ରାସ କରାଯାଇଛି । ଏହାର ଅର୍ଥ ହେଉଛି ଏହି ମ୍ୟାଚ୍ ପରେ ସେମାନେ ସମ୍ପୂର୍ଣ୍ଣ ମ୍ୟାଚ୍ ଫି ପାଇବେ ନାହିଁ । ତାଙ୍କୁ ୩.୫ ଲକ୍ଷ ଟଙ୍କା ଜରିମାନା ଦେବାକୁ ପଡିବ । ଜୈସ୍ୱାଲଙ୍କ ଟେଷ୍ଟ ମ୍ୟାଚ୍ ଫି ୧୫ ଲକ୍ଷ ଟଙ୍କା ଏବଂ ସେଥିରୁ ୨୫ ପ୍ରତିଶତ ହେଉଛି ୩.୫ ଲକ୍ଷ ଟଙ୍କା । ଅସିଥାଙ୍କ ୨୫ ପ୍ରତିଶତ ମ୍ୟାଚ୍ ଫି ମଧ୍ୟ କଟାଯିବ । ତେବେ ମ୍ୟାଚ୍ ଫି କମ୍ ଥିବାରୁ ତାଙ୍କ ଟଙ୍କା କମ୍ କାଟିବ । ଶ୍ରୀଲଙ୍କାରେ, ଟେଷ୍ଟ ମ୍ୟାଚ୍ ଫଳାଫଳ ଆଧାରରେ ମ୍ୟାଚ୍ ଫି ଗ୍ରହଣ କରାଯାଏ । ଜୈସ୍ୱାଲ-ଫର୍ଣ୍ଣାଣ୍ଡୋଙ୍କୁ ଡିମେରିଟ୍ ପଏଣ୍ଟ- ଜୈସ୍ୱାଲ ଓ ଫର୍ଣ୍ଣାଣ୍ଡୋଙ୍କର ଖାଲି ୨୫ ପ୍ରତିଶତ ମ୍ୟାଚ୍ ଫି କଟାଯାଇ ନାହିଁ, ଉଭୟଙ୍କୁ ଗୋଟିଏ ଲେଖାଏଁ ଡିମେରିଟ୍ ପଏଣ୍ଟ ଦିଆଯାଇଛି । ଉଭୟ ଖେଳାଳି ଆଚରଣ ସଂହିତାର ୨.୧୨ ପାଇଁ ଦୋଷୀ ସାବ୍ୟସ୍ତ ହୋଇଛନ୍ତି । ରବିବାର ୧୭ ତମ ଓଭରରେ ଜୈସୱାଲ ଏବଂ ଫର୍ଣ୍ଣାଣ୍ଡୋଙ୍କ ମଧ୍ୟରେ ମାହୋଲ ସରଗରମ ହୋଇଥିଲା । ଜୈସ୍ୱାଲଙ୍କୁ ବୋଲିଂ କରିବା ପରେ ଫର୍ନାଣ୍ଡୋ କିଛି କହିଥିଲେ । ଏହା ପରେ ଜୈସ୍ୱାଲ ଫର୍ଣ୍ଣାଣ୍ଡୋଙ୍କ ଆଡକୁ ମୁହାଁଇଥିଲେ । ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା । ଏହା ପରେ ଫର୍ଣ୍ଣାଣ୍ଡୋ ଜୈସୱାଲ ଆଡକୁ ମୁଣ୍ଡ ଉଠାଇଥିଲେ । ଏହାର ଜବାବରେ ଜୈସ୍ୱାଲ ମଧ୍ୟ ଆଗକୁ ଆସିଥିଲେ ଏବଂ ଦୁହିଁଙ୍କ ମୁଣ୍ଡ ଧକ୍କା ହୋଇଥିଲା । ଉଭୟ ଖେଳାଳି ସେମାନଙ୍କ ଅପରାଧ ପାଇଁ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଉଭୟ ମ୍ୟାଚ୍ ରେଫରି ଆଣ୍ଡି ପାଇକ୍ରଫ୍ଟଙ୍କ ନିକଟରେ ହାଜର ହୋଇନାହାଁନ୍ତି ।

# ଜତୀୟ କନିଷ୍ଠ ସନ୍ତରଣରେ ଓଡିଶା ପଦକଶୂନ୍ୟ

ଭୁବନେଶ୍ୱର: କଳିଙ୍ଗ ଷ୍ଟାଡିୟମ୍ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତା ପାଇଁ ବର୍ଷ ତମାମ ଚଳଚଞ୍ଚଳ। କିନ୍ତୁ ଓଡିଶା ଖେଳାଳିମାନଙ୍କ ପ୍ରଦର୍ଶନ କ୍ରମେ ନିମ୍ନଗାମୀ ହେବାରେ ଲାଗିଛି। ଶନିବାର ବିଶ୍ୱ ଦେସଉକୁଦର ମହାଦେଶୀୟ ସିଲଭର ସଂସ୍କରଣରେ ୬ଜଣ ଓଡିଆ ପୋଡିୟମ୍ ଫିନିସ୍‌ରେ ବିଫଳ ହୋଇଥିଲେ। ରବିବାର ସନ୍ତରଣାଗାରରେ ବି ଓଡିଶା ଖେଳାଳି ନିରାଶ କରିଛନ୍ତି। ଏହି ଅନ୍ତର୍ଜାତୀୟ ସ୍ତରର ପୁଲ୍‌ରେ ରବିବାର ଶେଷ ହୋଇଛି ୫୨ତମ ଜାତୀୟ କନିଷ୍ଠ ସନ୍ତରଣ ପ୍ରତିଯୋଗିତା। ୧୧ ଜଣିଆ ଓଡିଶା ଦଳ ଏହି ୬ ଦିନିଆ ପ୍ରତିଯୋଗିତାରେ ଗୋଟିଏ ବି ପଦକ ଜିତିବାରେ ସକ୍ଷମ ହୋଇନାହାନ୍ତି। ଅଗଷ୍ଟ ପ୍ରାରମ୍ଭରେ ରାଜସ୍ଥାନର ଜୟପୁରଠାରେ ଅନୁଷ୍ଠିତ ଜାତୀୟ ଉପକନିଷ୍ଠ ପ୍ରତିଯୋଗିତାରେ ସୌରଭ ପୁଟେଲ୍ ୩ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଉପକନିଷ୍ଠ ବର୍ଗରେ ଖେଳିଥିବାରୁ କନିଷ୍ଠ ବର୍ଗରେ ଭାଗନେବା ପାଇଁ ନିୟମ ଥିବାରୁ ସେ ଏଥିରୁ ବଞ୍ଚିତ ହୋଇଥିଲେ। କର୍ଣ୍ଣାଟକ ଦଳଗତ ବିଜେତା ହୋଇଥିବାବେଳେ ଏହି ରାଜ୍ୟର ଏସ ଶରଣ ୫ ସ୍ୱର୍ଣ୍ଣ ପଦକ ଜିତି ବାଳକ ୧(ବି)ରେ ଶ୍ରେଷ୍ଠ ସନ୍ତରକ ବିବେଚିତ ହୋଇଛନ୍ତି। ୪ଟି ବର୍ଗରୁ ୩ଟିରେ କର୍ଣ୍ଣାଟକ ବିଜେତା ହୋଇଛି।

# ବଲାଙ୍ଗିର ଜିଲ୍ଲାକୁ ୩ ସ୍ୱର୍ଣ୍ଣ ସହିତ ମୋଟ ୧୨ଟି ପଦକ ହାସଲ

ବଲାଙ୍ଗିର, ୨୪/୮ – ଚଳିତ ମାସ ୨୧ ରୁ ୨୩ ଅଗଷ୍ଟ ୨୦୨୬ ୩ ଦିନ ଧରି ଝାରସୁଗୁଡା ର ବେଲପାହାଡ ଠାରେ ୩୨ତମ ରାଜ୍ୟ ଉଷୁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତାରେ ଓଡିଶାର ବିଭିନ୍ନ ଜିଲ୍ଲା ପ୍ରାୟ ୪୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ବଲାଙ୍ଗିର ଜିଲ୍ଲାରୁ ୩ଟି ସ୍ୱର୍ଣ୍ଣ ପଦକ ସହିତ ମୋଟ ୧୨ଟି ପଦକ ହାସଲ କରିଛନ୍ତି । ଦିୟା ସାଗର ସ୍ୱର୍ଣ୍ଣ ପଦକ ସହିତ ଶ୍ରେଷ୍ଠ ଖେଳାଳି ଟ୍ରଫି, ସନ୍ଧ୍ୟା ନାଗ ସ୍ୱର୍ଣ୍ଣ ପଦକ, ଅଭିପ୍ସା ହୋତା ସ୍ୱର୍ଣ୍ଣ ପଦକ, ସୁହାନି ଗୁରହାଣ୍ଡି ରୌପ୍ୟ ପଦକ, ସୂର୍ଯ୍ୟ ଜେନା ରୌପ୍ୟ ପଦକ, ଅଂଶୁମାନ ସାହୁ ରୌପ୍ୟ ପଦକ, ଶୁଭଶ୍ରୀ ବିଶି ରୌପ୍ୟ ପଦକ, ଜଗନ୍ନାଥ ମେହେର ରୌପ୍ୟ ପଦକ, ନୟନ ରାୟ କାଂସ୍ୟ, ପ୍ରତ୍ୟୁର୍ଯ୍ୟା ରାୟ କାଂସ୍ୟ ପଦକ, ଯଜ୍ଞ ପ୍ରକାଶ ତ୍ରିପାଠି କାଂସ୍ୟ ପଦକ, ରାହୁଲ ସେଠ କାଂସ୍ୟ ପଦକ ଆଣି ବଲାଙ୍ଗିର ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି । ଓଡିଶା ଉଷୁ ସଂଘ ଚେୟାରମେନ ସୁଧାଂଶୁ ଶେଖର ହରିଚନ୍ଦନ ଓ ବଲାଙ୍ଗିର ଜିଲ୍ଲା ଉଷୁ ସଂଘ ସଭାପତି ତପନ ପାଣିଗ୍ରାହୀ ସଫଳତା ପାଇଁ ଅଭିନନ୍ଦନ ଜଣାଇଛନ୍ତି ବୋଲି ଉଷୁ କୋଚ ଯୁଧିଷ୍ଠିର ଗୁରହାଣ୍ଡି ସୂଚନା ଦେଇଛନ୍ତି ।




# ବିଦେଶ ମାଟିରେ ପନ୍ତଙ୍କ ରେକର୍ଡ

ନୂଆଦିଲ୍ଲୀ, ୨୪/୦୮ : ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ କଲମ୍ବୋରେ ଦ୍ୱିତୀୟ ଟେଷ୍ଟ ଚାଲିଛି । ଭାରତର ଷ୍ଟାର ୱିକେଟ୍ କିପର ବ୍ୟାଟର ରଷବ ପନ୍ତ ଦ୍ୱିତୀୟ ଦିନରେ ଦମଦାର ଅର୍ଦ୍ଧଶତକ ହାସଲ କରିଛନ୍ତି ।୮୮ ବଲରେ ୬ ଚୌକା ଏବଂ ୨ ଛକା ସହ ୬୩ ରନ୍ କରିଛନ୍ତି । ଏହା ତାଙ୍କ ଟେଷ୍ୟ କ୍ୟାରିୟରର ୨୧ ତମ ଅର୍ଦ୍ଧଶତକ । ପନ୍ତ ଏହି ଅର୍ଦ୍ଧଶତକୀୟ ପାଳି ସହିତ ବିଦେଶ ମାଟିରେ ଇତିହାସ ରଚିଛନ୍ତି । ଟେଷ୍ଟ କ୍ରିକେଟରେ ଘର ବାହାରେ ସର୍ବାଧିକ ରନ୍ କରିଥିବା ଭାରତୀୟ ୱିକେଟ୍ କିପରି ବ୍ୟାଟର ହୋଇଛନ୍ତି । ଟେଷ୍ଟରେ ସେ ୨୫୪୫ ରନ୍ କରିଛନ୍ତି । ପନ୍ତ ପୂର୍ବତନ ୱିକେଟକ୍ରିକେଟ ବ୍ୟାଟର ଏମଏସ ଧୋନିଙ୍କ ରେକର୍ଡ ଭାଙ୍ଗିଛନ୍ତି । ଧୋନୀ ତାଙ୍କ ଟେଷ୍ଟ କ୍ୟାରିୟରେ ବିଦେଶ ମାଟିରେ ମୋଟ୍ ୨୪୯୬ ରନ୍ କରିଛନ୍ତି । ସବୁଠୁ ବଡ କଥା ହେଉଛି ଶ୍ରୀଲଙ୍କା ଟୁର ପୂର୍ବରୁ ପନ୍ତ ଧୋନିଙ୍କୁ ଭେଟିଥିଲେ । ସୋସିଆଲ ମିଡିଆରେ ଦୁହିଁଙ୍କ ଫଟୋ ସାମ୍ନାକୁ ଆସିଥିଲା ।

ନମ୍ବର ୱାନ୍ ନିକଟ ପନ୍ତ- ୨୮ ବର୍ଷୀୟ ରଷବ ପନ୍ତ ୱିକେଟ୍ କିପର ଭାବେ ସର୍ବାଧିକ ରନ କରିଥିବା ତାଲିକାର ଦ୍ୱିତୀୟ ସ୍ଥାନରେ ଅଛନ୍ତି । ସାଉଥ୍ ଆଫ୍ରିକାର ପୂର୍ବତନ ୱିକେଟ୍ କିପର ବ୍ୟାଟର ମାର୍କ ବାଉଚରଙ୍କୁ (୨୫୧୪ ରନ୍) ପଛରେ ପକାଇଛନ୍ତି । ଅଷ୍ଟ୍ରେଲିଆର ପୂର୍ବତତନ ୱିକେଟ୍ କିପରି ବ୍ୟାଟର ଗିଲକ୍ରିଷ୍ଟ ୨୬୩୪ ଟେଷ୍ଟ ରନ ସହି ପ୍ରଥମ ସ୍ଥାନରେ ଅଛନ୍ତି । ପନ୍ତ ୫୨ ଟେଷ୍ଟ ରେ ୧୦୨ ଛକା ସହ ତୃତୀୟ ସ୍ଥାନରେ ଅଛନ୍ତି । ଭାରତୀୟ ୱିକେଟ୍ କିପର ଭାରେ ପନ୍ତ ପ୍ରଥମ ସ୍ଥାନରେ ଅଛନ୍ତି । ଦ୍ୱିତୀୟରେ ଏମଏସ ଧୋନି ଅଛନ୍ତି । କଲମ୍ବୋ ଟେଷ୍ଟର ପ୍ରଥମ ଇନିଂସରେ ପନ୍ତ ରିଟାୟର୍ଡ ହଟ୍ ହୋଇଥିଲେ । ଦ୍ୱିତୀୟ ଇନିଂସରେ ଧୂଆଁଧାର ବ୍ୟାଟିଂ କରି ଇତିହାସ ରଚିଛନ୍ତି ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982